52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା
Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ
ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ
dainikasha.press
dainikasha.press
dainikasha.press
RNI NO-42004/83 | Vol. : 45/ Issue : 112 | Brahmapur | Friday 05 June 2026 | ବର୍ଷ: ୪୫/ ଅଙ୍କ: ୧୧୨ | ଶୁକ୍ରବାର ୫ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

### ବ୍ରିକ୍ସ ସମ୍ମିଳନୀକୁ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

# ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନାରେ ଓଡ଼ିଶା ବିଶ୍ୱବିଦିତ: ମୋହନ

ପୁରୀ ୪।୬: ପୁରୀରେ ବ୍ରିକ୍ସ ରାଷ୍ଟ୍ର ସମୂହର ସମ୍ମିଳନୀକୁ ଉଦଘାଟନ



କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବ୍ରିକ୍ସ ରାଷ୍ଟ୍ର ସମୂହର ୧୧ଟି ଦେଶକୁ ନେଇ ପୁରୀ ତାଜ୍ ହୋଟେଲରେ ତିନିଦିନିଆ ସମ୍ମିଳନୀର ଆୟୋଜନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ହେଉଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଏକ ଚାଲେଞ୍ଜ ଭାବରେ ଉଭା ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅନେକ ଧନଜୀବନ କ୍ଷତି ଘଟୁଛି। ଏଣୁ ପ୍ରାକୃତିକ ବିପର୍ଯ୍ୟୟ ବିପତ୍ତିକୁ କିଭଳି ହ୍ରାସ କରାଯାଇପାରିବ, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ ସହିତ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଏବଂ ଉଦ୍ଧାର କାର୍ଯ୍ୟରେ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଉପରେ ବ୍ରିକ୍ସ ରାଷ୍ଟ୍ର ସମୂହ ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ରହିଛି। ତେବେ ଓଡ଼ିଶା ସାରା ବିଶ୍ୱରେ ବିପର୍ଯ୍ୟୟ ପରିଚାଳନାରେ ଏକ ସ୍ୱତନ୍ତ୍ର ମଡେଲ ଭାବେ ପରିଚୟ ପାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରକ୍ରିୟା ନେଇ ବ୍ରିକ୍ସ ସମ୍ମିଳନୀର ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିପର୍ଯ୍ୟୟ ବୃଦ୍ଧି ପାଉଥିବା ବେଳେ ବ୍ରିକ୍ସ ରାଷ୍ଟ୍ର ସମୂହର ଦେଶ ମାନେ ପରସ୍ପର ସହଯୋଗ ନେଇ ବିପର୍ଯ୍ୟୟ ବିପତ୍ତି ହ୍ରାସ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ମୁଖ୍ୟମନ୍ତ୍ରୀ। ବ୍ରିକ୍ସ ଦେଶର ପ୍ରତିନିଧି ମାନେ ଯେଉଁ ଜ୍ଞାନକୌଶଳ ଏହି ବୈଠକରେ ଉପସ୍ଥାପନା କରିବେ ତାର ତର୍ଜମା କରାଯାଇ ଯେଉଁ ନିଷ୍କର୍ଷ ବାହାରିବ ତାହା ଆଗାମୀ ଦିନରେ ଓଡ଼ିଶା କାର୍ଯ୍ୟକାରୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ହୋଇଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା ଓ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ସରକାର ରାମେଶ୍ୱର ଠାରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ କରିବାକୁ ଯାଉଛନ୍ତି। ଯାହାକି ଆଗାମୀ ଦିନରେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ବେଶ୍ ସହାୟକ ହେବ। ସେହିପରି ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ରିଙ୍ଗ ରୋଡ ନିର୍ମାଣ ସହିତ ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ତିଆରି ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯାହାକି ଆଗାମୀ ଦିନରେ ଓଡ଼ିଶାରେ ଅର୍ଥନୀତି ଅଭିବୃଦ୍ଧି ଏବଂ ବିକାଶ ହେବା ସହ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିରେ ମଧ୍ୟ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ବିକଶିତ ଭାରତ ଏଜେଣ୍ଡାରେ ବିପର୍ଯ୍ୟୟ ବିପତ୍ତି ହ୍ରାସ ପ୍ରସଙ୍ଗ କୁ ଗୁରୁତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀଙ୍କୁ। ସେପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଆଗାମୀ ଦିନରେ ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ସହିତ ସୁଦୃଢ଼ ଭିତ୍ତିଭୂମି ମଧ୍ୟ ନିର୍ମାଣ ହେବ। ଯାହାଦ୍ୱାରା ଓଡ଼ିଶା ସାରା ବିଶ୍ୱରେ ବିପର୍ଯ୍ୟୟ ପରିଚାଳନାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ।

ଜୁନ୍ ୩ ରୁ ୫ ତାରିଖ ଯାଏଁ ତିନିଦିନ ଧରି ପୁରୀ ତାଜ୍ ରିସର୍ଟରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରାଯାଉଛି। ଏହି ଅବସରରେ ବ୍ରିକ୍ସ ଦେଶର ପ୍ରତିନିଧି ମଣ୍ଡଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ସହିତ ରାମଚଣ୍ଡୀ ଠାରେ ଓଡ୍ରାଫ ପକ୍ଷରୁ ପ୍ରଦର୍ଶିତ ହେବାକୁ ଥିବା ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନୀ ଦେଖିବେ। ଏଥିସହିତ ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ନେଇ ରାଜ୍ୟ ସରକାରଙ୍କ ତୃଣମୂଳ ସ୍ତରରେ ପ୍ରସ୍ତୁତିକୁ ମଧ୍ୟ ଦେଖିବେ ବ୍ରିକ୍ସ ପ୍ରତିନିଧି ମଣ୍ଡଳୀ।

### ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟ ପରାମର୍ଶ

# ସଠିକ୍ ଲୋକଙ୍କୁ ସଠିକ୍ ସ୍ଥାନରେ ନିଯୁକ୍ତି ଦେବାର ଆବଶ୍ୟକ

ନୂଆଦିଲ୍ଲୀ,୪।୬: ବେଳେବେଳେ ଅଧିକ ଶିକ୍ଷିତ ହେବା କୌଣସି ଏକ ନିର୍ଦ୍ଦିଷ୍ଟ ଚାକିରି ପାଇଁ ଅଯୋଗ୍ୟତା ପାଲଟିଯାଇଥାଏ। ଦେଶରେ ବେକାରଙ୍କ ସଂଖ୍ୟା ବଢୁଥିବାବେଳେ ପିଏଚ୍‌ଡି ଧାରକଙ୍କ ସମେତ ଉଚ୍ଚ ଯୋଗ୍ୟତାସମ୍ପନ୍ନ ଯୁବବର୍ଗ ଗ୍ରୁପ୍ ଡି ସରକାରୀ ଚାକିରି ପାଇଁ ପ୍ରତିଯୋଗିତା କରୁଛନ୍ତି। ଏହି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି କୌଣସି ଏକ ପଦବୀ ପାଇଁ ଏକ ନିର୍ଦ୍ଦିଷ୍ଟ ସର୍ବାଧିକ ଯୋଗ୍ୟତାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥାନ୍ତି, ତେବେ ତାଙ୍କୁ ଚାକିରି ପାଇଁ ଅଯୋଗ୍ୟ ଘୋଷିତ କରାଯାଇପାରିବ।

ଜଣେ ନିଯୁକ୍ତିଦାତାଙ୍କର ସଠିକ୍ ଲୋକଙ୍କୁ ସଠିକ୍ ସ୍ଥାନରେ ନିଯୁକ୍ତି ଦେବାର ଆବଶ୍ୟକତା। ସର୍ବଦା ଉଚ୍ଚ ଯୋଗ୍ୟତାସମ୍ପନ୍ନ ଲୋକଙ୍କୁ ବୁଝାଏ ନାହିଁ ବୋଲି ବିଚାରପତି ହସନାଇନୁଦ୍ଦିନ୍ ଅମାନୁଲ୍ଲାହ ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ଏକ ପଦବୀ ପାଇଁ ଯୋଗ୍ୟତା ପାଇଁ ଏକ ସୀମା ନିର୍ଦ୍ଧାରଣ



କରିବା ତଥା ଉଚ୍ଚ ଡିଗ୍ରୀଧାରୀମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ସରକାରଙ୍କ ନିଷ୍ପତ୍ତିରେ କୌଣସି ଭୁଲ୍ ନାହିଁ। କୋର୍ଟ କହିଛନ୍ତି, ଉଚ୍ଚ ଯୋଗ୍ୟତା ସୀମା ସ୍ଥିର କରିବା ଯୁକ୍ତିଯୁକ୍ତ ଏବଂ ନ୍ୟାୟପୂର୍ଣ୍ଣ। ଏହାର ଉଦ୍ଦେଶ୍ୟ ହେଉଛି ଯେଉଁମାନେ ଜୀବନର କୌଣସି ପ୍ରତିକୂଳ ପରିସ୍ଥିତି ଯୋଗୁଁ ଉଚ୍ଚଶିକ୍ଷା ହାସଲ କରିପାରି ନାହାନ୍ତି ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା। ଏକ ଆଦର୍ଶ ନିଯୁକ୍ତିଦାତା ଭାବରେ, ରାଜ୍ୟ ଏପରି ବ୍ୟକ୍ତିଙ୍କ ପାଇଁ କିଛି ବର୍ଗର ପଦବୀ ସଂରକ୍ଷଣ କରିବାରେ ସମ୍ପୂର୍ଣ୍ଣ ଯଥାର୍ଥ, ଯାହା ଦ୍ୱାରା ସେମାନଙ୍କୁ ଅଧିକ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କ ସହ ପ୍ରତିଯୋଗିତା କରିବାକୁ ପଡ଼ିବ ନାହିଁ। ଯଦି ସେଭଳି ହେବ ତେବେ ସାଧାରଣତଃ ସେମାନଙ୍କର ଚୟନର ସମ୍ଭାବନା ବହୁତ କମ୍ ରହିବ।

ଏପରି ନୀତିକୁ କୋର୍ଟଙ୍କ ପକ୍ଷରୁ ସମର୍ଥନ କରାଯାଇଛି। ତେଣୁ, ଯେତେବେଳେ ଏକ ପଦବୀ ନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବରେ ସଂରକ୍ଷିତ କରାଯାଏ, ସେତେବେଳେ ଉଚ୍ଚ ଯୋଗ୍ୟତା ଥିବା ବ୍ୟକ୍ତିଙ୍କୁ ସେହି ଚାକିରି ପାଇବାକୁ ଅନୁମତି ଦେବା ନିଶ୍ଚିତ ଭାବରେ ଜଣେ ପ୍ରକୃତ ଯୋଗ୍ୟ ପ୍ରାର୍ଥୀଙ୍କୁ ସେହି ସୁଯୋଗରୁ ବଞ୍ଚିତ କରିବ। ଯଦିଓ ଆମେ ପ୍ରତିବାଦୀଙ୍କ ପ୍ରତି ସହାନୁଭୂତି ପ୍ରକାଶ କରୁଛୁ। ତେବେ ତାଙ୍କ ଆଚରଣ ଏବଂ ଆଇନର ପ୍ରଣୟନ ସ୍ଥିତିକୁ ଦୃଷ୍ଟିରେ ରଖି, ଆମ ପାଖରେ ବିବାଦିତ ରାୟରେ ହସ୍ତକ୍ଷେପ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ଶୀର୍ଷ କୋର୍ଟ କହିଛନ୍ତି। କୋର୍ଟ ଏହି ନିର୍ଦ୍ଦେଶ ଜାରି କରି ଜଣେ ବ୍ୟାଙ୍କ କର୍ମଚାରୀଙ୍କ ବହିଷ୍କାର ଆଦେଶକୁ କାଏମ୍ ରଖିଛନ୍ତି। ବହିଷ୍କାରର କାରଣ ଥିଲା ଯେ, କର୍ମଚାରୀ ଜଣକ ଚାକିରିରେ ଯୋଗଦେବା ସମୟରେ ସ୍ନାତକ ଥିଲେ। କିନ୍ତୁ ଚାକିରି ସର୍ତ୍ତାବଳୀ ଅନୁଯାୟୀ ପ୍ରାର୍ଥୀ ଅଷ୍ଟମ ଶ୍ରେଣୀ ପାସ୍ କରିବା ଆବଶ୍ୟକଥିଲା। ଏହା ସହିତ ଦର୍ଶାଯାଇଥିଲା ଯେ ପ୍ରାର୍ଥୀ ଦ୍ୱାଦଶ ଶ୍ରେଣୀ ପାସ୍ କରି ନଥିବେ କିମ୍ବା କୌଣସି ଉଚ୍ଚ ଯୋଗ୍ୟତା ହାସଲ କରି ନଥିବେ। କିନ୍ତୁ ଆବେଦନକାରୀ ଚାକିରିରେ ଯୋଗଦେବା ସମୟରେ ସ୍ନାତକ ଶିକ୍ଷାଗତ ଯୋଗ୍ୟତା ହାସଲ କରିସାରିଥିଲେ। ଯାହା ନିଯୁକ୍ତି ସର୍ତ୍ତାବଳୀର ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଥିଲା।

## କବି, ଲେଖକ ଜଗନ୍ନାଥ ପ୍ରସାଦ ଦାସଙ୍କ ଦେହାନ୍ତ

ଭୁବନେଶ୍ୱର, ୪।୬ : ପ୍ରଖ୍ୟାତ କବି, ଲେଖକ ତଥା ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକ ହୋଇଛି। ୯୦ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଅନ୍ୟତମ ଜେ.ପି. ଦାସଙ୍କୁ କବିତା, କଥାସାହିତ୍ୟ, ନାଟକ, ଆଲୋଚନା ଓ କଳା ଇତିହାସରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ବେଶ୍ ଜଣାଯାଏ । ୧୯୩୬ ମସିହାରେ ଓଡ଼ିଶାର ପୁରୀ ଜିଲ୍ଲାରେ ଜନ୍ମିତ ଜେ.ପି.ଦାସ ୧୯୭୦ ଦଶକରେ ଏକ ସଶକ୍ତ ସାହିତ୍ୟର ସ୍ୱର ରୂପେ ଉଭା ହୋଇଥିଲେ।

# କେରଳମ୍ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୪।୬: କେରଳମ୍ ଛୁଇଁଲା ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ । ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ମେ'୨୬ ମୌସୁମୀ କେରଳମ୍ ଛୁଇଁବା ନେଇ ଆକଳନ କରିଥିଲା । କିନ୍ତୁ ଏହା ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ନଅ ଦିନ ବିଳମ୍ବରେ ପହଞ୍ଚିଥିଲା। ଏଥର ବିଳମ୍ବରେ କେରଳମ୍ ଛୁଇଁଛି ମୌସୁମୀ ବାୟୁ । ସାଧାରଣତଃ, ମୌସୁମୀ ଜୁନ୍ ୧ ସୁଦ୍ଧା କେରଳମରେ ପହଞ୍ଚିଥାଏ ଏବଂ ପରବର୍ତ୍ତୀ ସମୟରେ ପ୍ରାୟ ଦେଢ଼ ମାସ ମଧ୍ୟରେ ସମଗ୍ର ଦେଶକୁ ବ୍ୟାପିଥାଏ । ଏହି ସମୟରେ, ଅନେକ ରାଜ୍ୟରେ ପ୍ରାକ୍ ମୌସୁମୀ କାର୍ଯ୍ୟକଳାପ ତୀବ୍ର ହୋଇଛି ଏବଂ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ବର୍ଷା, ବଜ୍ରପାତ ଏବଂ ପ୍ରବଳ ପବନ ଜାରି ରହିବାର ସମ୍ଭାବନା ରହିଛି । କେରଳମରେ ଆଗାମୀ ସାତ ଦିନ ମଧ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ସେହିପରି ତାମିଲନାଡୁ ଏବଂ କର୍ଣ୍ଣାଟକର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । କେରଳମର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହୋଇସାରିଛି, ଯାହା ଫଳରେ ଆଲାପୁଝା, କୋଟ୍ଟାୟମ ଏବଂ ଏର୍ଣ୍ଣାକୁଲମ ଜିଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଅରେଞ୍ଜ ଆଲର୍ଟ ୧୧ ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନାକୁ ସୂଚିତ କରେ । ଓଡ଼ିଶା, ରାଜସ୍ଥାନ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଦିଲ୍ଲୀ ଏବଂ ତେଲେଙ୍ଗାନା ସମେତ ୨୪ଟି ରାଜ୍ୟରେ ବର୍ଷା, ଝଡ଼ବର୍ଷା ଏବଂ ପ୍ରବଳ ପବନ ପାଇଁ ଆଇଏମଡି ସତର୍କତା ଜାରି କରିଛି । ରାଜସ୍ଥାନ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା, କୁଆପଥର ବର୍ଷା ଏବଂ ପ୍ରବଳ ପବନ ପାଇଁ ସତର୍କତା ଜାରି କରାଯାଇଛି, ଯେତେବେଳେ ଦିଲ୍ଲୀ ପାଇଁ ଆଗାମୀ ଦୁଇ ଦିନ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

# ହସ୍ପିଟାଲ ଭୟଙ୍କର ଅଗ୍ନିକାଣ୍ଡରେ ପାଞ୍ଚ ମୃତ

ନୂଆଦିଲ୍ଲୀ, ୪।୬: ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ, ୨୦ରୁ ଅଧିକ ଆହତ ହୋଇଥିବା ଜଣାପଡ଼ିଛି । ବିହାର ମୁଜାଫରପୁରରେ ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଆଜି (ଗୁରୁବାର) ଭୋର ସମୟରେ ଆଇସିୟୁରେ ନିଆଁ ଲାଗିଯାଇଥିଲା । ଖବର ପାଇ ଘଟଣାସ୍ଥଳରେ ୮ ଟି ଅଗ୍ନିଶମ ଗାଡି ପହଞ୍ଚି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଅଗ୍ନିଶମ ବିଭାଗ ଦୀର୍ଘ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଛି ।

ଘଟଣା ଜଣା ପଡ଼ିବା ପରେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ପୋଲିସ ହସ୍ପିଟାଲରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ଆହତମାନଙ୍କୁ ମୁଜାଫରପୁରର ବିଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସେଠାରେ ସମସ୍ତଙ୍କର ଚିକିତ୍ସା ଚାଲିଛି ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ନିଆଁ ଲାଗିବା କ୍ଷଣି ହସ୍ପିଟାଲ କର୍ମଚାରୀ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି କାଚ ଭାଙ୍ଗି ଲୋକଙ୍କୁ ଉଦ୍ଧାର



କରିଥିଲେ । ଅଗ୍ନିଶମ ବିଭାଗ ଅଧିକାରୀ ଆର ଏନ ପାଣ୍ଡେ କହିଛନ୍ତି ଯେ ''ଆଜି ଭୋର ୩ଟା ସମୟରେ ନିଆଁ ଲାଗିବା ନେଇ ଆମେ ସୂଚନା ପାଇଥିଲୁ । ଆଇସିୟୁ ବିଭାଗ ଧୂଆଁମୟ ହୋଇ ପଡିଥିଲା । ୨୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ପ୍ରାଥମିକ ସୂଚନା ଅନୁସାରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ, ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି ପାଇଛି । ଅଗ୍ନିକାଣ୍ଡର କାରଣର ଯାଞ୍ଚ କରାଯାଉଛି । ଜିଲ୍ଲାପାଳ ସୁବ୍ରତ ସେନ କହିଛନ୍ତି ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ଏଯାବତ୍ ୫ ରହିଛି । ଆଇସିୟୁରେ ନିଆଁ ଲାଗିବା ବେଳେ ୧୩ ରୁ ୧୫ ଜଣ ରୋଗୀ ସେତେବେଳେ ଚିକିତ୍ସିତ ହେଉଥିଲେ । କିଛି ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଅଗ୍ନିକାଣ୍ଡର କାରଣ ଜଣାପଡିନଥିବା ବେଳେ, ତଦନ୍ତ ପରେ ସ୍ପଷ୍ଟ ହେବ । କିନ୍ତୁ ସର୍ଟ ସର୍କିଟରୁ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚ ସ୍ତରୀୟ ତଦନ୍ତ କମିଟି ଗଠନ କରକିବା ସହ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

# ରଥ ନିର୍ମାଣ: ଉଠିଲା ଚାରି ନାହାକା

ପୁରୀ ୪।୬: ଚଳିତ ବର୍ଷ ରଥ ନିର୍ମାଣ କାର୍ଯ୍ୟ ବେଶ ଆଗୁଆ ଚାଲିଛି। ସ୍ନାନ ପୂର୍ଣ୍ଣିମାର ଯଥେଷ୍ଟ ପୂର୍ବରୁ ଉଠିଛି ତିନି ରଥର ଚାରି ନାହାକା। ରଥର ଦଣ୍ଡା ଉପରେ କଣ୍ଟା ବାଡ଼ିଆ ପରେ ଗରଗରା ଓ ପୋଲ ଗୟଳ ପଡିଥିଲା। ଏଥିସହ ଜଳଯନ୍ତ୍ର ଓ ଗୁଜ ସ୍ଥାପନ ସରିବା ପରେ ମହାରଣାଙ୍କ ନିର୍ଦ୍ଦେଶରେ ଭୋଇ ସେବକ ମାନେ ଗୁରୁବାର ଅପରାହ୍ନରେ ତିନି ରଥର ଚାରି ନାହାକା ଉଠାଇଛନ୍ତି। ଏଥିସହ ତୃତୀୟ ହରିବୋଲ ପକାଇଛନ୍ତି ଭୋଇ ସେବକ। ଏମିତି ଲାଗୁଛି ସତେ ଯେମିତି ଚଳିତବର୍ଷ ମହାପ୍ରଭୁଙ୍କର ଇଛା କିଛି ଅଲଗା ରହିଛି। ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ତିନି ରଥ ପ୍ରସ୍ତୁତ ହୋଇଯିବ ବୋଲି ଆଶା ରଖିଛନ୍ତି ରଥ ନିର୍ମାଣକାରୀ।

ଦେବସ୍ନାନ ପୂର୍ଣ୍ଣିମା ନ ଆସୁଣୁ ତିନି ରଥର ଅର୍ଦ୍ଧାଧିକ କାମ ସରିବାକୁ ବସିଲାଣି। ଟାର୍ଗେଟ ଥାଏ ଦେବସ୍ନାନ ପୂର୍ଣ୍ଣିମା ଦିନ ତିନି ରଥର ଚାରି ନାହାକା ଉଠିବ। କିନ୍ତୁ ଗୁରୁବାର ଅପରାହ୍ନରେ ଭୋଇ ସେବକ ମାନେ ମହାରଣାଙ୍କ ନିର୍ଦ୍ଦେଶରେ ତିନି ରଥର ଚାରି ନାହାକା ଉଠାଇବା ସହ ତୃତୀୟ ହରିବୋଲ ପକାଇଛନ୍ତି।

ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ତିନି ରଥର ଛଅଟି ଚକ ସହିତ ତିନୋଟି ଅଖ ସଂଯୋଗ କରାଯାଇଥିବା ବେଳେ ଶୀତଳଷଷ୍ଠୀର ଯଥେଷ୍ଟ ପୂର୍ବରୁ ତିନି ରଥର ୩୬ଟି ଚକ ସହ



୧୮ଟି ଅଖ ସଂଯୋଗ ହୋଇ ଡେରା ଯାଇଥିଲା। ତେବେ ଚାରି ନାହାକା ଉଠିବା ପରେ ଗୁଜ, ଜଳଯନ୍ତ୍ର ସ୍ଥାପନ ଚାଲିଛି। ଏହାପରେ ଛନ୍ଦା ଗୟଳ ପକାଇ ତୀଖ ଗୁଜ ଓ ସାଲଗୁଜ ସଂଯୋଗ କରାଯାଇ ଚଉଦ ନାହାକା ଉଠାଯିବ ବୋଲି ଭୋଇ ସେବକ କହିଛନ୍ତି।

### ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

# ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଓଡ଼ିଆ ଭାଷାରେ ତାଲିମ

ଭୁବନେଶ୍ୱର ୪।୬: ଓଡ଼ିଆ ଭାଷାରେ ଚାଲିବ ଶାସନ । ରାଜ୍ୟ ପ୍ରଶାସନରେ ଓଡ଼ିଆ ଭାଷାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କରିଛନ୍ତି । ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଓଡ଼ିଆ ଭାଷାରେ ଅଫିସ କାର୍ଯ୍ୟ କରିବାକୁ ତାଲିମ ଦିଆଯବ । ଦୁଇ ଦିନିଆ ବିଶେଷ ତାଲିମ ଶିବିର ଅନୁଷ୍ଠିତ ହେବାକୁ ଯାଉଛି ।ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ୧୦ ଓ ୧୧ ତାରିଖରେ ଆୟୋଜିତ ହେବ । ସରକାରୀ ଦପ୍ତରରେ ଦୈନିକ କାର୍ଯ୍ୟ, ଚିଠିପତ୍ର, ରିପୋର୍ଟ ଓ ଅନ୍ୟାନ୍ୟ ପ୍ରଶାସନିକ କାମ ଓଡ଼ିଆ ଭାଷାରେ କିପରି ସଠିକ୍ ଭାବେ କରାଯାଇପାରିବ ସେ ନେଇ ତାଲିମ ଦିଆଯିବ । ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଏ ନେଇ ସମସ୍ତ ବିଭାଗକୁ ଏହା ଅବଗତ କରାଯାଇଛି । ତାଲିମ ପାଇଁ ଅଂଶଗ୍ରହଣକାରୀ ଅଧିକାରୀ ଓ କର୍ମଚାରୀଙ୍କ ନାମ ତାଲିକା ୬ ତାରିଖ ସୁଦ୍ଧା ଦେବାକୁ ନିର୍ଦ୍ଦେଶ ରହିଛି ।

# ସରକାରକୁ ପୂରିଲା ୨ ବର୍ଷ ପୂର୍ତ୍ତି ସମାରୋହ

ଭୁବନେଶ୍ୱର: ଓଡ଼ିଶାରେ ବିଜେପି ସରକାରକୁ ପୂରିଛି ଦୁଇ ବର୍ଷ । ଜୁନ୍ ୪, ୨୦୨୪ ଏହି ତାରିଖ ଓଡ଼ିଶା ଇତିହାସରେ ଲିପିବଦ୍ଧ ହୋଇ ରହିବ । ଯେଉଁଦିନ ୨୪ ବର୍ଷର ବିଜେଡ଼ି ସରକାରକୁ କ୍ଷମତାରୁ ହଟାଇ ଗାଦି ଅକ୍ତିଆର କରିଥିଲା ବିଜେପି । ଏହି ବର୍ଷ ପୂର୍ତ୍ତି ଅବସରରେ ବିକଶିତ ଭାରତ ସହିତ ସମୃଦ୍ଧ ଓଡ଼ିଶା ଗଠନର ମହାଯଜ୍ଞରେ ସାମିଲ ହୋଇ ଓଡ଼ିଶାକୁ ସମୃଦ୍ଧିର ଶୀର୍ଷରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ରାଜ୍ୟବାସୀଙ୍କୁ ଆହ୍ୱାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ସୋସିଆଲ୍ ମିଡ଼ିଆ ଏକ୍ସରେ ଲେଖିଛନ୍ତି, ''ଜୁନ୍ ୪ ତାରିଖ, ଓଡ଼ିଶାର ରାଜନୈତିକ ଇତିହାସରେ ଏକ ଯୁଗାନ୍ତକାରୀ ଓ ଗୌରବମୟ ଦିବସ। ଦୁଇ ବର୍ଷ ପୂର୍ବେ ଆଜିର ଦିନରେ ଆପଣମାନେ ପରିବର୍ତ୍ତନର ସଂକଳ୍ପ ନେଇ ଭାରତୀୟ ଜନତା ପାର୍ଟି ସପକ୍ଷରେ ଏକ ଐତିହାସିକ ଓ ସ୍ପଷ୍ଟ ଜନମତ ପ୍ରଦାନ କରିଥିଲେ। ଆପଣଙ୍କର ସେହି ପବିତ୍ର ଜନମତ କେବଳ ଏକ ଶକ୍ତିଶାଳୀ ସରକାର ଗଠନ କରିନାହିଁ, ବରଂ ଦୀର୍ଘ ଦିନର ସ୍ଥାଣୁତାକୁ ଭାଙ୍ଗି ଏକ ସ୍ୱଚ୍ଛ, ସମୃଦ୍ଧ ଓ ପ୍ରଗତିଶୀଳ ଓଡ଼ିଶା ନିର୍ମାଣର ମୂଳଦୁଆ ସ୍ଥାପନ କରିଛି''। ସେହିପରି ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି, ''ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ଜୀଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣର ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ଡବଲ୍ ଇଞ୍ଜିନ ସରକାର ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟର ସମନ୍ୱୟରେ ଓଡ଼ିଶାରେ ବିକାଶର ଏକ ନୂତନ ଯୁଗର ସୂତ୍ରପାତ କରିଛି। ଆମ ସରକାର ପ୍ରଶାସନିକ ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ଜନକଲ୍ୟାଣକୁ ସର୍ବୋଚ୍ଚ ଗୁରୁତ୍ୱ ଦେଇ ରାଜ୍ୟର ପ୍ରତ୍ୟେକ ଶ୍ରେଣୀର ନାଗରିକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସଂପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି''।

### ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ

# ଓଡ଼ିଶା ସୀମାରେ ନିଶା ଓ ମାରଣାସ୍ତ୍ର ସ୍ମଗଲିଂରେ ଲାଗିବ ରୋକ୍ : ଡିଜିପି

ଭୁବନେଶ୍ୱର, ୪।୬: ଓଡ଼ିଶା ପୋଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ଆଜି ପୋଲିସ ଭବନଠାରେ ''ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬'' ଆୟୋଜିତ ହୋଇଯାଇଛି। ''ଉପକୂଳ ସୁରକ୍ଷା ବ୍ୟବସ୍ଥା: ସମସ୍ୟା, ସମାଧାନ ଓ ଆଗାମୀ ପଦକ୍ଷେପ'' ଶୀର୍ଷକକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଉପକୂଳ ସୁରକ୍ଷା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି, ପ୍ରମୁଖ ଚ୍ୟାଲେଞ୍ଜ, ସମ୍ଭାବ୍ୟ ସମାଧାନ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ସେ କହିଥିଲେ ଯେ, ଉପକୂଳ ସୁରକ୍ଷା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ରାଜ୍ୟର ଅର୍ଥନୈତିକ ବିକାଶ, ସାମୁଦ୍ରିକ ବାଣିଜ୍ୟ ଏବଂ ଜନସୁରକ୍ଷା ସହ ଏହା ନିବିଡ଼ ଭାବେ ସମ୍ପୃକ୍ତ। ଓଡ଼ିଶାର ୫୭୪.୭ କିଲୋମିଟର ଦୀର୍ଘ ଉପକୂଳ ଏବଂ ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଉପକୂଳ ଅଞ୍ଚଳର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ସେ ମତପ୍ରକାଶ କରିଥିଲେ।ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ, ଉପକୂଳ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା



ପୋଲିସ ଗତ କିଛି ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ବର୍ତ୍ତମାନ ଉପକୂଳ ଅଞ୍ଚଳରେ ଥିବା ୧୮ଟି ମେରାଇନ ପୋଲିସ ଥାନାରେ ୭୦୦ରୁ ଅଧିକ ପୋଲିସ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାସହ ୧୫ଟି ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ୫ଟି ଡ୍ରୋନ୍ ଏବଂ ୫ଟି ଭଡ଼ା ଟ୍ରଲର ମାଧ୍ୟମରେ ସାମୁଦ୍ରିକ ପାଟ୍ରୋଲିଂକୁ ସୁଦୃଢ଼ କରାଯାଇଛି। ଭୁବନେଶ୍ୱରରେ ଅବସ୍ଥାପିତ ଥିବା କମାଣ୍ଡ, କଣ୍ଟ୍ରୋଲ ଓ ଟ୍ରେନିଂ ସେଣ୍ଟର ଉପକୂଳ ସୁରକ୍ଷା କାର୍ଯ୍ୟକଳାପର ସମନ୍ୱୟ ଏବଂ ନିରୀକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ସେହିପରି 'ନାଭାମିତ୍ର' ଆପ୍ ମାଧ୍ୟମରେ ମାଛଧରା ଡଙ୍ଗାଗୁଡ଼ିକର ଗତିବିଧି ଉପରେ ନଜର ରଖାଯାଉଛି ଏବଂ ଅବସରପ୍ରାପ୍ତ ନୌସେନା ଓ ତଟରକ୍ଷୀ ବାହିନୀର ଅଧିକାରୀମାନଙ୍କ ସେବାକୁ ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ କରାଯାଇଛି। ସେ ଆହୁରି ସୂଚନା ଦେଇଥିଲେ ଯେ, ଆଗାମୀ ଦିନରେ ଉପକୂଳ ସୁରକ୍ଷାକୁ ଅଧିକ ଆଧୁନିକ ଓ ପ୍ରଭାବଶାଳୀ କରିବା ନିମନ୍ତେ ୧୦ଟି ନୂତନ ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ଅତିରିକ୍ତ ଟ୍ରଲର, ମିନି କଣ୍ଟ୍ରୋଲ ସେଣ୍ଟର, ମାଛଧରା ବନ୍ଦର ଏବଂ ଫିଶ୍ ଲ୍ୟାଣ୍ଡିଂ ସେଣ୍ଟରଗୁଡ଼ିକରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା, ମଡ୍ୟୁଲାର ଜେଟି ଏବଂ ଆଧୁନିକ ଆଣ୍ଟି-ଡ୍ରୋନ୍ ପ୍ରଣାଳୀ ସ୍ଥାପନ କରାଯିବ। ସେ କହିଥିଲେ ଯେ, ଉପକୂଳ ସୁରକ୍ଷାକୁ ଆହୁରି ମଜବୁତ କରିବା ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ, ଆଧୁନିକ ପ୍ରଯୁକ୍ତିର ଦକ୍ଷ ବ୍ୟବହାର ଏବଂ ମତ୍ସ୍ୟଜୀବୀ ସମୁଦାୟଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଆବଶ୍ୟକ। କାର୍ଯ୍ୟକ୍ରମରେ ଡିଜିପି( କାରାଗାର ଓ ସଂସ୍କାର ସେବା ) ଶ୍ରୀ ସୁଶାନ୍ତ କୁମାର ନାଥ, ଡିଜିପି( କ୍ରାଇମବ୍ରାଞ୍ଚ) ଶ୍ରୀ ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ ଆର. ପି. କୋଚେ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିରିକ୍ତ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ସୁରକ୍ଷା) ଶ୍ରୀ ଅରୁଣ ବୋଥ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସମ୍ମିଳନୀର ଉଦ୍ଦେଶ୍ୟ, ସମୁଦ୍ର ଏବଂ ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା, ସମ୍ବେଦନଶୀଳ ସ୍ଥାନଗୁଡ଼ିକର ଚିହ୍ନଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଆଇଜି( ଉପକୂଳ ସୁରକ୍ଷା) ଶ୍ରୀ ସତ୍ୟଜିତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସୁରକ୍ଷା ଏବଂ ପ୍ରଶାସନିକ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇଥିଲେ। ପୂର୍ବାହ୍ନ ଅଧିବେଶନରେ ଗୃହ ମନ୍ତ୍ରଣାଳୟ, ନୂଆଦିଲ୍ଲୀର କୋଷ୍ଟାଲ୍ ସିକ୍ୟୁରିଟି ଏବଂ ବର୍ଡର ମ୍ୟାନେଜମେଣ୍ଟ ବିଭାଗର କମାଣ୍ଡାଣ୍ଟ ଶ୍ରୀ ଉଦୟ କୁମାର ଚୌଧୁରୀ ଭାରତର ଉପକୂଳ ସୁରକ୍ଷା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି ଓ ନୀତିଗତ ଦିଗ ଉପରେ ଆଲୋଚନା କରିଥିଲେ। ସେହିପରି ଇଣ୍ଟେଲିଜେନ୍ସ ବ୍ୟୁରୋ, ନୂଆଦିଲ୍ଲୀର ଯୁଗ୍ମ ଉପ-ନିର୍ଦ୍ଦେଶକ ଶ୍ରୀ ମନୀଷ କୁମାର ବର୍ମା ଉପକୂଳ ସୁରକ୍ଷା କ୍ଷେତ୍ରର ପ୍ରମୁଖ ଚ୍ୟାଲେଞ୍ଜ ଏବଂ ଆଗାମୀ କାର୍ଯ୍ୟପନ୍ଥା ଉପରେ ମତବ୍ୟକ୍ତ କରିଥିଲେ।

# ଏନଟିପିସି ଦର୍ଲିପାଲି ବାଳିକା ସଶକ୍ତିକରଣ ମିଶନ ୨୦୨୬ ଉଦଯାପିତ

ସୁନ୍ଦରଗଡ଼, ୦୩/୦୬(ଆନିସ): ଏନଟିପିସି ଦର୍ଲିପାଲି ବାଳିକା ସଶକ୍ତିକରଣ ମିଶନ ୨୦୨୬ ସଫଳ ଭାବରେ ଉଦଯାପିତ ହୋଇଯାଇଛି ମଙ୍ଗଳବାର କୋଣାର୍କ ଅଡିଟୋରିୟମରେ ଯୁବତୀମାନଙ୍କୁ ସଶକ୍ତ କରିବା ପାଇଁ ସିଏସଆର ପଦକ୍ଷେପରେ ଉଦଯାପନୀ ସମାରୋହ ଆୟୋଜନ କରାଯାଇଥିଲା।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ, ଅଭିଳାଷ ଲେଡିଜ୍ କ୍ଲବର ସଭାପତି ଶ୍ରୀମତୀ ତାଜିନ୍ ଜାୱେଦ୍, ଜିଏମ (ଓ ଆଣ୍ଡ ଏମ୍) ରବିନ୍ଦ୍ର ଶର୍ମା, ଏବଂ ଜିଏମ (ଅପରେସନ୍ସ ଏବଂ ଇନ୍ଧନ ପରିଚାଳନା)ଇପିଲ୍ ବାଗେ, ବରିଷ୍ଠ ଅଧିକାରୀ, ଅଭିଭାବକ ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଆରମ୍ଭ ହୋଇଥିଲା।

ଅତିଥିଙ୍କ ସ୍ୱାଗତ କରିବା ପରେ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ଏବଂ ଏନଟିପିସି ଗୀତ ପରିବେଷଣ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ, ଯୁବତୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ନେତୃତ୍ୱ ଏବଂ ଜୀବନ କୌଶଳକୁ ପୋଷଣ କରିବାରେ ବାଳିକା ସଶକ୍ତିକରଣ ମିଶନ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଅର୍ଥପୂର୍ଣ୍ଣ ସିଏସଆର ହସ୍ତକ୍ଷେପ ମାଧ୍ୟମରେ ଅନ୍ତର୍ଭୁକ୍ତ ବିକାଶ ପ୍ରତି ଏନଟିପିସି ଦର୍ଲିପାଲିର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଥିଲେ।ସମାପନୀ ସମାରୋହ ରେ ବାଳିକା ସଶକ୍ତିକରଣ ମିଶନ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନର ଏକ ପ୍ରଭାବଶାଳୀ ପରିସର ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ନରସିଂହ ଆଇନ, ସମ୍ବଲପୁରୀ ଲୋକନୃତ୍ୟ, ଯୋଗ ପ୍ରଦର୍ଶନ, ଗୋଷ୍ଠୀ ଗୀତ, ଅପରେସନ ସିନ୍ଦୁର ଆଇନ ଏବଂ ଏକ ଭୟଙ୍କର କମେଡି ପ୍ରଦର୍ଶନ ଅନ୍ତର୍ଭୁକ୍ତ ଥିଲା, ଯାହା ଏକ ମାସର କାର୍ଯ୍ୟକ୍ରମ ମଧ୍ୟରେ ଝିଅମାନଙ୍କ ଆତ୍ମବିଶ୍ୱାସ, ସୃଜନଶୀଳତା ଏବଂ ପରିବର୍ତ୍ତନକୁ ପ୍ରତିଫଳିତ କରି ଥିଲା।

ଏହି କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଥିଲା ବାଳିକା ସଶକ୍ତିକରଣ ମିଶନ ରିକାପ୍ ଫିଲ୍ମ, ଯାହା କାର୍ଯ୍ୟକ୍ରମର ସ୍ମରଣୀୟ ମୁହୂର୍ତ୍ତ ଏବଂ ମାଇଲଖୁଣ୍ଟ ଗୁଡ଼ିକୁ କଏଦ କରିଥିଲା। ଏହି ଉପସ୍ଥାପନା ଛାତ୍ର, ଅଭିଭାବକ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଆନନ୍ଦ ଏବଂ ଭାବପ୍ରବଣତା ସୃଷ୍ଟି କରିଥିଲା, ଯାହା ଏକ ପରିବର୍ତ୍ତନକାରୀ ଯାତ୍ରାର ସଫଳ ପରିଣାମକୁ ଚିହ୍ନିତ କରିଥିଲା।

ସମାବେଶକୁ ସମ୍ବୋଧିତ କରି, ଶ୍ରୀ ବରିହାଙ୍କ ବକ୍ତବ୍ୟରେ ଶିକ୍ଷା, ପ୍ରଦର୍ଶନ ଏବଂ ଦକ୍ଷତା-ନିର୍ମାଣ କାର୍ଯ୍ୟକଳାପ ମାଧ୍ୟମରେ ଯୁବତୀ ମାନଙ୍କ ସାମଗ୍ରିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବାରେ ଏନଟିପିସି ଦର୍ଲିପାଲିର ପ୍ରୟାସକୁ ପ୍ରଶଂସା କରିଥିଲେ।

ସୁନ୍ଦରଗଡ଼ର ବିଧାୟକ ଶ୍ରୀ ସିଂ ଏନଟିପିସି ଦର୍ଲିପାଲିକୁ ସଫଳତାର ସହିତ କାର୍ଯ୍ୟକ୍ରମ ଆୟୋଜନ କରିବା ଏବଂ ଆଖପାଖ ସମ୍ପ୍ରଦାୟର ଯୁବତୀ ମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ ଆତ୍ମବିଶ୍ୱାସର ସହିତ ସେମାନଙ୍କର ଆକାଂକ୍ଷା ପୂରଣ କରିବାକୁ ଉତ୍ସାହିତ କରିବା ପାଇଁ ପ୍ରଶଂସା କରିଥିଲେ।

ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଉତ୍ସାହୀ ସମ୍ପୃକ୍ତି ଏବଂ କାର୍ଯ୍ୟକ୍ରମର ସଫଳ ସମାପ୍ତି ପାଇଁ ପ୍ରମାଣପତ୍ର, ଫଟୋ ଫ୍ରେମ୍ ଏବଂ ଉପହାର ବଣ୍ଟନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

ବାଳିକା ସଶକ୍ତିକରଣ ମିଶନ ହେଉଛି ଏନଟିପିସିର ପ୍ରମୁଖ ସିଏସଆର ପଦକ୍ଷେପ ଯାହା ଶିକ୍ଷା, ବ୍ୟକ୍ତିତ୍ୱ ବିକାଶ, ଆତ୍ମବିଶ୍ୱାସ ନିର୍ମାଣ ଏବଂ ନୂତନ ଶିକ୍ଷା ସୁଯୋଗ ସହିତ ଯୁବତୀମାନଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ବାଳିକା ସଶକ୍ତିକରଣ ମିଶନ ୨୦୨୬ର ସଫଳ ସମାପ୍ତି ଏନଟିପିସି ଦର୍ଲିପାଲିର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ସମ୍ପ୍ରଦାୟ ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା।

# ସୁନ୍ଦରଗଡ଼ରେ ବୁଲିଲା ଏସଆଇଆର୍ ସଚେତନତା ରଥ



ସୁନ୍ଦରଗଡ଼:୦୩/୦୬(ଆନିସ) : ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ . ଆଇ. ଆର୍. ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୁଧବାର ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଅଛି।

ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଏବଂ ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଜନ ସାଧାରଣଙ୍କ ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ସଚେତନତା ସୃଷ୍ଟି କରିବ, ଯେପରିକି ଏକ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ଏବଂ ସମସ୍ତ ଯୋଗ୍ୟ ଭୋଟର ମାନେ ଯେପରି ତାଲିକା ରେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାହା ସୁନିଶ୍ଚିତ କରିବା ଉପରେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମ ଅବସରରେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ଶୁଲିଆ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ପ୍ରକାର ରଙ୍ଗୋଲି ମାଧ୍ୟମରେ ଏସ. ଆଇ. ଆର୍. ଉପରେ ଜନ ସଚେତନତା ସୃଷ୍ଟି କରିଥିଲେ।

# ଝାରସୁଗୁଡା ଜେଲ ଅନ୍ତେବାସୀଙ୍କୁ ଯାଦୁ ଦେଖାଇଲେ ଯାଦୁଗର ଡ଼. ସୁନୀଲ



ସୁନ୍ଦରଗଡ଼, ୩।୬ (ଆନିସ): ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ଦର୍ଲିପାଲି ଗ୍ରାମର ବିଖ୍ୟାତ ଯାଦୁଗର ଡ଼. ସୁନୀଲ କୁମାର ପଟେଲ ଜୁନ ୩ ତାରିଖ ବୁଧବାର ଅପରାହ୍ନ ୪ ଟା ସମୟରେ ଝାରସୁଗୁଡା ଜେଲର ଅନ୍ତେବାସୀଙ୍କୁ ଯାଦୁ ଦେଖାଇ ସମସ୍ତଙ୍କ ମନ ମୋହିଥିଲେ ପୋଲିସ ଡିଜିଙ୍କ ନିର୍ଦ୍ଦେଶରେ ୮୬ ଟି ଜେଲରେ ମ୍ୟାଜିକ ଦେଖାଇବା ପାଇଁ ଡ଼. ସୁନୀଲ କୁମାର ପଟେଲଙ୍କୁ ଅନୁମତି ଦିଆହୋଇଛି କିଛି ଦିନ ଆଗରୁ ଝାରପଡା, ଚୌଦ୍ୱାର, ଅନଗୁଳ, ରେଢ଼ାଖୋଲ, ଫୁଲବାଣୀ, ଖୁଣ୍ଟୁଣୀ, ବଡପ୍ପା, ପ୍ରମୁଖ ଜେଲ ଗୁଡିକରେ ଯାଦୁ ଦେଖାଇ ସାରିଛନ୍ତି ଏହି କ୍ରମରେ ବୁଧବାର ଜେଲ ଅଧିକ୍ଷକ ଅମୀୟ କୁମାର ବେହେରାଙ୍କ ଅନୁମତିରେ ଯାଦୁଗର ଜେଲ ଅନ୍ତେବାସୀଙ୍କୁ ବିଭିନ୍ନ ପ୍ରକାର ଯାଦୁ ଦେଖାଇବା ସହିତ ଅନ୍ଧ ବିଶ୍ୱାସରୁ କେମିତି ଦୁରେଇ ରହିବେ ସେ ବିଷୟରେ ଉଦାହରଣ ମାଧ୍ୟମରେ ମ୍ୟାଜିକ ଦେଖାଇ ଥିଲେ ଯେଉଁ ଭୂଲ ପାଇଁ ଜେଲରେ ଅନ୍ତେବାସୀମାନେ ଅଛନ୍ତି ଯେପରି ପୁନରାବୃତ୍ତି ନ ହୁଏ ସେ ବିଷୟରେ ବିଶେଷ ଧ୍ୟାନ ଦେଇ ସମସ୍ତଙ୍କୁ ବୁଝାଇଥିଲେ ମ୍ୟାଜିକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପଙ୍କଜ ଅଗ୍ରୱାଲ ପୂର୍ଣ୍ଣ ସହଯୋଗ କରିଥିଲେ ଶେଷରେ ଜେଲ ଅଧିକ୍ଷକ ଯାଦୁଗର ଶ୍ରୀ ପଟେଲଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ

# ଆଠ କୋଟି ବ୍ୟୟରେ ଡ଼ାକପାଲା ହାଇ ଲେଭେଲ୍ ପୋଲ ନିର୍ମାଣରେ ଅହେତୁକ ବିଳମ୍ବ

ଫୁଲବାଣୀ, ୪।୬ (ଆନିସ): ୮କୋଟି ଟଂକା ବ୍ୟୟରେ ଫୁଲବାଣୀ ସହର ର ୨ନମ୍ବର ୱାର୍ଡ ଡାକ ପାଲା କୁ ସଂଯୋଗ କରିବା ପାଇଁ ପିଲା ସାଲ କୀ ନଦୀ ଉପରେ ଏକ ହାଇ ଲେଲେ ପୋଲ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥଲା। ପୂର୍ବ ସରକାର ଙ୍କ ସମୟରେ ହେଲେ ପୋଲ୍ କାମ ଆରଂଭ କଲେ ଠିକାଦାର ତେବେଆରଂଭ ହେବାର କେଇଟା ଦିନ ପରେ କାମ ବନ୍ଦ ରହିଛି ଯେ ଆରଂଭ ହେବାର ନାଁ ନାହିଁ ଆଉ ଏହି ପୋଲ କାର୍ଯ୍ୟ ଅଗଷ୍ଟ ମାସ ୨୦୨୫ରେ ସରିବା କଥା ତତ୍କାଳୀନ ସାଂସଦ ଡ଼ ଅଚ୍ୟୁତ ସାମନ୍ତ ପୋଲ ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏବେ ଦୁଇ ବର୍ଷ ପରେ ସୂଚନା ଫଳକ ମଧ୍ୟ ଦୃଶ୍ୟ ମାନ ହେଉ ନାହିଁ। ନଦୀ ଗର୍ଭରେ ତିନୋଟି କଂକ୍ରିଟ ପିଲର ପାଇଁ ରଡ଼ ଛଡା ଯାଇଛି । ଦୁଇବର୍ଷ ପରେ ମଧ୍ୟ ୫ ପ୍ରତିଶତ କାମ ହୋଇଛି ଏବଂ ପିଲର ଉଠି ନାହିଁ । ଦୁଇବର୍ଷ ତଳେ ମେଟେରିଆଲ କଷ୍ଟ ଯାହାଥିଲା ଏବେ ଢେର ବଢିଗଲାଣି ଅଗଷ୍ଟ ୨୦୨୫ ରେ କାମ



ସାରିବା କଥା କାମ ୫ % ହୋଇଛି । ଆଉ କିଛି ଦିନ ପରେ ବର୍ଷା ଆସିବ କାମ ଠପ ହେବ । ବର୍ଷାରେ ପୁଣି ଲୋକେ ନଦୀ ପାର ବେଳେ ଭାସିଯିବାର ସମ୍ଭାବନା ରହିଛି କାର୍ଯ୍ୟ ନିର୍ବାହୀ ସଂସ୍ଥା ମଧ ବୁଝିବାକୁ ନାହିଁ ଯନ୍ତ୍ରୀ କୌଣସି କାର୍ଯାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି ତୁରନ୍ତ କାମ ଆରମ୍ଭ ପାଇଁ କ୍ଷିପ୍ର ନ୍ୟାୟିକ ମଞ୍ଚର ଫାଉଣ୍ଡର ମେମ୍ବର ମହମଦ ଜିଆ ଉଦ୍ଦିନ, ସମ୍ପାଦକ ତୁଷାର କାନ୍ତ ନାୟକ, କାର୍ଯ୍ୟକାରୀ ସଦସ୍ୟ ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ କୁମୁଦ ଚନ୍ଦ୍ର ମଲ୍ଲିକ, ସିମାଞ୍ଚଳ ବେହେରା ଓ ଭଏସ ଅଫ ମିଡ଼ିଆର ଜିଲ୍ଲା ସଭାପତି ଶିବାନନ୍ଦ ପଟ୍ଟନାୟକ ଦାବୀ ଜଣାଇବ ସହ ଜିଲ୍ଲା ପାଳ ବେଦ ଭୂଷଣ କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ବରିଷ୍ଠ ଅଧିକାରୀ ଗଣ ନିର୍ମାଣ ସାଇଟ ପରିଦର୍ଶନ ପରେ ଶଙ୍ଖ କୁ ସଂକୀର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଜନଅସନ୍ତୋଷ ମଧ୍ୟ ଦେଖାଦେଇଛି ପୋଲ ର ଏଣ୍ଟ୍ରି ପଏଣ୍ଟ ର ଦୁଇ ପାର୍ଶ୍ୱରେ ଦୁଇଟି ସରକାରୀ ଭଗ୍ନ କ୍ୱାଟର ରହିଛି ସେହି କ୍ୱାଟର ଗୁଡିକ ଭାଙ୍ଗିବା ପାଇଁ ଅନୁମତି ସମୟ ସାପେକ୍ଷ ବୋଲି ପୋଲ ସଂକୀର୍ଣ୍ଣ କରିବା କଥା ଚିନ୍ତା କରାଯାଉଥିବା ବିଷୟ କହିଛନ୍ତି ବିଭାଗୀୟ ଅଧିକାରୀ ପୋଲ ସଂକୀର୍ଣ୍ଣ ହେଲେ କେବଳ ସ୍କୁଟି, ବାଇକ, କାର ଓ ଜିପ ଯାଇ ପାରିବକିନ୍ତୁ ଟ୍ରକ ଓ ବସ ଓ ବଡ଼ ଗାଡି ଯାଇ ପାରିବ ନାହିଁ ,ତେଣୁ ଭଗ୍ନ ଅବସ୍ଥାରେ ଥିବା ଦୁଇଟି କ୍ୱାଟର କୁ ଡିମୋଲିସ କରି ପୋଲ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବା ପାଇଁ ସାଧାରଣରେ ଦାବୀ ହେଉଛି

### ନିଲମ୍ବିତ ବିଧାୟକଙ୍କୁ ସମର୍ଥନ କରି ଦୁଇ ବିଜେଡ଼ି ନେତା ନିଲମ୍ବିତ

# ବରିଷ୍ଠ ବିଜେଡ଼ି ନେତା କ୍ଳେଶ ବାଲିଗୁଡ଼ାର ନେତୃତ୍ୱ ନେବେ!

ଫୁଲବାଣୀ-୪/୦୬ (ସୁନୀଲ ପଟ୍ଟନାୟକ) ବାଲିଗୁଡ଼ା ବିଜେଡି ବିଧାୟକ ଚକ୍ର ମଣି କହଁର ଙ୍କୁ ଦଳ ସୁପ୍ରିମୋ ରାଜ୍ୟ ସଭା ନିର୍ବାଚନବେଳେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ନିଲମ୍ବିତ ହୋଇଥିବା ବେଳେ ବିଜେଡି ଜିଲ୍ଲା ଉପ ସଭାପତି ଟୁନା ଦାସ ଓ ବିଜେଡି ନେତା ତଥା ଜିଲ୍ଲା ସମ୍ପାଦକ ପ୍ରମୋଦ ସାହୁ ନିଲମ୍ବିତ ବିଧାୟକ ଚକ୍ର ମଣୀ ଙ୍କୁ ବୁଧବାର ସକାଳେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଲୋକଙ୍କୁ ସଂଗଠିତ କରି ସମ୍ବର୍ଧନା ଉତ୍ସବ ର ଆୟୋଜନ କରି ଥିଲେ ଫଳରେ ବୁଧବାର ସନ୍ଧ୍ୟାରେ ଖବର ମିଳିବା ପରେ ବିଜେଡି ନେତା ତଥା ଉପସଭାପତି ଟୁନା ଦାସ ଓ ବିଜେଡି ନେତା ପ୍ରମୋଦ ସାହୁ ଙ୍କୁ ଦଳରୁ ନିଲମ୍ବିତ କରାଯାଇ ଛି ବିଜେଡି



ସଧାରଣ ସମ୍ପାଦକ ବିଜୟ ନାୟକ ଦଳ ସଭାପତି ଙ୍କ ନିର୍ଦ୍ଦେଶ କ୍ରମେ ନିଲମ୍ବିତ କରିଥିବା ଜଣା ପଡିଛି ନିଲମ୍ବନ ଆଦେଶ ପରେ ବାଲିଗୁଡ଼ା ବିଜେଡି ଶିବିର ର ରେ ହଇଚଇ ସୃଷ୍ଟି ହୋଇଛି ଅଗକୁଆଉ କିଛି ନେତା ମଧ୍ୟ ନିଲମ୍ବିତ ହୋଇ ପାରନ୍ତି ଏହି ଦୁଇ ନେତା ବାଲିଗୁଡ଼ା ରେ ବିଜେଡି କୁ ଶକ୍ତିଶାଳୀ କରିବା ସହ ବିଜେଡି ବିଧାୟକ ପ୍ରାର୍ଥୀ ଚକ୍ରମ ଣୀ କୁ ଜିତାଇ ଥିଲେ ତେବେ ନିଲମ୍ବନ ପରେ ବିଜେଡି ର ମଙ୍ଗ କିଏ ଧରିବ ବୋଲି ପ୍ରଶ୍ନ ଉଠିଛି ବିଜେଡି ନେତା କ୍ଳେଶ ପ୍ରଧାନ ଙ୍କୁ ଦଳ ଦାୟିତ୍ୱ ଦେଇପାରେ ସେ ହିଁ ଜଣେ ଟାଣୁଆ ଜଣା ଶୁଣା ନେତା ଭବେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ପରିଚିତ ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅଛି ଏଣୁ ଦଳ କ୍ଳେଶ କୁ ଏହି ଗୁରୁ ଦାୟିତ୍ୱ ଦେଇପାରେ ବୋଲି ଚର୍ଚ୍ଚା ହେଉଛି ତେବେ ବିଜେଡି କି ରଣ ନୀତି ପ୍ରସ୍ତୁତ କରିବ ତାହା ଆଗକୁ ଜଣା ପଡିବ ।

### ୩ଟି ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ପାଲଟିଛି ମରଣଯନ୍ତା

# ଅଭିଯୋଗ କରିବା ପରେ ବି ପ୍ରଶାସନର ନିଦ ଭାଙ୍ଗୁନି

କୁନ୍ଦୁରା, ୪।୬ (ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆସନା ଏବଂ କେରମେଟି ତଥା ଫୁଲଭଟ୍ଟା ପଞ୍ଚାୟତ କୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ବର୍ଷ ହେବ ମରଣ ଯନ୍ତା ପାଲଟି ରହିଛି । ଆସନା ପଞ୍ଚାୟତ ର ବାଲିବେଢା ଠାରୁ ଆମ୍ବଗୁଡା ରାସ୍ତା ଯାହା ପ୍ରାୟ ୧ କିଲୋମିଟର ରୁ ଅଳ୍ପ ଅଧିକା ହେବ ତାହା ଅବହେଳିତ ହୋଇ ପଡିଛି । ବିଗତ ୧୫-୨୦ ବର୍ଷ ହେବ ଏହି ରାସ୍ତା ନା ନିର୍ମାଣ କରାଯାଉଛି ନା ମରାମତି ହେଉଛି କେବଳ ଖାଲ ଖୋମା ହୋଇ ରହିଛି ଆସନା ପଞ୍ଚାୟତ ରୁ କେରମେଟି କିମ୍ବା ଫୁଲଭୋଟା ପଞ୍ଚାୟତ କୁ ଯିବା ପାଇଁ ଅନ୍ୟ ରାସ୍ତା ରହିଛି କିନ୍ତୁ ବହୁତ ବୁଲା ପଡୁଛି, କିନ୍ତୁ ଏହି ରାସ୍ତା ଆସନା ଏବଂ ଫୁଲଭୋଟା ପଞ୍ଚାୟତ କୁ ସିଧା ସଳଖ ସଂଯୋଗ କରୁଛି ପ୍ରାୟତଃ ୩ ଟି ପଞ୍ଚାୟତ ର ଲୋକ, ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ବ୍ୟାପାରୀ ସମସ୍ତେ ଏହି ରାସ୍ତା ଦେଇ ଯାତାୟତ କରନ୍ତି ଏଣୁ ଏହି ରାସ୍ତା କୁ ଅଧିକା ଗୁରୁତ୍ୱ ଦିଆଯାଉଛି ପ୍ରତେକ ସମୟରେ ଏହି ରାସ୍ତାରେ କିଛିନା କିଛି ଦୁର୍ଘଟଣା ଘଟୁଛି, କେବେ କୋଉ ଶିକ୍ଷକ ପଡ଼ି ଆହତ ହେଉଛନ୍ତି ତୋ ଆଉ କେତେବେଳେ ଛାତ୍ର ଛାତ୍ରୀ ଏବଂ ବ୍ୟାପାରୀ ଗତ ଦିନରେ ଏହି ରାସ୍ତା ଦେଇ ଫୁଲଭୋଟା ପଞ୍ଚାୟତ ର ଜଣେ ଗର୍ଭବତୀ ମହିଳାଙ୍କୁ ଓଟୋ ଯୋଗେ ଚିକିତ୍ସାଳୟ କୁ ନେବା ବେଳେ ରାସ୍ତାରେ ହିଁ ଗର୍ଭବତୀ ମହିଳାଙ୍କ ପ୍ରସୂତି ହୋଇଯାଇଥିବା ଭଳି ଘଟଣା ଘଟିଛି ଏହି ରାସ୍ତାରେ ଏତେ ସବୁ ଘଟଣା ଦୁର୍ଘଟଣା ଘଟିଛି, ସ୍ଥାନୀୟ ୩ ଟି ପଞ୍ଚାୟତ ର ଭଦ୍ର ବ୍ୟକ୍ତି, ଜନ ପ୍ରତିନିଧି ଏବଂ ସ୍ୱେଚ୍ଛାସେବୀ ଙ୍କ ଦ୍ୱାରା ଥରେ ନୁହଁ କି ଦୁଇ ଥର ନୁହଁ ବାରମ୍ବାର କୁନ୍ଦୁରା ବ୍ଲକ ପ୍ରଶାସନ ଙ୍କୁ ଏବଂ ମିଳିତ ଅଭିଯୋଗ ଶୁଣାଣୀ ରେ କୋରାପୁଟ ଜିଲ୍ଲାପାଳ ଙ୍କୁ ଲିଖିତ ଦାବୀ କରିବା ସତ୍ୱେ ଏହି ରାସ୍ତା ନା ମରାମତି ହେଉଛି ନା ନୂତନ ଭାବେ ନିର୍ମାଣ କରାଯାଉଛି, ଯିଏ ଯାହାର ଚୁପ ହୋଇ ରହିଯାଇଛନ୍ତି ଯଦି ବ୍ଲକ ପ୍ରଶାସନ ଦ୍ୱାରା କୌଣସି କାରଣ ବଶତଃ ହୋଇ ପାରୁନାହିଁ ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ରାସ୍ତା ନିର୍ମାଣ କରାଯିବା କଥା କିନ୍ତୁ ରାସ୍ତା ନିର୍ମାଣ କୁ ନେଇ ବ୍ଲକ ପ୍ରଶାସନ ତରଫରୁ କୌଣସି ଚେଷ୍ଟା ବି କରାଯାଉନଥିବା ପାରିଲିଖିତ ହେଉଛି ଅନେକ ଅନାବଶ୍ୟକ କାର୍ଯ୍ୟ ଗୁଡିକ କରାଯାଉଛି କିନ୍ତୁ ୩ ଟି ପଞ୍ଚାୟତ ର ଲୋକଙ୍କ ଅତି ଆବଶ୍ୟକ ରହିଥିବା ରାସ୍ତା ନିର୍ମାଣ ପାଇଁ କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ କୌଣସି ତତ୍ପରତା ନାହିଁ କୁନ୍ଦୁରା କଂଗ୍ରେସ ତରଫରୁ କେରମେଟି ପଞ୍ଚାୟତ ରେ ଆୟୋଜିତ କିଛି କାର୍ଯ୍ୟକ୍ରମ ରେ ଯୋଗ ଦେବାକୁ ଆସିଥିବା କଂଗ୍ରେସର କୋଟପାଡ଼ ବିଧାୟକ ପ୍ରାର୍ଥୀ ଅନାମ ଦିଆନ ଏହି ରାସ୍ତାର ଦୁରାବସ୍ଥା ଦେଖି କୁନ୍ଦୁରା ବିଡିଓ ଙ୍କ କାର୍ଯ୍ୟ କ୍ଷମତା କୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ଏତେ ବର୍ଷ ହେବ ମରଣ ଯନ୍ତା ପାଲଟି ରହିଥିବା ଏହି ରାସ୍ତା କୋଣ ବିଡ଼ିଓ ଦେଖି ନାହାନ୍ତି କି ସେ କୁନ୍ଦୁରା ବ୍ଲକର ବିଭିନ୍ନ ପଞ୍ଚାୟତ କୁ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ତଥା ଫିଲଡ ଭିଜିଟ ରେ ଯାଉଛନ୍ତି ତେବେ କୋଣ ଦେଖୁଛନ୍ତି ଆଉ କୋଣ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଦିଆନ ପ୍ରଶ୍ନ କରିଥିଲେ ଜ୍ୟଥା ଶୀଘ୍ର ଯେକୌଣସି ଯଜନା ମାଧ୍ୟମରେ ହେଉନା କାହିଁକି ଏହି ରାସ୍ତା ନିର୍ମାଣ ହେବା ଆବଶ୍ୟକ, ନଚେତ କୁନ୍ଦୁରା ବ୍ଲକ କଂଗ୍ରେସ ନେତୃତ୍ୱରେ କୁନ୍ଦୁରା ବ୍ଲକ କାର୍ଯ୍ୟଳୟ ଘେରାଉ କରାଯିବ। ଆବଶ୍ୟକ ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଆମେ ପ୍ରସ୍ତୁତ ହେବୁ ବୋଲି ଶ୍ରୀ ଦିଆନ କହିଥିଲେ ।

ଏହାକୁ ନେଇ କୁନ୍ଦୁରା ବିଡ଼ିଓ ଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ଦେଖାଯାଉ ଶ୍ରୀ ଦିଆନ ଙ୍କ ଅସନ୍ତୋଷ ର ପ୍ରଭାବ କେତେ ପରିମାଣରେ ପଡୁଛି ଏବଂ କୁନ୍ଦୁରା ବିଡ଼ିଓ ଙ୍କ ଗଭୀର ନିଦ କେବେ ଭାଙ୍ଗୁଛି ୩ ଟି ପଞ୍ଚାୟତ ବାସୀଙ୍କ ଚରମ ଦାବୀ ଏହି ରାସ୍ତା କେବେ ନିର୍ମାଣ ହେଉଛି ଦେଖିବା ବାକି ରହିଲା ।

# ଦୁଷ୍କର୍ମ ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ଜରିମାନା

ଫୁଲବାଣୀ, ୪।୬ (ଆନିସ): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌର ଜଜ୍ ଓ ସ୍ୱତନ୍ତ୍ର ବିଚାରପତି ପକ୍ ସୋ ମନୋରଞ୍ଜନ ଦାସ ବାଲିଗୁଡ଼ା ଥାନା ଅଞ୍ଚଳ ର। ସିଟି -୧୧/୨୪ ମାମଲା ର ସାକ୍ଷ୍ୟ ଓ ପ୍ରମାଣ କୁ ଭିତ୍ତି କରି



ଗୁରୁବାର ଅଭିଯୁକ୍ତ ସପ୍ନ ପଟମଝି କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବା ସହ ୫୦ହଜାର ଜୋରିମାନା ଆଦେଶ ଦେଇଛନ୍ତି ଜୋରିମାନା ଅନାଦେୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି ସେହିପରି ପୀଡ଼ିତା କୁ ଅଦାଲତ ୫ଲକ୍ଷ ଟଂକା କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଡି ଏଲ ଏସ ଏ କୁ ନିର୍ଦ୍ଦେଶ ଦେଇଛନ୍ତି ଏହି ମାମଲା କୁ ବରିଷ୍ଠ ଆଇନଜୀବି ତଥା ସ୍ୱତନ୍ତ୍ର ପି ପି ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ ।

### ସନ୍ଦେହଘେରରେ ଯାଜପୁର ଜିଲ୍ଲାପାଳଙ୍କ ଲକ୍ଜୁରୀ ଇନୋଭା କାର୍

# ୨୦ ଲକ୍ଷର ସୀମା, ୩୮ ଲକ୍ଷର ଗାଡ଼ି!

ଯାଜପୁର, ୦୪/୦୬(ଆନିସ): ଯାଜପୁର ଜିଲ୍ଲା ପ୍ରଶାସନରେ ସବୁକିଛି କି ନିୟମ ଅନୁଯାୟୀ ଚାଲୁଛି ନା କିଛି କ୍ଷେତ୍ରରେ ନିୟମକୁ ପଛକୁ ଠେଲି ଦିଆଯାଉଛି ଜିଲ୍ଲାପାଳଙ୍କ ବ୍ୟବହାର ପାଇଁ ନିୟୋଜିତ ଏକ ଦାମୀ ଇନୋଭା ହାଇକ୍ରସ୍ ଜେଡଏକ୍ସ (୩୪-୨୦୨୬) ଗାଡ଼ିକୁ ନେଇ ଏବେ ଏଭଳି ପ୍ରଶ୍ନ ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରାୟ ୩୬ରୁ ୩୮ ଲକ୍ଷ ଟଙ୍କା ମୂଲ୍ୟର ଏହି ବିଳାସପୂର୍ଣ୍ଣ ଗାଡ଼ିଟି ଭଡ଼ା ସୂତ୍ରରେ ଜିଲ୍ଲାପାଳଙ୍କ ପାଇଁ ନିୟୋଜିତ ହୋଇଥିବା ଜଣାପଡ଼ିଛି। ହେଲେ ଏହାକୁ ନେଇ ସବୁଠାରୁ ବଡ଼ ପ୍ରଶ୍ନ ହେଉଛିଏହି ଗାଡ଼ି ନିଯୁକ୍ତି ପାଇଁ କୌଣସି ଉନ୍ମୁକ୍ତ ଟେଣ୍ଡର ହୋଇଥିଲା କି ଯଦି ହୋଇଥିଲା, ତାହାର ବିବରଣୀ କେଉଁଠି ଆଉ ଯଦି ହୋଇନଥିଲା, ତେବେ କେଉଁ ନିୟମ ଅନୁସାରେ ଏତେ ମୂଲ୍ୟବାନ ଗାଡ଼ିକୁ ସରକାରୀ କାର୍ଯ୍ୟରେ ନିୟୋଜିତ କରାଗଲା ଅଭିଯୋଗ ଅନୁଯାୟୀ, ଗାଡ଼ିଟି କୌଣସି ପଞ୍ଜୀକୃତ ଟ୍ରାଭେଲ ଏଜେନ୍ସି ନାମରେ ନୁହେଁ, ବରଂ ଜଣେ ବ୍ୟକ୍ତିଗତ କମ୍ପାନୀ ମାଲିକଙ୍କ ନାମରେ ପଞ୍ଜୀକୃତ। ସରକାରୀ କାର୍ଯ୍ୟ ପାଇଁ ଗାଡ଼ି ଭଡ଼ା ନିଯୁକ୍ତିରେ ସାଧାରଣତଃ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ରହିଥାଏ। ତେବେ ଏହି କ୍ଷେତ୍ରରେ ସେହି ପ୍ରକ୍ରିୟା ଅନୁସରଣ ହୋଇଥିଲା କି ନାହିଁ, ତାହା ସ୍ପଷ୍ଟ ନୁହେଁ।ଏହାଠାରୁ ଆହୁରି ଆଶ୍ଚର୍ଯ୍ୟର ବିଷୟ ହେଉଛି ଡ୍ରାଇଭର ନିଯୁକ୍ତି। ଜିଲ୍ଲା ପ୍ରଶାସନ ପାଖରେ ନିଜସ୍ୱ ଡ୍ରାଇଭର ଥିବା ସତ୍ତ୍ୱେ ଏବଂ ଗାଡ଼ି ଯୋଗାଣକାରୀ ସଂସ୍ଥା ଡ୍ରାଇଭର ଯୋଗାଇବା ପ୍ରଚଳନ ଥିବା



ସତ୍ତ୍ୱେ, ଜମି ଅଧିଗ୍ରହଣ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଦୈନିକ ମଜୁରିଆ କର୍ମଚାରୀଙ୍କୁ ସେଠାରୁ ହଟାଇ ଏହି ଗାଡ଼ିର ଚାଳକ ଭାବେ ନିୟୋଜିତ କରାଯାଇଥିବା ଚର୍ଚ୍ଚା ହେଉଛି। ଏହା କେବଳ ପ୍ରଶାସନିକ ଆବଶ୍ୟକତା ନା ଅନ୍ୟ କୌଣସି ବିଶେଷ କାରଣ, ସେନେଇ ମଧ ପ୍ରଶ୍ନ ଉଠୁଛି।ଏହି ବିବାଦକୁ ଆହୁରି ଗୁରୁତର କରିଛି ରାଜ୍ୟ ସରକାରଙ୍କ ନିକଟରେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ନେଇ ଚର୍ଚ୍ଚା। ସେଥିରେ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କ ପାଇଁ ଭଡ଼ାରେ ବ୍ୟବହୃତ ଗାଡ଼ିର ମୂଲ୍ୟ ସୀମା ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିବା କଥା କୁହାଯାଉଛି। ଯଦି ତାହା ସତ୍ୟ, ତେବେ ପ୍ରାୟ ୩୮ ଲକ୍ଷ ଟଙ୍କାର ଗାଡ଼ି କିପରି ବ୍ୟବହାର ହେଉଛି ଏଥିପାଇଁ କୌଣସି ସ୍ୱତନ୍ତ୍ର ଅନୁମତି ନିଆଯାଇଛି କି ବର୍ତ୍ତମାନ ଏହି ଘଟଣାକୁ ନେଇ ଜନସାଧାରଣଙ୍କ ମନରେ ଏକାଧିକ ପ୍ରଶ୍ନ ସୃଷ୍ଟି ହୋଇଛି। ଯଦି ଗୋଟିଏ ଗାଡ଼ି ନିଯୁକ୍ତି ପ୍ରକ୍ରିୟାକୁ ନେଇ ଏତେ ସନ୍ଦେହ ଦେଖାଦେଉଛି, ତେବେ ଅନ୍ୟ ସରକାରୀ ଖର୍ଚ୍ଚ ଓ ନିଯୁକ୍ତି ପ୍ରକ୍ରିୟା କେତେ ସ୍ୱଚ୍ଛ ଭାବେ ଚାଲିଛି ବୋଲି ମଧ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି।ଏହି ସମସ୍ତ ଅଭିଯୋଗ ଓ ଚର୍ଚ୍ଚାର ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ଉଚ୍ଚସ୍ତରୀୟ କିମ୍ବା ସ୍ୱାଧୀନ ତଦନ୍ତର ଦାବି ଜୋର ଧରିଥିବାବେଳେ, ପ୍ରଶାସନ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଆସିବାକୁ ସମସ୍ତଙ୍କ ନଜର ରହିଛି।ପ୍ରଶ୍ନ ଅନେକ... ଉତ୍ତର ଦେବେ କିଏ ଟେଣ୍ଡର ହୋଇଥିଲା କି ନିୟମ ମାନାଯାଇଥିଲା କି ନା ସରକାରୀ ଅର୍ଥରେ ଚାଲିଛି ବିଶେଷ ବ୍ୟବସ୍ଥା ଏବେ ଯାଜପୁରରେ ଏହି ଚର୍ଚ୍ଚା ହିଁ ସବୁଠାରୁ ବଡ଼ ପ୍ରଶ୍ନ।

# ମାଁ ସିଂହାସନୀରେ ରଜପର୍ବ ନେଇ ପ୍ରସ୍ତୁତି ବୈଠକ

ପୋଲସରା,୪।୬ (ଆନିସ): ଗଂଜାମ ଜିଲ୍ଲାର ପୋଲସରା ଅଞ୍ଚଳର ପ୍ରସିଦ୍ଧ ଇଷ୍ଟଦେବୀ ମାଁସିଂହାସନୀଙ୍କ ପୀଠରେ ଗୁରୁବାର ରଜପର୍ବ କୁ ନେଇ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶାର ମତ୍ସ୍ୟ ପ୍ରାଣୀସମ୍ପଦ ମନ୍ତ୍ରୀ ତଥା ମାଁ ସିଂହାସନୀ ଉନ୍ନୟନ କମିଟିର ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି । ଯାହା ଏହି ଚଳିତ ବର୍ଷ ଜୁନ୍? ମାସ ୧୪ ,୧୫ ଓ ୧୬ ତିନଦିନ ଧରି ବହୁ ଆଡ଼ମ୍ବର ସହକାରେ ମାଁ ସିଂହାସନୀ ପୀଠରେ ପାଳିତ ହେବ ରଜପର୍ବ । ଯେଉଁଠି ପାଣ୍ଡିରିପଡା ସରପଞ୍ଚ ରୁଘୁ ନାଥ ଭୁୟାଁ ଓ ଗୋଛାବାଡି ପଞ୍ଚାୟତର ସରପଞ୍ଚ ପ୍ରତିନିଧି ମନମୋହନ ଗୌଡ଼ଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଗତବର୍ଷ ସିଂହାସନୀ ପୀଠରେ




ହୋଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ମନ୍ତ୍ରୀ ଶ୍ରୀ ମଲ୍ଲିକ । ରଜପର୍ବ କୁ ନେଇ ଗଂଜାମ ଜିଲ୍ଲାର କୋଣ ଅନୁକୋଣରୁ ମାଁ ସିଂହାସନୀ ପୀଠକୁ ବହୁ ଶ୍ରଦ୍ଧାଳୁ ଙ୍କ ଜନସମାଗମ ହୋଇ ଥାଏ । ଏସବୁ ଦୃଷ୍ଟିକୁ ରଖି ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳାରେ ଆୟୋଜନ ହୋଇ ପାରିବ ସେନେଇ ପୂର୍ବ କମିଟିର ବିଭିନ୍ନ ପଦାଧିକାରୀ ସଦସ୍ୟ ମାନଙ୍କୁ ନେଇ ଦାୟିତ୍ୱ ଭାର ପ୍ରଦାନ କରାଯାଇଥିଲା । ଏପରିକି ପ୍ରଚଣ୍ଡ ଗ୍ରୀଷ୍ମ ଓ କାଳବୈଶାଖି କୁ ଦୃଷ୍ଟିରେ ରଖି ସମସ୍ତ ପରିମାଣର ଆବଶ୍ୟକ ପଦକ୍ଷେପ ନେବା ସହ ପାନୀୟ ଜଳଯୋଗାଣ କୁ ନେଇ ବିଭିନ୍ନ ସ୍ଥାନରେ ଟ୍ୟାଙ୍କର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଦୂରଦୂରାନ୍ତରୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ଯିବା ଆସିବା ରାସ୍ତାରେ ଅହେତୁକ ଟ୍ରାଫିକ ଜାମ୍? କୁ କିପରି ସରଳ ସୁବିଧା ଯୋଗାଇ ଦେବାକୁ ନେଇ ପୋଲସରା ପୋଲିସ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ଭାବେ ଦାୟିତ୍ୱ ଗ୍ରହଣ କରାଯାଇଛି । ପ୍ରତିବର୍ଷ ଭଳି ମାଁ ସିଂହାସନୀ ମନ୍ଦିର ଉନ୍ନତି ଓ ଏହାର ବିକାଶକୁ ନେଇ ଗତ ଦୁଇ ବର୍ଷରେ ୧୪ ଲକ୍ଷ ଟଙ୍କା ମନ୍ଦିର କମିଟି ପକ୍ଷରୁ ବ୍ୟାଙ୍କରେ ଜମା ଥିବା ବେଳେ ନଗଦ ୫ ଲକ୍ଷ ଟଙ୍କା ଉନ୍ନୟନ କମିଟି ପାଖରେ ଜମା ଥିବା ଏହି ପ୍ରସ୍ତୁତି ବୈଠକରେ ସୂଚନା ଦେଇଥିଲେ ମନ୍ତ୍ରୀ ଶ୍ରୀ ମଲ୍ଲିକ । ଉକ୍ତ ପ୍ରସ୍ତୁତି ବୈଠକରେ ବ୍ଲକ ଚେୟାରମ୍ୟାନ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ , ଦୀପକ କୁମାର ପ୍ରଧାନ , ରବୀନ୍ଦ୍ର ନାଥ ନାୟକ , ଅତିରିକ୍ତ ତହସିଲଦାର ରମେଶ କୁମାର ମଲ୍ଲିକ , ଥାନା ଅଧିକାରୀ କୌଶିକ୍? ମାଝୀ , ବନାଞ୍ଚଳ ଅଧିକାରୀ ଅନିଲ କୁମାର ପଣ୍ଡା, ଭଗବାନ ସାହୁ , ରଘୁନାଥ ପ୍ରଧାନ, ପୀତବାସ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ମନ୍ଦିର କମିଟି ଓ ସ୍ଥାନୀୟ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

# ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ, କୋଡ଼ିଏ ଜୁଆଡି ଗିରଫ

କୁକୁଡାଖଣ୍ଡି,୪।୬ (ଆନିସ): ଦୀର୍ଘ ଦିନ ଧରି ସଦର ଥାନା ଅନ୍ତର୍ଗତ ରୋହିଗାଁ ର ଏକ ଘଞ୍ଚ ଜଙ୍ଗଲରେ ଜୁଆ ଆଡ୍ଡା ଚାଲିଥିବା ବେଳେ ବୁଧବାର ରାତ୍ର ପୋଲିସ ର ଏକ ସ୍ୱତନ୍ତ୍ର ଟିମ୍ ଖବର ପାଇ ଚଢ଼ାଉ କରିଥିଲା।ସେଠାରୁ ପୋଲିସ ଜଣେ ମହିଳା ଙ୍କ ସହ କୋଡ଼ିଏ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଚମ୍ପଟ ମାରିଥିଲେ। ସେଠାରୁ ୫ ଲକ୍ଷ ୪୪ ହଜାର ଟଙ୍କା ଜବତ କରିଥିବା ବେଳେ ଗୋଟିଏ କାର ,୧୯ ଟି ମୋବାଇଲ,୧୫ ଟି ମଟର ସାଇକେଲ,୪ ବ୍ୟାଟେରୀ ଲାଇଟ୍,ଜୁଆ ଖେଳ ବ୍ୟବହାର



ହେଉଥିବା କାର୍ଡ କିଛି କାଗଜପତ୍ର ଜବତ କରି ପୋଲିସ ୩୩୬/୨୬ ଏକ ମାମଲା ରୁଜୁ କରି ଗିରଫ ଜୁଆଡ଼ି କୁ ଗୁରୁବାର କୋର୍ଟ ଚାଲାଣ କରିଛି।ଏବଂ ଫେରାର୍? ଥିବା ଅନ୍ୟ ଜୁଆଡି କୁ ଧରାଯିବ ବୋଲି ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା କହିଛନ୍ତି । ଜୁଆ ଖେଳିବାକୁ ଆସୁଥିବା ଲୋକେ ଙ୍କୁ ଷ୍ଟାମ୍ପ ପେପରେ ଦସ୍ତଖତ କରି ସୁଧ କାରବାର ଚାଲୁଥିବା ମଧ୍ୟ ଜଣାପଡିଛି।

# ଆଇଆରପିଏମ ବିଭାଗ ପକ୍ଷରୁ ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା, ୪।୬ (ଆନିସ): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ପିପୁଲ୍ସ କଲେଜର ଆଇଆରପିଏମ୍ ବିଭାଗର ୩ ର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ତୃତୀୟ ତଥା ଶେଷ ବର୍ଷର ଛାତ୍ରଛାତ୍ରୀ ବୃନ୍ଦଙ୍କୁ କଲେଜ ପରିସରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ କଲେଜର ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଆଇକିୟୁଏସି ସଂଯୋଜକ ସୁଶାନ୍ତ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଆଇଆରପିଏମ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀ ସୋନାଲି ମହାରଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ୩ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ସେମାନଙ୍କ ତିନି




ବର୍ଷର ଅଭିଜ୍ଞତା ପ୍ରକାଶ କରିଥିଲେ। ଅତିଥିମାନେ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ଉତ୍ତମ ଭବିଷ୍ୟତ ପାଇଁ କାମନା କରିବା ସହ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଆଇଆରପିମ ବିଭାଗର ପରୀକ୍ଷାରେ ପ୍ରଥମ ସ୍ଥାନରେ ପୂଜାରାଣୀ ପ୍ରଧାନ, ଦ୍ୱିତୀୟ ସ୍ଥାନରେ ମନୀଷା ଗୌଡ଼ ଓ ଦଶମ ସ୍ଥାନରେ ସୋନାଲି ମହାରଣା ତିନିଜଣ ଛାତ୍ରୀ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ରହି କଲେଜ ଓ ବିଭାଗ ପାଇଁ ଗୌରବ ଆଣିଥିବା ଯୋଗୁଁ ତିନି ଜଣଙ୍କୁ ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ପାତ୍ରପୁର ବ୍ଲକରେ ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମ



ପାତ୍ରପୁର,୪।୬ (ଆନିସ): ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମ କୁ ସାକାର କରିବା ପାଇଁ ପାତ୍ରପୁର ବ୍ଲକ ଅନ୍ତର୍ଗତ ବି ନୁଆଗାଁ,ଜୟନ୍ତୀପୁର ଓ ଜରଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ସ୍ୱତନ୍ତ୍ର ଭାବରେ ଜରଡା ରଥଦାଣ୍ଡ ଠାରେ ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଅଭିନାସ କୁମାର ଯୋଗ ଦେଇ ଜେନାବନ୍ଧ ପ୍ରାଥମିକ ବିଦ୍ୟାଳୟ ଠାରେ ଚାରା ରୋପଣ କରିଥିବା ବେଳେ ପ୍ରତି ମଙ୍ଗଳବାର ଦିନ ଦୁଇ ଘଣ୍ଟା ଶ୍ରମ ଦାନ କରି ମଠ, ମନ୍ଦିର,କାର୍ଯ୍ୟାଳୟ ଓ ସର୍ବସାଧାରଣ ସ୍ଥାନରେ ସଫେଇ କରିବା ପାଇଁ ଆହ୍ୱାନ ଦେଇ ଶପଥ ପାଠ କରାଇଥିଲେ । ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ, ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ, ଜରଡା ସରପଞ୍ଚ ତିଳ ବେହେରା ଓ ନାଏବ ସରପଞ୍ଚ ମାଧବ ବାଡତ୍ୟା ଙ୍କ ସମେତ ପଂଚାୟତ ଅଧୀନସ୍ଥ ଓଏଲଏମ କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସହାୟିକା, ପାଚିକା , ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇ ସଫେଇ କରିଥିଲେ। ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ନିଷ୍ଠାର ସହିତ ଶ୍ରମ ଦାନ କରି ପ୍ରଥମେ ତୃଣମୂଳ ସ୍ତରରୁ ସ୍ୱଚ୍ଛତା ରଖିବାକୁ ପଡ଼ିବ ଏବଂ ଜନସାଧାରଣ ମଧ୍ୟ ନିଜେ ସଚେତନ ହୋଇ ଏଣେତେଣେ ଅଳିଆ ଆବର୍ଜନା ନପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ପଡିବ। ଏଥି ସହିତ ଜନସାଧାରଣ ମଧ୍ୟ ନିଜ ନିଜର ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରି ନିଜେ ସଚେତନ ହେବାକୁ ପଡ଼ିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଜରଡା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଗମାନନ୍ଦ ପାଣିଗ୍ରାହି ପରିଚାଳନା କରିଥିଲେ।

# ଅବସର ସମ୍ବର୍ଦ୍ଧନା ସଭା



ବ୍ରହ୍ମପୁର ମହା ନଗର ନିଗମ ନିର୍ବାହୀ ଯନ୍ତ୍ରୀ ଏମ. ନାଗେଶ୍ୱର ସୁବୁଦ୍ଧିଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟଳୟ ତରଫରୁ ଅବସର କାଳୀନ ସମ୍ବର୍ଦ୍ଧନା ଆୟୋଜିତ ହୋଇଥିଲା । ସଭାରେ ବରିଷ୍ଠ କବି ତଥା ଅବସର ପ୍ରାପ୍ତ ନିଗମ କର୍ମଚାରୀ ପ୍ରଫୁଲ କୁମାର ତ୍ରିପାଠୀ ଯୋଗ ଦେଇ ଶ୍ରୀ ସୁବୁଦ୍ଧି ଦୀର୍ଘ ଦିନ ଧରି ବ୍ରହ୍ମପୁର ମହାନଗର ନିଗମରେ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟ ପାତ୍ର ହୋଇଛନ୍ତି ବୋଲି କହିଥିଲେ.। ଆବାସ କାର୍ଯ୍ୟଳୟ ତରଫରୁ ଅଭିଷେକ ରଥ, ରୁପାଲୀ ମେଡମ ପୁଷ୍ପଗଚ୍ଛ ଉପଢ଼ୋକନ ଦେଇ ସୁବୁଦ୍ଧି ସାରଙ୍କ ବହୁମୁଖୀ କାର୍ଯ୍ୟରେ ରାଜୀବ ଆବାସ ଏବଂ ପ୍ରଧାନ ମନ୍ତ୍ରୀ ଆବାସରେ ସହର ବାସି କିପରି ଉପକୃତ ହୋଇଛନ୍ତି ତାହା ବର୍ଣନା କରିଥିଲେ ଏବଂ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏଥିରେ ମହାନଗର କର୍ମଚାରି ମୁନା ପାତ୍ର, ରଞ୍ଜନ କର, ମାଧବ ସାହୁ, ଗୋବିନ୍ଦ କଲ୍ୟାଣୀ, ସୁନୀଲ ପାତ୍ର, ପ୍ରମୁଖ ସୁବୁଦ୍ଧି ସାରଙ୍କ ପାଖରେ କାର୍ଯ୍ୟକାରି ଆମେ ଅନେକ କାମ ତାଙ୍କ ଠାରୁ ଶିଖିଥିବା କଥା କହିଥିଲେ। ଶେଷରେ ଅଭିଷେକ ରଥ ଧନ୍ୟବାଦ ଦେଇଥିଲେ।

# ଟାଉନ୍ ହଲ୍ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷଣ

ବୁଗୁଡା,୪।୬ (ଆନିସ): ବୁଗୁଡ଼ାରେ ପାଞ୍ଚ କୋଟି ଟଙ୍କା ବ୍ୟୟ



ଅଟକଳରେ ଏକ ଟାଉନ୍ ହଲ୍ ନିର୍ମାଣ ନିମନ୍ତେ ଏନ୍ଏସି ଅନ୍ତର୍ଗତ କାଞ୍ଜିଆପଲ୍ଲୀ ପାର୍କ ରାସ୍ତା ଏବଂ ମୋଟାବାଡି ରାସ୍ତା କଡରେ ତହସିଲଦାରଙ୍କ ଦ୍ୱାରା ୩୭୦ ଡେସିମିଲ ସରକାରୀ ଜାଗା ଚିହ୍ନଟ ହୋଇଛି। ଆଜି ସେହି ସ୍ଥାନର ମୃତ୍ତିକା ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ମୃତ୍ତିକା ପରୀକ୍ଷଣ ସଂସ୍ଥା ପକ୍ଷରୁ ମନୋଜ କୁମାର ପଟ୍ଟନାୟକ, ଡିଜାଇନ୍ ଏଜେନ୍ସି ପକ୍ଷରୁ ଆର୍କଟିକର ସାଇରାମ ଗୌଡ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ଏମଇ ରାଜୀବ କୁମାର ପ୍ରଧାନ, ଜେଇ ଚିତ୍ରସେନ ରେଡି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଗଞ୍ଜାମ ଏନଏସି ଯୁବମୋର୍ଚ୍ଚାର ସାଙ୍ଗଠନିକ ବୈଠକ



ଗଞ୍ଜାମ ୪।୬ (ଆନିସ): ଗଞ୍ଜାମ ଏନଏସିର ଯୁବ ମୋର୍ଚ୍ଚା ର ଏକ ସାଙ୍ଗଠନିକ ବୈଠକ ଦଳୀୟ କାର୍ଯ୍ୟାଳୟ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି଼ି ଗଞ୍ଜାମ ମଣ୍ଡଳ ସଭାପତି ଆଶୁତୋଷ ଦାଶଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ବୈଠକରେ ପ୍ରଭାରୀ ତଥା ବରିଷ୍ଠ ଯୁବ ନେତା ବିକ୍ରମ ପାଣିଗ୍ରାହୀ, ଓ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସୋମନାଥ ପାତ୍ର ଯୋଗଦେଇ ଆଜିର ସମୟରେ ଯୁବ ମୋର୍ଚ୍ଚାର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଅଟେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଯୁବମୋର୍ଚ୍ଚା କମ ଅଟେ । ଆଗାମୀ ଏନଏସି ନିର୍ବାଚନ ଓ ପଂଚାୟତ ନିର୍ବାଚନ ପାଇଁ ମାତ୍ର ଛଅ ମାସ ଥିବା ବେଳେ ଯୁବମୋର୍ଚ୍ଚା ଆଜି ଠାରୁ ହିଁ ତାର କମ ଆରମ୍ଭ କରିବା ଯୁବ ମୋର୍ଚ୍ଚା କିପରି ବୁଥ ସ୍ତରରେ ମଜବୁତ ହେବ, ସେନେଇ ପ୍ରସ୍ତୁତି ଆରମ୍ଭ କରିବାକୁ ଆହ୍ୱାନ ଦେବା, ଜୁନ ପାଞ୍ଚ ତାରିଖ ରେ ବିଶ୍ୱ ପରିବେଷ ଦିବସ ଠାରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେବାକୁ କହିଥିଲେ । ଏହି ବୈଠକରେ ପୂର୍ବତନ କାଉନସିଲର ଦୁର୍ଗାମାଧବ ପାଣିଗ୍ରାହୀ, ମଣ୍ଡଳସଭାପତି ଭଗବାନ ପ୍ରଧାନ, ବିଧାୟକ ପ୍ରତିନିଧି ରାନୁ ବୈଠାରୁ ଦଳୀୟ ସଙ୍ଗଠନକୁ ମଜବୁତ କରିବା ପାଇଁ କହିଥିଲେ । ଏଥିରେ ମଦନ ପାଢ଼ୀ, ଗଣେଶ ମହାରଣା, ହର ପ୍ରସାଦ ବାରିକ, ରାମ ବେହେରା,ସୁନୀଲ ବେହେରା, ଦୁର୍ଯ୍ୟୋଧନ ମହଙ୍କୁଡ,ରଞ୍ଜିତ ନାୟକ,କାହ୍ନୁ ନାୟକ, ରୟାଲ ବେହେରା,ସଚିନ ପ୍ରଧାନ, ମାନସ ରାଉଳ,ସୁଶୀଲ ବେହେରା,ପ୍ରମୁଖ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ଏହା ସହ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ମଣ୍ଡଳ, ହୁମ୍ମା ମଣ୍ଡଳ, ରମ୍ଭା ଏନଏସି ଠାରେ ମଧ୍ୟ ଯୁବ ମୋର୍ଚ୍ଚାର ମଣ୍ଡଳ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା

# ଏଡିଏସ୍ ଡାନ୍ସ ଷ୍ଟୁଡିଓ ପକ୍ଷରୁ ଗ୍ରୀଷ୍ମ କାଳୀନ ଉତ୍ସବ
# ମୁଖ୍ୟ ଆକର୍ଷଣ ସାଜିଥିଲା ପିଲାମାନଙ୍କ କାଙ୍ଗୁଲା ଡାନ୍ସ

ରଙ୍ଗେଇଲୁଣ୍ଡା,୪।୬ (ଆନିସ): ଗୋଲନ୍ଥରା ନିକଟସ୍ଥ ମାଁ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏ ଡି ଏସ୍ ଡାନ୍ସ ଷ୍ଟୁଡିଓ ପକ୍ଷରୁ ସପ୍ତମ ଗ୍ରୀଷ୍ମ କାଳୀନ ଡାନ୍ସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏଡିଏସ ଗ୍ରୃପର ନିର୍ଦ୍ଦେଶକ ତଥା କୋରିଓଗ୍ରାଫର ଶଙ୍କର ରାଉଳଙ୍କ ନେତୃତ୍ୱରେ ବହୁ ଧୁମ୍ ଧାମରେ ପାଳିତ ହୋଇଯାଇଛି , ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ , ସମାଜସେବୀ ଦୀପକ କୁମାର ଜେନା, ଶଙ୍କର ପଟ୍ଟନାୟକ, ସୁସାନ୍ତ କୁମାର ସାହୁ, ଆନନ୍ଦ ରାଉଳ, କେ ରାଜ କୁମାର ସେନାପତି, ସମୀର ମିଶ୍ର ଯୋଗ ଦେଇଥିବାବେଳେ, ସମ୍ମାନୀତ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ସୁଦୀପ କୁମାର ସାହୁ, ସାମ୍ବାଦିକ ସୁଦର୍ଶନ ରାଉଳ , ରାଜେନ୍ଦ୍ର ରାଉଳ, ସାଧନା ପାଢ଼ୀ, ଗଣପତି ସେଠୀ ପ୍ରମୁଖ ଯୋଗଦେଇ କୃତକାର୍ଯ୍ୟ କରିଥିବା ପିଲାମାନଙ୍କୁ ମାନପତ୍ର ପ୍ରଦାନ କରିବା ସହ ଏ ଡି ଏସ ଡାନ୍ସ ଷ୍ଟୁଡିଓର ପିଲାମାନେ କିଭଳି ସେମାନଙ୍କ ପ୍ରତିଭା ଉଚ୍ଚ ସ୍ତରରେ



ପହଞ୍ଚିବ ଏବଂ ବାପା ମାଆ ମାନଙ୍କ ନାମ ଟେକ ରଖିବେ ସେ ବିଷୟରେ କହିବା ସହ ଶଙ୍କର ରାଉଳଙ୍କୁ ଧନ୍ୟବାଦ ଜଣାଇଥିଲେ । ଗ୍ରାମାଞ୍ଚଳରୁ ଆରମ୍ଭ କରି ଜିଲାସ୍ତରରୁ ଏବଂ ରାଜ୍ୟ ତଥା ଜାତୀୟ ସ୍ତରରେ ନୃତ୍ୟ ପ୍ରତିଭାକୁ ବିକଶିତ କରିବା ହେଉଛି ଏ ଡି ଏସ ଡାନ୍ସ ଷ୍ଟୁଡିଓର ମୂଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ଗୃପର ନିର୍ଦ୍ଦେଶକ ତଥା କୋରିଓଗ୍ରାଫର ଶଙ୍କର ରାଉଳ। ଏଥିସହିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଗୃପର ପିଲାମାନଙ୍କ ଦ୍ୱାରା ଶିକ୍ଷା ଲାଭ କରିଥିବା ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିଥିବା ବେଳେ , ମୁଖ୍ୟ ଆକର୍ଷଣ ସାଜିଥିଲା କାଙ୍ଗୁଲା ଡାନ୍ସ, ପିଲାମାନଙ୍କ ପକ୍ଷରୁ ଫେସନ୍ ସୋ କରାଯାଇଥିଲା , ଏହି କାର୍ଯ୍ୟକ୍ରମ ରେ ଆକର୍ଷଣ ର କେନ୍ଦ୍ରବିନ୍ଦୁ ସାଜିଥିଲା ବ୍ରହ୍ମପୁର ଭାଇନା ସତ୍ୟ ଏବଂ ତାଙ୍କ ଟିମ୍, ପିଙ୍କି ସାହୁ ଏବଂ ତାଙ୍କ ଟିମ୍,ପ୍ରଶାନ୍ତ ସାହୁ,କିରଣ ଚୈଧୁରୀ , ଖୁସି ପ୍ରଧାନ, ନମ୍ରତା ଏବଂ ଏବଂ ରିଶି, ଚାନ୍ଦିନୀ ପ୍ରଧାନ ପ୍ରମୁଖ ଆକର୍ଷଣୀୟ ପ୍ରୋଫମେନ୍ସ କରିଥିଲେ , ହଜାର ହଜାର ଦର୍ଶକମାନ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ନୃତ୍ୟକୁ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଅତି ଶୃଙ୍ଖଳାର ସହିତ ଉମାକାନ୍ତ ସେଠୀ, ବଳରାମ ସାହୁ,ସାହିଲ ରାଉଳ, ବର୍ଷା ଜେନା, ବାବୁଲା ଜେନା, ଚନ୍ଦନ ସେଠୀ, ପ୍ରେମାନନ୍ଦ ରାଉଳ, ଜ୍ୟୋତି ପ୍ରୋମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶ୍ରୀ ରାଉଳ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ଏସ୍?ଆଇଆର୍ କାର୍ଯ୍ୟକ୍ରମରେ ଖପ୍ପେସି ଗ୍ରାମ ଗସ୍ତରେ ବିଡିଓପିଏମ, ଜନମନ ଘର ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ ପାଇଁ ନିର୍ଦ୍ଦେଶ

ମୁନିଗୁଡା,୪।୬(ଆନିସ) ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଶିବପଦର ଗ୍ରାମ ପଞ୍ଚାୟତର ଦୁର୍ଗମ ଖପ୍ପେସି ଗ୍ରାମକୁ ମୁନିଗୁଡା ବ୍ଲକ ବିଡିଓ କୃଷ୍ଣଚନ୍ଦ୍ର ଦଳପତି ଏବଂ ସହକାରୀ ଯନ୍ତ୍ରୀ (ଏଇଇ) ଭି. ଶ୍ରୀନିବାସ ରାଓ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ପିଇଓ ରମେଶ କୁମାର ତୁଳ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଗସ୍ତ ଅବସରରେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍) କାର୍ଯ୍ୟକ୍ରମରେ ଡଙ୍ଗରିଆ ସମ୍ପ୍ରଦାୟର ଲୋକମାନଙ୍କ ସକ୍ରିୟ ଅଂଶଗ୍ରହଣ ସମ୍ପର୍କରେ ଅଧିକାରୀମାନେ ସମୀକ୍ଷା କରିଥିଲେ। ସେହିପରି ପିଏମ ଜନମନ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଗୃହ ନିର୍ମାଣ ଅଗ୍ରଗତିକୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା।ସମୀକ୍ଷା ବେଳେ କେତେକ ସ୍ଥାନୀୟ ଠିକାଦାର ହିତାଧିକାରୀଙ୍କ ଠାରୁ ଅର୍ଥ ଗ୍ରହଣ କରିଥିଲେ ମଧ୍ୟ ଘର ନିର୍ମାଣ କାମ ସମ୍ପୂର୍ଣ୍ଣ କରିନଥିବା ଅଭିଯୋଗ ଆସିଥିଲା। ଏନେଇ ଠିକାଦାରମାନଙ୍କ ସହ ଆଲୋଚନା କରାଯାଇ ଆସନ୍ତା ଏକ ମାସ ମଧ୍ୟରେ ସମସ୍ତ ଘର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସେମାନଙ୍କଠାରୁ ଲିଖିତ ପ୍ରତିଶ୍ରୁତି ନିଆଯାଇଥିଲା। ପ୍ରତିନିଧି ଦଳ ଖପ୍ପେସି ଗ୍ରାମରେ ସ୍ଥାପିତ ସୋଲାର ପାଣି ଯୋଗାଣ ବ୍ୟବସ୍ଥାର ମଧ୍ୟ ତଦାରଖ କରିଥିଲେ। ଏହାସହ ଗ୍ରାମରେ ବନ୍ୟା ନିୟନ୍ତ୍ରଣ ପାଚେରୀ ଏବଂ ଚେକ୍ଡ୍ୟାମ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ



ଗ୍ରହଣ କରିବାକୁ ପିଇଓଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଗମ ଅଞ୍ଚଳର ମୌଳିକ ସୁବିଧା, ପାନୀୟ ଜଳ ବ୍ୟବସ୍ଥା ଓ ଆବାସ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଏହି ଗସ୍ତ କରାଯାଇଥିବା ଜଣାପଡ଼ିଛି। ଏହି ଗସ୍ତ ଫଳରେ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଅଧିକ ସକ୍ରିୟ ହେବ ବୋଲି ଆଶା ପ୍ରକାଶ ପାଇଛି।

## ପୋଲସରାରେ ରୋଜା ଟ୍ରେଡ଼ର୍ସ ଠକେଇ ଘଟଣା

# ୮ ମାସ ପରେ ତାଲା ଭାଙ୍ଗି ସାମାନ ଜବତ କଲା ପୁଲିସ

ପୋଲସରା, ୪।୬ (ଆନିସ): ପୋଲସରା ରେ ବହୁ ଚର୍ଚ୍ଚିତ ରୋଜା ଟ୍ରେଡ଼ର୍ସ ଆଣ୍ଡ ସପ୍ଲାଇୟାର୍ସ ର ଠକେଇ ଘଟଣାର ୮

**ଲୁଟିଥିଲା କୋଟିଏ, ମିଳିଲା ମାତ୍ର ଲକ୍ଷେ!**

ମାସ ପରେ ସ୍ଥାନୀୟ ପ୍ରଶାସନ ଓ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଠକେଇ ସଂସ୍ଥା ପକ୍ଷରୁ ଖୋଲିଥିବା ଦୋକାନ ଘରକୁ ବୁଧବାର ପୋଲସରା ଅତିରିକ୍ତ ତହସିଲଦାର ତଥା ଏକଜ୍ଜୁଟିଭ ମାଜିଷ୍ଟ୍ରେଟ ରମେଶ ଚନ୍ଦ୍ର ମଲ୍ଲିକ ଙ୍କ ଉପସ୍ଥିତ ରେ ପୁଲିସ ତାଲାଭଙ୍ଗୀ ଭିତରେ ଥିବା କିଛି ସାମାନ ଜବତ କରିଛି। କିନ୍ତୁ କୌତୁହଳର କଥା ହେଲା ଯେତେବେଳେ ତାଲା ଭଂଗାଯାଇଥିଲା ଉପସ୍ଥିତ ପୁଲିସ କର୍ମଚାରୀ ଓ କିଛି ଗ୍ରାହକ ତାଜ୍ଜୁବ ହୋଇଯାଇଥିଲେ। କାରଣ କିଛି ଫର୍ନିଚର ଓ ଛୋଟ ମୋଟ ସାମାନ ଛାଡିଦେଲେ ଅନ୍ୟ



କିଛି ମୂଲ୍ୟବାନ ଉପକରଣ ନଥିଲା । ଯାହା ଗ୍ରାହକଙ୍କୁ ଗୋଟିଏ ପ୍ରକାର ଝଟକା ଲାଗିଥିଲା କାହିଁକିନା ଗ୍ରାହକଙ୍କ ମନରେ ବିଶ୍ୱାସ ଭରିରହିଥିଲା ଦୋକାନ ତାଲା ଭାଙ୍ଗିଲା ପରେ କିଛି ନା କିଛି ସାମାନ ମିଳିବ। କିନ୍ତୁ ଗ୍ରାହକଙ୍କ ଏତେ ମାସର ଅପେକ୍ଷା ଓ ଆଶା ଧୂଳିସାତ ହୋଇଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଜବତ ସାମଗ୍ରୀ ମଧ୍ୟରେ ଡବଲ ବେଡ୍, ସୋଫା, ଆଲମିରା, ଅଫିସ ଟେବୁଲ, ଷ୍ଟଡି ଟେବୁଲ ସମେତ ଅଳ୍ପ ପରିମାଣରେ ଫର୍ନିଚାର ଜବତ ହୋଇଛି। ଏବଂ ତାହାର ଆନୁମାନିକ ମୂଲ୍ୟ ପାଖାପାଖି ଲକ୍ଷେ କି ୨ ଲକ୍ଷେ ହୋଇପାରେ ବୋଲି ଅନୁମାନ କରାଯଉଛି । ସୂଚନା ଯେ ପୋଲସରା ଏନଏସି ଅନ୍ତର୍ଗତ ପାଟଣାପଦର ଛକରେ ତାମିଲନାଡୁ ପୁଦିକଟା ଜିଲ୍ଲାରୁ କିଛି ଯୁବକ ରୋଜା ଟ୍ରେଡ଼ର୍ସ ଆଣ୍ଡ ସପ୍ଲାଇୟାର୍ସ ନାଁ ଏକ ସଂସ୍ଥା ଖୋଲି ନାମୀଦାମୀ ଜିନିଷ ସବୁ ଶସ୍ତା ରେ ବିକ୍ରି କରୁଥିଲେ। ଗତ ବର୍ଷ ଜୁଲାଇ ମାସରେ ଖୋଲିଥିବା ଏହି ସଂସ୍ଥାର ଜିନିଷ ଓ ଏହାର ଦରଦାମ ଆକର୍ଷଣୀୟ ଥିଲା ଯାହାଫଳରେ ଦୈନିକ ଲକ୍ଷ ଲକ୍ଷ ଟଙ୍କାର କାରବାର ହେଉଥିଲା। ସକାଳୁ ରାତି ପର୍ଯ୍ୟନ୍ତ ଲୋକଙ୍କ ଭିଡ ଯମୁଥିଲା ଆଗୁଆ ବୁକିଂ କରିବା ପାଇଁ କାହିଁକି ନା ସବୁଜିନିଷ ଉପରେ ପାଖାପାଖି ପଚାଶପ୍ରତିଶତ ପର୍ଯ୍ୟନ୍ତ ରିହାତି ଥିଲା ସେଥିପାଇଁ ପ୍ରଥମେ ଗ୍ରାହକଙ୍କୁ ପଇସା ଦେଇ ଜିନିଷ ପାଇଁ ୧୫ ଦିନ ଅପେକ୍ଷା କରିବାକୁ ପଡିଥାଏ। ନୂଆ ନୂଆରେ ଗ୍ରାହକଙ୍କ ଇଚ୍ଛା ମୁତାବକ ଶୀଘ୍ର ଶୀଘ୍ର ଜିନିଷର ଡେଲିଭେରୀ ଦେଉଥିଲା ଯାହାର ଫଳ ସ୍ୱରୂପ ଏହି ସଂସ୍ଥାର ପ୍ରଚାର ପ୍ରସାର ଚାରିଆଡେ ମାଡିଗଲା ଓ ଆଖ ପାଖ ଅଂଚଳରୁ ଲୋକଙ୍କ ସୁଅ ଛୁଟିଲା କିଏ ଟିଭି, ଫ୍ରିଜ, ୱାସିଂ ମେସିନ ପାଇଁ ତ ଆଉ କିଏ ଖଟ, ସୋଫା, ଗଦି ପାଇଁ ଆଉ କିଏ କିଏ ବାସନ କୁସନ ପାଇଁ ଏପରିକି କେହି କେହି ଲକ୍ଷ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଗ୍ରୀମ ପଇସା ଦେଇଥିବା ଜଣାପଡୁଛି। କିନ୍ତୁ କେହି ସଚେତନତା ନଥିଲେ ଏହାପ୍ରତି ବରଂ ପଇସା ଦେଲା ପରେ ରସିଦ ନେଇ ଖୁସିରେ ଫେରୁଥିଲେ ଯଦି ବି ମନରେ ଟିକିଏ ଆଶଙ୍କା ରହୁଥିଲା କିନ୍ତୁ ତାଠୁ ଅଧିକ ଲୋଭ ଥିଲା ମନରେ। ଯାହାର ସିଧା ଫାଇଦା ଉଠାଇଥିଲା ଠକ ସଂସ୍ଥା ଏବଂ ଲୋକଙ୍କୁ ଆକର୍ଷିତ କରି ଗତବର୍ଷ ଜୁଲାଇ ମାସ ୪ ତାରିଖ ରେ ଉକ୍ତ ସଂସ୍ଥା ଗ୍ରାହକଙ୍କୁ ଲୋଭ ଦେଖାଇ ଚମ୍ପଟ ମାରିଥିଲା । ସୂଚନା ଯେ ଗ୍ରାହକ ଠକାମୀ ପୂର୍ବରୁ ଏନେଇ ପ୍ରଥମେ ଦୈନିକ ଖବର କାଗଜ ସକାଳ ରେ ପ୍ରଥମେ ଲୋଭନୀୟ ଆକର୍ଷଣ ଦେଖାଇ ଠକାମୀ ରେ ପଡି ପାରନ୍ତି ବୋଲି ପ୍ରକାଶ ପାଇଥିଲା।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ଭଗବାନଙ୍କ ସ୍ମରଣ ଓ ଚିନ୍ତନର ପ୍ରତିଫଳନ

ମଣିଷ ଜୀବନର ଅସଲ ଲକ୍ଷ୍ୟ ହେଉଛି ଭଗବତ ପ୍ରାପ୍ତି। ପ୍ରତ୍ୟେକ ମନୁଷ୍ୟର ଆତ୍ମାର ଏହାହିଁ ଏକାନ୍ତ କାମନା। ଆତ୍ମା ଯେତେବେଳେ ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନ ହୋଇ ଭୌତିକ ଜଗତକୁ ପ୍ରବେଶ କରେ, ସେ ପ୍ରତିଜ୍ଞା କରିଥାଏ ପରମାତ୍ମାଙ୍କ ସଙ୍ଗେ ମିଳିତ ହେବ ବୋଲି, କିନ୍ତୁ ସେ ଏ ମାଟିର ସ୍ପର୍ଶ ପାଇଲା ମାତ୍ରେ ସବୁ ପ୍ରତିଜ୍ଞା ଭୁଲିଯାଏ। ସାଂସାରିକ ମୋହ ମାୟାରେ ସେ ଆଚ୍ଛନ୍ନ ହୋଇପଡ଼େ। ଆତ୍ମା ଆଚ୍ଛାଦିତ ହୋଇଯାଏ ପରଦାର ଆବରଣରେ ମନ, ପ୍ରାଣ ଓ ଦେହର ଅଜ୍ଞତା ଅବିଦ୍ୟା ତାକୁ ଉଦ୍ ?ଭ୍ରାନ୍ତ କରେ। ଫଳତଃ ସେ ଭୁଲ୍ବାଟରେ ଅଶାନ୍ତିର ଶିକାର ହୁଏ ଓ ଜୀବନର ସବୁ ସରସତା ତାର ନଷ୍ଟ ହୋଇଯାଏ। ଅବିଦ୍ୟାରୁ ମୁକ୍ତହୋଇ ବିଦ୍ୟାର ଆଲୋକରେ ଆଲୋକିତ ହେବା ପାଇଁ ବ୍ୟକ୍ତିକୁ କିଛି ପ୍ରୟାସ ଓ ପ୍ରଚେଷ୍ଟା କରିବାକୁ ପଡ଼େ। ଆମେ ଗୋଟିଏ ଶୁଆକୁ 'ସୁପ୍ରଭାତ' କହିବା ଶିଖେଇ ଦେଇପାରିବା । କିନ୍ତୁ ଯଦି ଆମେ ତାର ଗଳାକୁ ଜୋରରେ ଚାପିଦେବା, ତେବେ ସେ କୃତ୍ରିମ ରୂପରେ ଶିଖିଥିବା ଶବ୍ଦଟି ଭୁଲିଯାଇ ତାର ସ୍ୱାଭାବିକ ଶବ୍ଦ 'କ୍ୱ' ଉଚ୍ଚାରଣ କରିବ । ସେହିପରି,ମୃତ୍ୟୁ ସମୟରେ ଆମର ମନ ସ୍ୱାଭାବିକ ଭାବରେ ସେହି ଚିନ୍ତାଧାରା ଅଭିମୁଖରେ ପ୍ରବାହିତ ହୁଏ, ଯାହାର ଅଭ୍ୟାସ ଆମେ ଜୀବନ ସାରା କରିଥାଏ । ଜିନିଷପତ୍ର ସଜାଡ଼ି ସାରିବା ପରେ ଯାତ୍ରାର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଏ ନାହିଁ । ବରଂ ତା' ପୂର୍ବରୁ, ଏହାର ରୀତିମତ ଯୋଜନା ପ୍ରସ୍ତୁତ କରାଯିବା ଉଚିତ । ମୃତ୍ୟୁ ସମୟରେ ମୁଖ୍ୟତଃ ଯେଉଁ ବିଚାର ଆମ ମନକୁ ଅଧିକାର କରିଥାଏ, ତଦନୁଯାୟୀ ଆମର ପରବର୍ତ୍ତୀ ଜନ୍ମ ନିର୍ଦ୍ଧାରିତ ହୋଇଥାଏ ।

ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ । ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି । ସେ ଜଣେ ରାଜା ଥିଲେ । କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ । ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡ଼େଇଁ ପଡ଼ିବାର ଦେଖିଲେ । ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା । ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉତ୍ପନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ । ଅତି ଆଗ୍ରହର ସହିତ ସେ ତାର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ । ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ । ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା । କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣର ହିଁ ଚିନ୍ତନ କଲା । ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ । ପରିଣାମ ସ୍ୱରୂପ, ପରବର୍ତ୍ତୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମ ଗ୍ରହଣ କଲେ । କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ । ସେଥିପାଇଁ ହରିଣ ହେଲେ ମଧ୍ୟ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ । ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ । ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ ।

ଗୋଟିଏ କଥା ମନେ ରଖିବା ଉଚିତ୍ ଯେ ଲକ୍ଷ୍ୟ ପ୍ରାପ୍ତି ପାଇଁ, କେବଳ ମୃତ୍ୟୁ ସମୟରେ ହିଁ ପରମେଶ୍ୱରଙ୍କର ଧ୍ୟାନ କରିବା ଆବଶ୍ୟକ । ଜୀବନ ବ୍ୟାପୀ ପ୍ରସ୍ତୁତି ବିନା ଏହା ପ୍ରାୟତଃ ଅସମ୍ଭବ ଅଟେ । ସ୍କନ୍ଦ ପୁରାଣରେ କୁହାଯାଇଛି ଯେ ମୃତ୍ୟୁ ସମୟରେ ଭଗବାନଙ୍କୁ ମନେ ପକାଇବା ଅତ୍ୟନ୍ତ କଷ୍ଟସାଧ ଅଟେ । ମୃତ୍ୟୁ ଏତେ କଷ୍ଟଦାୟକ ଯେ, ମନ ସ୍ୱାଭାବିକ ଭାବରେ ବ୍ୟକ୍ତିର ସ୍ୱଭାବ ଅନୁରୂପ ବିଚାର ପ୍ରତି ଆକର୍ଷିତ ହୋଇଯାଏ । ମନ ଭଗବାନଙ୍କର ଚିନ୍ତନ କରିବା ପାଇଁ ବ୍ୟକ୍ତିର ଅନ୍ତଃକରଣ ଭଗବାନଙ୍କଠାରେ ସଂଯୁକ୍ତ ରହିବା ଆବଶ୍ୟକ । ଅନ୍ତଃକରଣ ସେହି ଚେତନା ଅଟେ ଯାହା ମନ ଓ ବୁଦ୍ଧି ଦ୍ୱାରା ଭିତରେ ରହିଥାଏ । ଯଦି ଆମେ କୌଣସି ବିଚାରର ବାରମ୍ବାର ଚିନ୍ତନ କରିବା ଦ୍ୱାରା, ତାହା ଆମର ଅନ୍ତଃକରଣରେ ପ୍ରତିଫଳିତ ହୋଇଥାଏ । ତେଣୁ ଏକ ଭଗବତ୍ ଚେତନାଯୁକ୍ତ ଅନ୍ତଃକରଣ ବିକଶିତ କରିବା ପାଇଁ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ନିଶ୍ଚିତ ଭାବରେ ଭଗବାନଙ୍କର ସ୍ମରଣ ଏବଂ ଚିନ୍ତନ କରିବା ଆବଶ୍ୟକ ।


**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
**ଅରଙ୍ଗାବାଦ, ବରୀ, ଯାଜପୁର**


# ଦୁର୍ନୀତିର କାଳିମା


## ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ


କଥାରେ ଅଛି, ଚୋର – ଚୋର ଉଭୟେ ମାଉସୀ ପୁଅ ଭାଇ । ଦୁର୍ନୀତିଗ୍ରସ୍ତ ବ୍ୟକ୍ତିକୁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିହିଁ ପସନ୍ଦ କରିଥାନ୍ତି । ସେମାନଙ୍କ ସ୍ୱାର୍ଥରେ ଯଦି କେହି ବାଧା ଦିଅନ୍ତି ତେବେ ସେମାନେ ସଂଘବଦ୍ଧ ହୋଇ ଆକ୍ରମଣ କରିବାକୁ ମଧ୍ୟ ପଛାନ୍ତି ନାହିଁ । କାରଣ ଗୋଟାଏ ଜାତିର ବ୍ୟକ୍ତି ବିଶେଷଙ୍କ ଗୁଣ ସେହି ଜାତିର ସମସ୍ତ ବ୍ୟକ୍ତିଙ୍କୁ ଆକୃଷ୍ଟ କରିଥାଏ । ସେମାନେ ଭାବନ୍ତି ଦୁର୍ନୀତି କରିବା ସେମାନଙ୍କ ଜନ୍ମସିଦ୍ଧ ଅଧିକାର । ଆମ ଉତ୍କଳର ବରପୁତ୍ର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ କବିତାର କାଳଜୟୀ ପଂକ୍ତିଟିଏ ଥିଲା –

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।।

ପରନ୍ତୁ ଅଧୁନା ଦୁରାଚାରୀମାନେ ସ୍ୱାର୍ଥ ସାଧନ ପାଇଁ ବିପରୀତ କର୍ମ ଆଚରଣ କରନ୍ତି । ସେମାନଙ୍କ ମାନସିକରେ ଥାଏ ଯେ –

ମିଶୁ ଦେଶ ପାଣ୍ଠି ମୋଅର ପାଣ୍ଠିରେ
ଚାଲିଯିବି ମୁହିଁ ଦେଶବାସୀଙ୍କ ପିଠିରେ ।।

ଅସାଧୁ ବ୍ୟକ୍ତିମାନେ ଦୁର୍ନୀତିରେ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ , ଯେଉଁମାନେ ଉତ୍ତମ ପଥ ଅବଲମ୍ବନ କରନ୍ତି ସେମାନଙ୍କୁ ନିଜର ଶତ୍ରୁ ବୋଲି ଭାବିଥାନ୍ତି ଏଂ ଯେଉଁମାନେ ଗଳାବାଟ ଦେଇ କାର୍ଯ୍ୟ ହାସଲ କରି ନିଅନ୍ତି ସେମାନେ ହିଁ ସେମାନଙ୍କ ନଜରରେ କରିତ୍କର୍ମା ବ୍ୟକ୍ତି । ଅନ୍ୟପକ୍ଷରେ ଯିଏ ଆପଣା ସଚ୍ଚୋଟ ପଣିଆକୁ ଆଦର୍ଶ ରୂପରେ ଆପଣେଇ ନୀତି ଆଦର୍ଶରେ ବାଟ ଚାଲିଲା, ସେ ବ୍ୟକ୍ତିଟି ଦୁର୍ନୀତିଗ୍ରସ୍ତଙ୍କ ଆଖି ଆଗରେ ଅଯୋଗ୍ୟ ଓ ଅପାରଗ । ଏହି କାରଣରୁ ଆମ ଦେଶରେ ଦିନକୁ ଦିନ ଲାଞ୍ଚ କାରବାର ବଢ଼ିବାରେ ଲାଗିଛି । ଦିନଥିଲା ଏହି ବ୍ୟାଧି ସୀମିତ ବ୍ୟକ୍ତି ବିଶେଷଙ୍କ ଭିତରେ ରହିଥିଲା । ପରନ୍ତୁ ଅଧୁନା ବଡ଼ ବଡ଼ ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏ ଦୁର୍ନୀତିର ଚେର ଲମ୍ବି ଲମ୍ବି ଚାଲିଛି । ଦୁର୍ନୀତିର ବଳୟ ଏତେ ମାତ୍ରାରେ ବ୍ୟାପି ଗଲାଣି ଯେ ଖାଦ୍ୟପେୟ ପଦାର୍ଥ ଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ଔଷଧ ଆଦିରେ ମଧ୍ୟ ଅପମିଶ୍ରଣ କବିବାକୁ ପଛାନ୍ତି ନାହିଁ । ଯଦି କେହି ସଚ୍ଚୋଟ , ନିଷ୍ପାପର ,କର୍ତ୍ତବ୍ୟ ପରାୟଣ ଉଚ୍ଚ ପଦାଧିକାରୀ କିଛି ପଦକ୍ଷେପ ଗ୍ରହଣ କରନ୍ତି , ତେବେ ତାହାଙ୍କୁ କଳ ବଳ କୌଶଳେ ନିଜ ଆଡ଼କୁ ଆଣିବା ପାଇଁ ଅପଚେଷ୍ଟା କରିଥାନ୍ତି । ଯଦି ସଫଳ ହୁଅନ୍ତି ନାହିଁ ତେବେ, ନିଜ ରାସ୍ତାରୁ ହଟାଇବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିଥାନ୍ତି । ଯେଉଁଠି ମନୁଷ୍ୟର ମନୁଷ୍ୟତା ରସାତଳକୁ ଚାଲି ଗଲାଣି ଏବଂ ମାନସିକତା ଯେଉଁଠି ବ୍ୟାଧିଗ୍ରସ୍ତ ହୋଇ ସାରିଛି, ସେଠାରେ । କାହାକୁ ବା କହିବା । ଯେଉଁଠି ଦେଶର ମୁଖିଆମାନେ ଅନୀତିକୁ ନୀତିରେ ପରିଣତ କରିଦିଅନ୍ତି , ଯେଉଁଠି ନ୍ୟାୟ ପାଇଁ ଲଢ଼ୁଥିବା ବ୍ୟକ୍ତିକୁ ମିଥ୍ୟା ଆରୋପରେ ଆରୋପିତ କରି ନ୍ୟାୟାଳୟରେ ଦୋଷୀ ସାବ୍ୟସ୍ତ କରାଯାଏ ,ସେଠାରେ ବା କ'ଣ କରିବ ଆଇନ ଓ କାନୁନ୍ । ଏ ପ୍ରକାର ପରିସ୍ଥିତି ଯୋଗୁଁ ପରିବେଶ କଳୁଷିତ ହୋଇଯାଏ । ଶେଷରେ ସାଧାରଣ ଲୋକମାନଙ୍କ ଜୀବନ ଦୁର୍ବିସ ହେବା ସହ ସେମାନଙ୍କ ଶିରା ପ୍ରଶିରାରେ ମିଶିଯାଏ ଦୁର୍ନୀତିର କାଳିମା ଲହୁ । ଯଦ୍ଦ୍ୱାରା ମାନସିକତା ହୁଏ କଳୁଷିତ । ଯେଉଁଠି ମାନସିକତା ବ୍ୟାଧିଗ୍ରସ୍ତ ଏବଂ ମାନବିକତା ଯେଉଁଠି ସ୍ଥାଣୁ ସେଠାରେ ନୀତି, ନିୟମ ଓ ଆଇନକାନୁନ କେବଳ ବିଧାନ ମାତ୍ର ।

କାରଣ ବ୍ୟକ୍ତି ନିର୍ମାଣ ହୁଏ ପରିବାର ତଥା ପରିସ୍ଥିତିକୁ ନେଇ । ମନୁଷ୍ୟ ହେଉଛି ଏକ ସାମାଜିକ ପ୍ରାଣୀ ଏବଂ ଅନୁକରଣୀୟ ଧର୍ମୀ । ସେ ଯାହା ଦେଖେ ବା ଶୁଣେ ତାହାକୁ ଅନୁକରଣକରି ପରବର୍ତ୍ତୀ ସମୟରେ ସେହିପରି ହୋଇଥାଏ । ଏକ ସୁସଂସ୍କୃତି ସମ୍ପର୍ଣ୍ଣ ବ୍ୟକ୍ତି ନିର୍ମାଣ ପାଇଁ ପରିବାର ଓ ସମାଜର ମୁଖ୍ୟ ଭୂମିକା ଆବଶ୍ୟକ । ମାନବ ଜୀବନରେ ସଂସ୍କାରକୁ ଅତ୍ୟାଧିକ ମହତ୍ତ୍ୱ ଦେବା କଥା । କାରଣ ସଂସ୍କାର ଦ୍ୱାରା ହିଁ ମନୁଷ୍ୟ ନିଜର ଚରିତ୍ର ନିର୍ମାଣ କରିଥାଏ । ଚରିତ୍ର ଏପରି ଏକ ସମ୍ପଦ ଯଦ୍ଦ୍ୱାରା ମନୁଷ୍ୟ ତା ଜୀବନରେ ସୁଖ, ଶାନ୍ତି ଓ ମାନ – ସମ୍ମାନାଦି ପ୍ରାପ୍ତ କରିଥାଏ । ଜଣେ ବ୍ୟକ୍ତିଙ୍କ ପାଖରେ ଧନ, ଜ୍ଞାନ ଓ ଗୁଣ ଇତ୍ୟାଦି ପରିପୂର୍ଣ୍ଣ ଥିଲେବି ଯଦି ତାର ଚରିତ୍ର ଗତ ଦୋଷଥାଏ ତେବେ, ସେପରି ବ୍ୟକ୍ତିକୁ କେହି ବି ପସନ୍ଦ କରନ୍ତି ନାହିଁ । ସଂସ୍କାର ଦ୍ୱାରା ମନୁଷ୍ୟର ଚରିତ୍ରରେ ସଦଗୁଣର ସଞ୍ଚାର ହେବା ସଙ୍ଗେ ସଙ୍ଗେ ଦୋଷ ଦୁର୍ଗୁଣାଦି ଦୂରୀଭୂତ ହୋଇଥାଏ ଏଂ ତାର ଜୀବନଟି ସାର୍ଥକତାରେ ଭରିଯାଇଥାଏ । ସଂସ୍କାରର ମୂଳପ୍ରୟୋଜନ ହେଉଛି – ଆଧ୍ୟାତ୍ମିକ ତଥା ନୈତିକତାର ବିକାଶ । ମାନବ ଜୀବନରେ ପବିତ୍ରତା ଏବଂ ଉତ୍କୃଷ୍ଟ ଆଣିବା ପାଇଁ ଯେଉଁ ଆଧ୍ୟାତ୍ମିକ ଉପଚାର କରାଯାଏ ତାହାକୁ ସଂସ୍କାର କୁହାଯାଏ । ଶ୍ରେଷ୍ଠ ସଂସ୍କାରିତବାନ୍ ମାନବ ନିର୍ମାଣ ହିଁ ସଂସ୍କାରର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ସଂସ୍କାର ଦ୍ୱାରା ହିଁ ମନୁଷ୍ୟ ଶିଷ୍ଟ ଆଚରଣ ସହ ସଭ୍ୟାଦି ପ୍ରବୃତ୍ତିର ବିକାଶ କରିଥାଏ । ଉପରୋକ୍ତ ବିଷୟକୁ ନେଇ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର କହିଥିଲେ ଯେ , ଦୁର୍ନୀତି ଏକ ମାନସିକ ବ୍ୟାଧି । ଯେଉଁ ପର୍ଯ୍ୟନ୍ତ ମଣିଷର ସ୍ୱଭାବ ଓ ଚରିତ୍ରରେ ପରିବର୍ତ୍ତନ ଆସିନାହିଁ, ସେ ପର୍ଯ୍ୟନ୍ତ ଏ ମଣିଷ ଏହି ବ୍ୟାଧିରୁ ମୁକ୍ତି ପାଇ ପାରିବ ନାହିଁ । ଏହାର ପ୍ରକୃତ ନିଦାନ ହେଉଛି ମୂଲ୍ୟବୋଧ ସୁସଂସ୍କାରିତ ଶିକ୍ଷା । ଯେତେ ଦିନ ପର୍ଯ୍ୟନ୍ତ ବ୍ୟକ୍ତି ଜାଗ୍ରତ ଓ ସମାଜ ସଂସ୍କାରିତ ହୋଇନାହିଁ ସେତେ ଦିନ ପର୍ଯ୍ୟନ୍ତ ସମାଜରେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ କାୟା ବିସ୍ତାର କରି ଚାଲିଥିବେ । ଯାର ଫଳରେ ସମାଜିକ ମୂଲ୍ୟବୋଧ ସ୍ତର କମିବାକୁ ଲାଗିବ ଏବଂ ଏହି ଉକ୍ତିଟି –

ଆଲୋ ମୁତୁରୀ ! ଶୋଇବା
ତୁତ ମୁତୁରୀ ମୁଁ ତ ମୁତୁରୀ
ହେଂସ କାହିଁ ପାଇଁ ଧୋଇବା ।
ନିଜର ସାର୍ଥକତା ବଜାୟ ରଖିଥିବ ।


**ଅ ଆସିକା , ଗଞ୍ଜାମ ।**


# ଦୁଇ କଢ଼ି


## ସୁନନ୍ଦା ମହାନ୍ତି


ପରିବେଶ ପ୍ରତି ସଚେତନ ହେବାକୁ ହେଲେ ବିଶ୍ୱବାସୀ ପ୍ରତ୍ୟେକ ଯେପରି ଗଛଟିଏ ଲଗେଇବାର ଆବଶ୍ୟକତା ରହିଛି ପ୍ରତ୍ୟେକ ମଣିଷ ତା ଭିତରେ ମଧ୍ୟ ସବୁଜ ଗଛଟିଏ ଲଗେଇବାର ଆବଶ୍ୟକତା ରହିଛି । ଯୋଉ ବୃକ୍ଷ ସାଧାରଣ ବୃକ୍ଷ ଭଳି ଖାଦ୍ୟ, ପାଣି, ପବନ, ବାସଗୃହ ଓ ବସ୍ତ୍ର ଭଳି ମଣିଷର ସମସ୍ତ ନିହାତି ଆବଶ୍ୟକତାକୁ ଅଧିକାଂଶ ମାତ୍ରାରେ ପୁରଣ କରିବା ସହ ନିଶ୍ୱାସ ପ୍ରଶ୍ୱାସରେ ପ୍ରବାହିତ ହେଉଛି । ଠିକ ସେହିପରି ହୃଦୟ ଭିତରେ ମନୁଷ୍ୟତା ଗଛ ବଢିଲେ ପରିବାର, ସମାଜ, ରାଜ୍ୟ ଓ ଦେଶ ପାଇଁ ପ୍ରତ୍ୟେକ ଜଣେ ଜଣେ ନିର୍ମଳ ବ୍ୟକ୍ତି ହୋଇ ବାହାରିବେ ।ସେ ଡ଼ାଳ ହୋଇଥିବ ବିଶ୍ୱାସର । ଫୁଲ ଫୁଟିଥିବ ଦାନ ରୂପକ ପୁଣ୍ୟର ।କାରଣ ସଂସାରରେ ପ୍ରତ୍ୟେକ ଧର୍ମରେ ଦାନର ବିଶେଷ ମହତ୍ତ୍ୱ ରହିଛି ।ଦାନ କରିବା ଦ୍ବାରା ମୋହରୁ ମୁକ୍ତି ମିଳିବା ସହ ଜୀବନର ଅନେକ ଦୋଷ ମଧ୍ୟ ଦୂର ହୋଇଥାଏ । ଅନ୍ନଦାନ, ବସ୍ତ୍ରଦାନ, ଗୋଦାନ ଓ ଧାତୁଦାନ ଆଦି କରି ମନୁଷ୍ୟ ପୂଣ୍ୟର ଅଧିକାରୀ ହୋଇଥାଏ ।ସାଂସାରିକ ଆସକ୍ତି ଓ ମୋହ ମାୟାରୁ ମୁକ୍ତି ମିଳିଥାଏ । ଦାନ ହେଉଛି ଏପରି କାର୍ଯ୍ୟ ଯାହା ମାଧ୍ୟମରେ ମନୁଷ୍ୟ କେବଳ ଧର୍ମ ଅର୍ଜନ କରେ ତା ନୁହେଁ, ଏହାଦ୍ବାରା ଜୀବନର ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ ।ଜଣେ ଦାନ କରି ଆତ୍ମସନ୍ତୋଷ ଲାଭ କରେ ।ଏହାଦ୍ବାରା ପ୍ରାରବ୍ଧ ପାଇଁ ସଞ୍ଚିତ ହୋଇ ରହେ ମହାପୂଣ୍ୟ ।ଅନ୍ନଦାନ କରିବା ଦ୍ବାରା ଜୀବନରେ ଖାଦ୍ୟର ଅଭାବ ରହେ ନାହିଁ ।ସେହିଭଳି ଧାତୁଦାନ କରିବା ଦ୍ବାରା ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ ।ବସ୍ତ୍ରଦାନ ଦ୍ବାରା ଇହଧାମରେ ମନୁଷ୍ୟକୁ ସମସ୍ତ ସୁଖ ପ୍ରାପ୍ତି ହୋଇଥାଏ ।ଯେଉଁ ବ୍ୟକ୍ତି ବସ୍ତ୍ରଦାନ କରନ୍ତି ତାଙ୍କୁ ବ୍ରହ୍ମଲୋକ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି ।ଆଉ ପ୍ରତ୍ୟକ ଫୁଲରୁ ଉତ୍ପନ୍ନ ଫଳ ଅଂହଙ୍କାର ନାଶ କରି ସ୍ନେହ, ମମତା ଆନ୍ତରିକତା, ପ୍ରୀତି, ପ୍ରେମ, ତ୍ୟାଗ ସହ କାମନା ରହିତ ମୋହ,ମାୟା, ଆସକ୍ତିର ଅମୃତ ରସ ପରଷୁଥିବ । ସେସବୁ ଯାହା ଦାମ୍ପତ୍ୟ ସୁଖ ମଧୁର କରିବା ସହ ପରିବାର, ପଡୋଶୀ, ସମାଜ, ରାଜ୍ୟ ଓ ଦେଶର ମଙ୍ଗଳ କରୁଥିବ । ପ୍ରଥମ ବିବାହ ବାର୍ଷିକୀରେ ସ୍ୱାମୀ ଅନିଲ ଦେଇଥିବା ଉପହାରରେ ସବୁଜ ଗଛଟିକୁ ଦେବା ସହ ଗଛ ଉପରେ ଯେଉଁ ସାରଗର୍ଭକ ତଥ୍ୟ ଶୁଣାଇଥିଲେ ଗଛଟିକୁ ନେବାରେ ଆଉ ଦ୍ୱିଧା ନଥିଲା ଅମିତାଙ୍କର । ସେ ସେହିଦିନ ଗଛଟିକୁ ବାଡ଼ିରେ ପୋତିଦେବା ସହ ହୃଦୟରେ ପୋତି ଦେଇଥିଲେ ସେହି ଉପକାରୀ ଗଛର ପ୍ରଜାତି ସବୁଜ ଗଛଟିଏ ।

ହୃଦୟରେ ଗଛଟିକୁ ପୋତିଦେବା ପରେ ସେ ସେଥିରେ ଢାଳୁଥିଲେ ପାଣି ବା ଜଳ । ସେ ଜଳ ଥିଲା ଦୟା, କରୁଣା ସହ ଆସ୍ତି ସୂଚକ ଚିନ୍ତାଧାରା । ଖାଲି ସେତିକି ନୁହେଁ ବରଂ ହୃଦୟରେ ଲଗାଇଥିବା ଗଛଟିର ଚାରା ଆଣି ସେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଭିତରେ ରୋପଣ କରିବାକୁ ସକ୍ଷମ ହୋଇଥିଲେ ବିଶ୍ୱାସ, ଭରସା ଭଳି ମାଟି, ଆନ୍ତରିକତା ଓ ଭଲପାଇବା ଭଳି ପାଣି ଓ ଶହନଶୀଳତା, ଧୈର୍ଯ୍ୟ ତଥା ସୋ ପରି ସୂର୍ଯ୍ୟକିରଣ ଦେଇ ତାକୁ ବଢ଼ାଇ ଚାଲିଥିଲେ ତ ଅମିତାଙ୍କର ଆଗ ପଛ ହୋଇ ଦୁଇଟି କନ୍ୟା ହୋଇଥିଲେ ମଧ୍ୟ ପରିବାର ସ୍ୱୀକୃତି ମିଳି ସେ ଦୁହେଁ ଚନ୍ଦ୍ରକଳା ପରି ବଢ଼ି ପାଠ ପଢି ଜଣେ ସ୍କୁଲ ଶିକ୍ଷୟିତ୍ରୀ ହେବା ସହ ଜଣେ ବ୍ୟାଙ୍କରେ ପିଓ ।ଦୁହିଁଙ୍କ ବିବାହ କରିବା ପାଇଁ ଏଣିକି ବାପା ଯେପରି ଚେଷ୍ଟିତ ମାଆ ମଧ୍ୟ ଦୁହିଁଙ୍କ ଭିତରେ ସବୁଜ ଗଛର ସମସ୍ତ ଉପାଦାନ ଭରିଦେବାକୁ ସଦା ଜାଗ୍ରତ ।କାରଣ ଅମିତା ବୁଝିସାରିଥିଲେ କି ଶ୍ରୁତି ଓ କୀର୍ତ୍ତି ଦୁହିଁଙ୍କ ଦାମ୍ପତ୍ୟ ସୁଖୀ ଜୀବନ ପାଇଁ ହୃଦୟରେ ସବୁଜ ଗଛର ଅଙ୍କୁରୋଦମ ନିହାତି ଅପରିହାର୍ଯ୍ୟ । ଝିଅ ଦୁହିଁଙ୍କୁ ବିଦା କଲାବେଳେ ଦୁହିଁଙ୍କ ଶାଶୁଙ୍କୁ ଦୁଇଟି କୁଣ୍ଡରେ ଦୁଇଟି ସବୁଜ ଗଛ ଉପହାର ଦେବାକୁ ଭୁଲିନଥିଲେ ଅମିତା । କହିଥିଲେ ଯତ୍ନ କଲେ ରତ୍ନ ମିଳେ ଭଉଣୀ । ଦୁଇ ସମୁଦୁଣୀ କହୁଥିଲେକି ଆମେ ମଧ୍ୟ ଜାଣିବାକୁ ଚାହୁଁଥିଲୁ ଆପଣଙ୍କ ଝିଅ ଦୁହିଁଙ୍କ ପସନ୍ଦ ଅପସନ୍ଦ । ଏବେ ଆଉ ବୁଝିବାକୁ ବାକି ନାହିଁ ।

ଶ୍ରୁତିର ଜୋଇଁ ବଡ଼ ବ୍ୟବସାୟୀ ଥିଲେ । କିନ୍ତୁ ଦୈବ ଦୁର୍ବିପାକ ବଳେ କିଏ ବା ତିଷ୍ଠିଛି ଏ ମହୀ ତଳେ । ବୁଡିଯିବାକୁ ବସିଲା ବ୍ୟବସାୟ । ପୁରୁଷ ପିଲାଙ୍କର ନିଜ ବ୍ୟବସାୟ ବନ୍ଦ ହୋଇଗଲେ ସେମାନେ ଘାଇଲା ବାଘ ପରି ହୁଅନ୍ତି । କିନ୍ତୁ ଶ୍ରୁତିର ଚାକିରୀ ସହିତ ଫୁଲ ବ୍ୟବସାୟ ଭଲ ଚାଲିଥାଏ । ଆଜିର ଲୋକଙ୍କୁ ବୁଝିବାକୁ ବାକି ନଥାଏ ଫୁଲର ସୁଗନ୍ଧ ଦେହ ମନକୁ ସତେଜ ରଖେ । ସ୍କୁଲରେ ପଢ଼ାଇଲା ବେଳେ ଶ୍ରୁତି ଦିନେ ପିଲାମାନଙ୍କୁ ପଚାରିଥିଲା ଏ ପୃଥିବୀରେ ସବୁଠୁ ସୁନ୍ଦର କଣ ଅଛି କହିପାରିବ । ଯଦିଓ ଶ୍ରୁତି ବୁଝିଥିଲା କି ପୃଥିବୀ ପୃଷ୍ଠରେ ପ୍ରକୃତିରେ ଭରି ରହିଥିବା ସମସ୍ତ ପ୍ରାକୃତିକ ଜିନିଷ ଭିତରେ କିଛିନା କିଛି ସୌନ୍ଦର୍ଯ୍ୟ ଅଛି ତଥାପି ଅଧିକାଂଶ ଛାତ୍ର ଛାତ୍ରୀ ଫୁଲ ସବୁଠୁ ସୁନ୍ଦର କହିଥିଲେ । ଶ୍ରୁତି ବୁଝିଯାଇଥିଲେ କି ନରମ ନରମ ରଙ୍ଗୀନ ଫୁଲ ପରି ଏ ଶିଶୁ ଓ ତାଙ୍କର ମନ ତେଣୁ ସେ ସଠିକ ଉତ୍ତର ଦେଇ ପିଲାଙ୍କୁ ବୁଝେଇଥିଲେ ମଧ୍ୟ ଫୁଲ ଯେ ଅଧିକ କୋମଳ ନରମ ଓ ରଙ୍ଗୀନ ସାଙ୍ଗକୁ ସୁଗନ୍ଧ ଦେଇ ମନ ଓ ଶରୀରକୁ ତାଜା ରଖୁଥିବାରୁ ସ୍କୁଲରେ ଫୁଲ ଗଛ ଲଗେଇବା ସହ ନିଜ ବାଡ଼ି ବଗିଚାରେ ଫୁଲ ଗଛ ଲଗାଇବାକୁ ପିଲାଙ୍କୁ କହିବା ସହ ନିଜେ ଲଗେଇଥିଲେ ଆଉ ଏତେ ଫୁଲ ହେଉଥିଲା ତ ଖୁବ ବିକ୍ରୀ ହେଉଥିଲା । ଏମିତିକି ଔଷଧ କମ୍ପାନୀମାନେ ମଧ୍ୟ କିଣୁଥିଲେ ଫୁଲ । ଦେବାଳୟରେ ଠାକୁରଙ୍କୁ ଫୁଲ ଦେଇ ଶାନ୍ତି ଓ ପବିତ୍ରତା ମିଳୁଥିଲା ଶ୍ରୁତିଙ୍କ ସହ ପରିବାରବର୍ଗଙ୍କୁ । ଏଣିକି ଧୈର୍ଯ୍ୟ ଧରି ସ୍ୱାମୀଙ୍କୁ ସାନ୍ତ୍ୱନା ଦେଇ ସେ ଫୁଲ ବ୍ୟବସାୟରେ ସକ୍ରିୟ ରଖିଥିଲେ ତ ଆଉ ଦୁଃଖ ନଥିଲା ତାଙ୍କ ଦାମ୍ପତ୍ୟ ଭିତରେ ।ଫୁଲ ହିଁ ତାଙ୍କ ସୁଖୀ ଜୀବନର ମାଧ୍ୟମ ଥିଲା ।ସେଦିନ ଗୋଲାପଫୁଲ ତୋଳୁ ତୋଳୁ କଣ୍ଟା ବାଜି ଆଘାତ ପ୍ରାପ୍ତ ହୋଇଥିବା ଶ୍ରୁତିଙ୍କୁ ତାଙ୍କ ସ୍ୱାମୀ ହାତ ଧୋଇ ପରିସ୍କାର କପଡ଼ାରେ ପୋଛି ଉପଚାର ରୂପେ ଡେଟଲ ମାରି ବେଟାଡାଇନ ଲଗାଇ ସାରି କହିଥିଲେ ଛୋଟ ବେଳେ ଜେଜେମା କହୁଥିଲେ ଭାଲୁ ମହୁଲ ଫୁଲ ଖାଇବାକୁ ଖୁବ ଭଲ ପାଏ । ମହୁଲ ଫୁଲ ସଂଗ୍ରହ କରି ରଖିଥାଏ ଯେତିକି ଖାଇଥାଏ ସେତିକି । ଶୀତ ଦିନ ଆସିଲେ ଭାଲୁ ଶୋଇଯାଏ । ଅନ୍ୟଦିନମାନଙ୍କରେ ଏତେ ଖାଇଥାଏ ଯେ ଶୀତ ଦିନେ ଛୁଆ କରିବା ସହ ଛୁଆଙ୍କୁ କ୍ଷୀରପାନ କରେଇ ଶୋଇଯାଏ ଛୁଆମାନେ ବଡ଼ ହେବା ଯାଏଁ । ତାହାକୁ ଭାଲୁର ହାଇବରନେଟିଙ୍ଗ ସମୟ କହୁଥିଲା ବେଳେ,ଭୀଷଣ ବରଫ ପଡୁଥିବାରୁ ଜଙ୍ଗଲର ଅନ୍ୟ ପଶୁ ପକ୍ଷୀ ମାନେ କୁଆଡେ ଯାଇ ନପାରି ଭାଲୁ ସଞ୍ଚୟ କରି ରଖିଥିବା ମହୁଲଫୁଲ ଖାଇ ଭାଲୁର ସଞ୍ଚୟ ଗୁଣକୁ ପ୍ରଶଂସା କରିବା ସହ ଭାଲୁକୁ ରାଜା କରିବାକୁ ସ୍ଥିର କରିଥିଲେ । ମହୁଲ ଫୁଲ ଯୋଗୁଁ ଭାଲୁ ଯେମିତି ରାଜା ହୋଇଥିଲା ତୁମ ହାତ ଲଗା ଗୋଲାପ ଫୁଲ ଯୋଗୁଁ ମୋ ବ୍ୟବସାୟ ଆଜି ରାଜକୀୟ ଢଙ୍ଗରେ ଚାଲିଛି କହି ସ୍ୱାମୀ ଖୁବ ଖୁସି ପାଇବା ଦେଖି ଶ୍ରୁତି ମଧ୍ୟ ଖୁସି ହୋଇ ସ୍କୁଲରେ ଭାଲୁର ଶୀତ ଦିନେ ଶୋଇରହିବାକୁ ହାଇବରନେଟ କୁହାଯାଏ ବୁଝେଇବା ବେଳେ ଏହି ଗପଟିକୁ ନୂଆ କରି କହୁଥିଲେ କାରଣ ଏ ଭିତରେ ପ୍ରତ୍ୟେକ ଫୁଲକୁ ଭଲପାଇବା ଦେଇ ଫୁଲବାଗିଚା କରିବା ପିଲାମାନେ ଶିଖିଯାଇଥିଲେ ଶ୍ରୁତି ଦିଦିଙ୍କଠାରୁ ।

ସାନଭଉଣୀ କୀର୍ତ୍ତି ଦେଖୁଥିଲା ବ୍ୟାଙ୍କରୁ ଋଣ ନେଇ ଅଧିକାଂଶ ଲୋକ ମୂଳ ଦେବା ଦୂରେ ଥାଉ ସୁଧ ମଧ୍ୟ ପଇଠ କରୁନଥିଲେ ତ କୀର୍ତ୍ତି ଅପାଠୁ ଶିଖି ସମସ୍ତଙ୍କୁ ଫୁଲ ବଗିଚା କରି ଅଧିକା ଉପାର୍ଜନ କରିବାକୁ କହିବା ସହ ସବୁଜ ପନିପରିବା ଚାଷ କରି ଘର ଓ ବଜାରର ଆବଶ୍ୟକତା ପୁରଣ କରିବାକୁ ପ୍ରୋତ୍ସାହନ ଦେଉଥିଲେ ତ ଦେଖାଗଲା ଯେଉଁମାନେ ତାଙ୍କ କଥା ମାନୁଥିଲେ ସେମାନେ ବ୍ୟାଙ୍କରୁ ନେଉଥିବା ଋଣକୁ ନିଜ ଆର୍ଥିକ ଉର୍ନ୍ନତିରେ ବିନିଯୋଗ କରିବା ସହ ସୁଧ ଓ ମୂଳ ଠିକଠାକ ପୈଠ କରିବାକୁ ସକ୍ଷମ ହେବା ସହ ଆଉ ଋଣ କରୁନଥିଲେ । କୀର୍ତ୍ତିଙ୍କ ଜୀବନରେ ମଧ୍ୟ ଦୁଃଖ ଆସିଥିଲା ।ସ୍ୱାମୀ ତାଙ୍କ ପିତା ମାତାଙ୍କ ମୃତ୍ୟୁ ପରେ ଦୁଃଖରେ ଭାଙ୍ଗି ପଡି ଗୁରୁଙ୍କ ଆଶ୍ରମକୁ ଚାଲିଯାଇଥିଲେ ।ଆଶ୍ରମରେ ଥିଲାବେଳେ ସେ ଭୁଲି ଯାଇଥିଲେ ତାଙ୍କର ଏବେ ନିଜ ସଂସାର ଓ ଦାମ୍ପତ୍ୟ ଜୀବନ ପାଇଁ କିଛି କର୍ତ୍ତବ୍ୟ ଅଛି । ଗୁରୁ ଧ୍ୟାନ ବଳରେ ସବୁ ଜାଣିପାରିଲେ ।ସେଦିନ ପିଲାମାନଙ୍କୁ ଉପଦେଶ ଦେଇ ଗାନ୍ଧିଙ୍କ ଜୀବନ କାହାଣୀ କହିବାକୁ ଯାଇ ତାଙ୍କର ସବୁଗୁଣ ଭିତରେ ସତ କହିବାକୁ କିଆଁ ଡରିବି ଶିକ୍ଷାଟି ଉଚ୍ଚକୋଟୀର ଅଟେ ବୋଲି କହୁଥିଲେ ତା ସହ ସତ କହୁଥିବା ଜର୍ଜ ପିଲାଦିନେ କୁରାଢ଼ି ସାହାଯ୍ୟରେ ନିଜ ବଗିଚାରୁ ଫଳନ୍ତି ଗଛ କାଟିଦେଇ ନିଜ ଭୁଲ ମାନି ଆଉ କେବେ ଏପରି କାମ କରିବେନି କହି ପିତାଙ୍କ ନିକଟରେ ସତ ମାନିଯାଇଥିବାରୁ ସେ ଭବିଷ୍ୟତରେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ଓ୍ୱାଶିଂଙ୍ଗଟନ ରୂପେ ପରିଚିତ ହୋଇପାରିଥିଲେ । ଏହି କଥା ଶୁଣି କୀର୍ତ୍ତିଙ୍କ ସ୍ୱାମୀ ମଧ୍ୟ ସେଦିନ ସତ ମାନିଯାଇଥିଲେ କି ପିତା ମାତାଙ୍କ ମୃତ୍ୟୁ ପରେ ସେ ଦୁଃଖରେ ଘର ଛାଡ଼ି ଆସିଛନ୍ତି । ଏଥର ଗୁରୁ ବୁଝେଇଥିଲେ । ସଂସାରରେ ଜନ୍ମିତ ସମସ୍ତ ପ୍ରାଣୀ ଓ ମନୁଷ୍ୟଙ୍କର ମୃତ୍ୟୁ ଅଛି କିନ୍ତୁ ସେଥିପାଇଁ ଆମର ପରବର୍ତ୍ତୀ ଜୀବନସାଥି ପ୍ରତି ଆମେ ଅନ୍ୟାୟ କରିବା ଉଚିତ ନୁହେଁ । ସଂସାର ଛାଡ଼ି, ଚାକିରୀ ହରେଇ ଗୁରୁଙ୍କ ପାଖକୁ ଆସିଛ ଭଲକଥା କିନ୍ତୁ ସହଧର୍ମିଣୀର ମଧ୍ୟ କିଛି ଆବଶ୍ୟକତା ଅଛି । ଶପଥ କରି ତୁମ ପିତା ମାତାଙ୍କ ସୋ ଯତ୍ନ କରିବାରେ ପତ୍ନୀ କେବେ ପଛଘୁଞ୍ଚା ଦେଇନଥିବା ବେଳେ ତୁମେ ତାଙ୍କ ଦେହମୁଣ୍ଡ, ଭଲମନ୍ଦ ବେଳେ ତାଙ୍କ ପାଖରେ ରହିବା ଉଚିତ । ସହଧର୍ମିଣୀ ନିଜ ସହକର୍ମିଣୀ ଅଟେ । ଗାନ୍ଧି ଦେଶ ସୋ କଲାବେଳେ କସ୍ତୁରବାଙ୍କୁ ଛାଡ଼ିନଥିଲେ କି ଜଜ ଓ୍ୱାଶିଂଙ୍ଗଟନ ଆମେରିକା ଭଳି ଦେଶର ସର୍ବୋଚ୍ଚ ହୋଇଥିବା ବେଳେ ପତ୍ନୀଙ୍କୁ ଛାଡ଼ି ନଥିଲେ ।ଏଥର ଗୁରୁଙ୍କ ପ୍ରଦତ୍ତ ଗଛ ଦୁଇଟି ଧରି ଫେରିଥିଲେ ସ୍ୱାମୀ ଅଭିନନ୍ଦନ କୀର୍ତ୍ତିଙ୍କ ନିକଟକୁ । କୀର୍ତ୍ତି ମଧ୍ୟ ଏ ଭିତରେ ସୃଷ୍ଟି କରିଥିଲେ ସବୁଜ ବାନାନୀ ଯୋଉଠି ପିତା ମାତାଙ୍କ ସ୍ମୃତି ଉଦେଶ୍ୟରେ ସ୍ୱାମୀ ଆଣିଥିବା ଗଛ ଦୁଇଟି ମଧ୍ୟ ଖାଲି ସ୍ଥାନ ନୁହେଁ ପୂଜା ପାଉଥିଲା କୀର୍ତ୍ତିଙ୍କ ହାତରୁ ।ସମସ୍ତେ ଶ୍ରୁତି ଓ କୀର୍ତ୍ତିଙ୍କୁ ଖୁବ ପ୍ରଶଂଶା କରୁଥିଲେ ।


**ସାକ୍ଷୀଗୋପାଳ, ପୁରୀ**


# ତତ୍ତ୍ୱଶୋଧ

ଯେ ପର୍ଯ୍ୟନ୍ତ ମହର୍ଷି ଦଧୀଚିଙ୍କର ଧର୍ମପତ୍ନୀ ଭଗବତୀ ବେଦବତୀଙ୍କର ଉପସ୍ଥିତି ରହିଥିଲା, ସେ ପର୍ଯ୍ୟନ୍ତ ତାଙ୍କ ଆଶ୍ରମକୁ ପ୍ରବେଶ କରିବା ଇନ୍ଦ୍ରଙ୍କ ଭଳି ମହାବଳୀ ଦେବତାଙ୍କ ପାଇଁ ବି କଠିନ ଥିଲା । ଇନ୍ଦ୍ର ସମସ୍ତଙ୍କ ନିକଟରେ ଲୁଚି ପାରୁଥିଲେ କିନ୍ତୁ କୃତୀଙ୍କର ଅପୂର୍ବ ତେଜ ଆଗରେ ଛଦ୍ମବେଶ ଧାରଣ କରିବା ତାଙ୍କ ପାଇଁ ସମ୍ଭବ ହୋଇ ନ ଥିଲା । ବେଦବତୀ ଜଳ ଆଣିବା ପାଇଁ ବାହାରକୁ ବାହାରିଲେ, ସେତେବେଳେ ଇନ୍ଦ୍ର ଆଶ୍ରମକୁ ପ୍ରବେଶ କଲେ ଏବଂ ମହର୍ଷି ଦଧୀଚିଙ୍କ ନିକଟରେ ଅସ୍ଥିଦାନର ଯାଚନା କରି ତାହାକୁ ନେଇ ଯାଇଥିଲେ । ବେଦବତୀ ଆଶ୍ରମକୁ ଫେରିବା ପୂର୍ବରୁ ଅସ୍ଥିଦାନ କାର୍ଯ୍ୟ ସମ୍ପନ୍ନ ହୋଇ ଯାଇଥିଲା । ମହର୍ଷି ଦଧୀଚି ବୃତ୍ରାସୁରକୁ ମାରିବା ଉଦ୍ଦେଶ୍ୟରେ ବଜ୍ର ତିଆରି କରିବା ପାଇଁ ନିଜର ଅସ୍ଥିଦାନ କରି ସାରିଥିଲେ, ତାଙ୍କର ପ୍ରାଣ ଚାଲିଯାଇଥିଲା । ବେଦବତୀ ଗୋଟିଏ ମୂହୂର୍ତ୍ତରେ ସମସ୍ତ ସ୍ଥିତିକୁ ଅନୁମାନ କରିନେଲେ । ସେ ଇନ୍ଦ୍ରଙ୍କୁ ଅଭିଶାପ ଦେବାକୁ ଯିବା ସମୟରେ ଦିବ୍ୟ ଦେହଧାରୀ ମହର୍ଷି ତାଙ୍କୁ ପରାବାଣୀ ମାଧ୍ୟମରେ ବୁଝାଇଲେ, 'ଭଦ୍ରେ ! ଦେବତ୍ୱର ରକ୍ଷା ପାଇଁ ମୁଁ ସ୍ୱେଚ୍ଛାକୃତ ଭାବରେ ନିଜର ଅସ୍ଥିଦାନ କରିଛି । ଏବେ ତୁମ ପାଇଁ ଏହା ଉଚିତ ହେବ ଯେ, ଅଭିଶାପ ନ ଦେଇ ଗର୍ଭରେ ବଢୁଥିବା ଆତ୍ମାକୁ ଏପରି ଭାବରେ ନିର୍ମାଣ କର, ଯେପରି 'ତତ୍ତ୍ୱଶୋଧ' ଉଦ୍ଦେଶ୍ୟରେ ମୋର ସାଧନା ଅସମ୍ପୂର୍ଣ୍ଣ ରହିବ ନାହିଁ ।' 'ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ ହେ ଦେବ !' ଏହା କହି ବେଦବତୀ ତପଶ୍ଚର୍ଯ୍ୟାରେ ସଂଲଗ୍ନ ହୋଇଗଲେ । ଇତିହାସ ସାକ୍ଷୀ ଅଛି ଯେ, ନିଜ ଗର୍ଭରୁ ପିପ୍ପଳାଦଙ୍କ ପରି ମହାନ୍ ଋଷିଙ୍କୁ ଉପନ୍ନ କରି ସେ ପତିଙ୍କର ଏହି ଅନ୍ତିମ କାମନାକୁ ମଧ୍ୟ ପୂରା କରିଥିଲେ ।

(ସୌଜନ୍ୟ : ଅଖଣ୍ଡ ଜ୍ୟୋତି)

# ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା

ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା, ଏହାର ସ୍ୱତନ୍ତ୍ରତା ଥିଲେ ମଧ୍ୟ ଅତୀତରେ ଏହି ଭାଷା ଉପରେ ପଡ଼ୋଶୀଙ୍କ ପକ୍ଷରୁ ଅନେକବାର ଆକ୍ରମଣ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଦୁର୍ବଳ କରିଦେବା ପାଇଁ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ର କରାଯାଇଛି। ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ଉତ୍କଳ ଗୌରବ ମଧୁସୂଦନ ଦାସ, ବିଚ୍ଛନ୍ଦ ଚରଣ, କବିବର ରାଧାନାଥ ରାୟ, ଭକ୍ତିକବି ମଧୁସୂଦନ ରାଓ ପ୍ରମୁଖଙ୍କର ଅତୁଳନୀୟ ଭୂମିକା ରହିଛି।

୨୦୧୪ ମସିହା ମାର୍ଚ୍ଚ ୧୧ତାରିଖ ପ୍ରତ୍ୟେକ ଓଡିଆଙ୍କ ପାଇଁ ସ୍ମରଣୀୟ ଦିବସ । ଏହି ଦିନ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଖାଲି ସରକାରୀ ମାନ୍ୟତା ପାଇଗଲେ ଭାଷାର ଅଭିବୃଦ୍ଧି ଓ ସଂରକ୍ଷଣ ହୋଇପାରିବ ଏହା ଭାବିବା ଠିକ୍ ନୁହେଁ । ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ ।

ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅଧିକାଂଶ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି । ଓଡ଼ିଶାରେ ପ୍ରାୟ ସାଢେ ଚାରିକୋଟି ଲୋକଙ୍କର ମାତୃଭାଷା ଓଡ଼ିଆ ହୋଇଥିବାବେଳେ ଓଡ଼ିଶାର ସୀମା ସଲଗ୍ନ ପଶ୍ଚିମବଙ୍ଗର ମେଦିନପୁର, ଝାଡ଼ଖଣ୍ଡ ରାଜ୍ୟର ପୂର୍ବ ସିଂଘଭୂମ, ପଶ୍ଚିମ ସିଂହଭୂମ, ଖରସୁଆଁ, ସିମଡ଼େରା, ଗୁମଲା, ଖୁଣ୍ଟି, ରାଞ୍ଚି, ଆନ୍ଧ୍ର ପ୍ରଦେଶର ସିକାକୁଲମ, ବିଜୟନଗରମ, ଅଞ୍ଚଳ ସମେତ ଦେଶର ବିଭିନ୍ନ ପ୍ରଦେଶରରେ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଲୋକ ଓଡ଼ିଆ ଭାଷାକୁ ବ୍ୟବହାର କରନ୍ତି। ଝାଡ଼ଖଣ୍ଡରେ ଓଡ଼ିଆଭାଷା ଦ୍ୱିତୀୟ ଭାଷା ଭାବେ ସ୍ୱୀକୃତି ଲାଭ କରିଛି। ଅତୀତରେ ଓଡ଼ିଶାର ସାଧବପୁଅ ନୌବାଣିଜ୍ୟ କରିବାପାଇଁ ବଙ୍ଗଳାଦେଶ, ଇଣ୍ଡୋନେସିଆ, ଜାଭା , ସୁମାତ୍ରା, ବାଲିଦ୍ୱୀପ ଯାଉଥିବା ବେଳେ ସେଠାରେ ଅନେକ ପରିବାର ଓଡ଼ିଆ ଭାଷାକୁ ଆପଣାଇ ନେଇଛନ୍ତି। ଏବେବି ଓଡ଼ିଆ ଭାଷାକୁ ସେମାନେ ବ୍ୟବହାର କରୁଥିବାର ଦେଖାଯାଏ। ଓଡିଶାରେ ଅନେକ କଥିତ ଭାଷା ପ୍ରଚଳିତ ଅଛି । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏହା ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଧୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରିସ୍ଥିତିରେ ଭାଷାର ପ୍ରସାର ପ୍ରଚାର ତ ଦୂରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ସତେଯେମିତି ଭାଷା ଆମପାଇଁ ଅଲୋଡା ହୋଇଯାଇଛି। ଆମ ଭାଷା ପ୍ରତି ଆମର ମମତା ନାହିଁ । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ଭାଷା କେବଳ ସରକାରୀ ହୋଇଗଲେ ବଞ୍ଚିଯିବ, ଏହା ଭାବିବା ଭୁଲ୍ । ଭାଷା ପ୍ରତି ଆମ ହୃଦୟରେ ମମତା ରହିବା ଆବଶ୍ୟକ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ଦିଗରେ, ଓଡ଼ିଶାର ଭାଷା ଓ ସଂସ୍କୃତି ବିଭାଗ ଦୃଷ୍ଟି ଦେବାର ମଧ୍ୟ ଆବଶ୍ୟକତା ରହିଛି।


**କମଳଲୋଚନ ପଣ୍ଡା**
**ନୀଳଗିରି, ବାଲେଶ୍ୱର**

# ଗଞ୍ଜାମ ଜିଲ୍ଲାକୁ ତିନି ପ୍ରତିଷ୍ଠିତ ଜାତୀୟ ପୁରସ୍କାର



ପୋଲସରା,୪।୬ (ଆନିସ): ପୁଣିଥରେ ଦିଲ୍ଲୀରେ ଚମକିଛି ଗଞ୍ଜାମ ଜିଲ୍ଲା। ଜିଲ୍ଲାକୁ ମିଳିଛି ୩ଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର। ଜିଲ୍ଲାର ୨ଟି ପଞ୍ଚାୟତ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଥିବା ବେଳେ ଗଞ୍ଜାମ ଜିଲ୍ଲା ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇବାର ଗୌରବ ହାସଲ କରିଛି। ସମଗ୍ର ରାଜ୍ୟରୁ ୪ଟି ପଞ୍ଚାୟତ ଏବଂ ଗୋଟିଏ ଜିଲ୍ଲା ଏହି ଜାତୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେଥିରୁ ୩ଟି ପୁରସ୍କାର ଏକାକୀ ଗଞ୍ଜାମ ଜିଲ୍ଲା ପାଇବାକୁ ସକ୍ଷମ ହୋଇଛି। ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ ପଞ୍ଚାୟତ ଭାବେ ସ୍ୱୀକୃତି ମିଳିଥିବା ବେଳେ ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତ ଦେଶର ତୃତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇପାରିଛି ସେହିପରି ଗଞ୍ଜାମ ଜିଲ୍ଲାକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି।

ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀଙ୍କ ହସ୍ତରୁ ଗଞ୍ଜାମ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଏପିଡି ବିଜୟ ବେହେରାଙ୍କ ସମେତ ପୋଲସରା ବିଡିଓ ଶଶିଭୂଷଣ ମହାପାତ୍ର, ଛତ୍ରପୁର ବିଡିଓ ସସ୍ମିତ ସଂଗ୍ରାମଜିତ ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ପିଇଓ ରୋଜାଲିନ ବେହେରା, ମନ୍ଦାର ସରପଞ୍ଚ ସୁନିତା ଜେନା ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବାଣୀ ସୁକାନ୍ତ ପ୍ରମୁଖ ଜିଲ୍ଲାବାସୀଙ୍କ ତରଫରୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ଗ୍ରହଣ କରିଛନ୍ତି।

ପୁରସ୍କାର ବାବଦରେ ଗଞ୍ଜାମ ଜିଲ୍ଲାକୁ ୩ କୋଟି ଟଙ୍କା, ମନ୍ଦାର ପଞ୍ଚାୟତକୁ ୩୭.୫୦ ଲକ୍ଷ ଟଙ୍କା ଓ ପୋଟଲାମପୁର ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି। ଏହି ଐତିହାସିକ ସଫଳତା ଜନପ୍ରତିନିଧି, ପଞ୍ଚାୟତିରାଜ ଜନ ପ୍ରତିନିଧି, ଜିଲ୍ଲା ତଥା ସ୍ଥାନୀୟ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସର୍ବୋପରି ଗଞ୍ଜାମବାସୀଙ୍କ ସାମୂହିକ ନିରନ୍ତର ଉଦ୍ୟମ ଓ ପାରସ୍ପରିକ ସହଯୋଗ ଫଳରେ ଗଞ୍ଜାମ ଜିଲ୍ଲାକୁ ଏହି ସର୍ବଭାରତୀୟ ଗୌରବ ମିଳିପାରିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ୱାସନ କହିଛନ୍ତି। ସମସ୍ତ ଶ୍ରେୟ ଜିଲ୍ଲାବାସୀଙ୍କର ବୋଲି ସେ କହିଛନ୍ତି। ଏହି ପୁରସ୍କାର ଜିଲ୍ଲାର ସମସ୍ତ ପଞ୍ଚାୟତକୁ ଆହୁରି ଅଧିକ ଜନମଙ୍ଗଳକାରୀ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି।ସ୍ଥାନୀୟ ଅଞ୍ଚଳରେ ବିକାଶ ଲକ୍ଷ୍ୟ ନେଇ ଭାରତ ସରକାର ୯ଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି। ଏହି ମାନଦଣ୍ଡରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ହେତୁ ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିପାରିଛି। ଆଗରୁ ମଧ ଗଞ୍ଜାମ ଜିଲ୍ଲା ସର୍ବଭାରତୀୟ ସ୍ତରରେ ବିଭିନ୍ନ ସମ୍ମାନଜନକ ପୁରସ୍କାର ପାଇଆସିଛି। ଗଞ୍ଜାମ ଜିଲ୍ଲା ତାହାର ପୂର୍ବ ସୁନାମକୁ ବଜାୟ ରଖିପାରିଛି ବୋଲି ଜିଲ୍ଲାପାଳ କହିବା ସହିତ ଗଞ୍ଜାମବାସୀଙ୍କୁ ଏକକ ପ୍ଲାଷ୍ଟିକ ବର୍ଜନ କରି ପ୍ରକୃତି ଓ ପରିବେଶକୁ ସମୃଦ୍ଧ କରିବା, ବ୍ୟାପକ ଚାରାରୋପଣ କରିବା, ସବୁବେଳେ ନୀତିନିୟମକୁ ମାନିବା, ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ସାହିତ୍ୟ ଓ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଅଧିକରୁ ଅଧିକ ଭଲ କାମ କରି ଜିଲ୍ଲାର ସୁନାମକୁ ବିଶ୍ୱସ୍ତରକୁ ନେବା ପାଇଁ ସେ ଜିଲ୍ଲାବାସୀଙ୍କୁ ଏ ଅବସରରେ ଆହ୍ୱାନ କରିଛନ୍ତି।ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ବିଜେଡି ପକ୍ଷରୁ ବିଶାଳ ରାଲି ସହ ବ୍ଲକ୍ ଅଫିସ୍ ଘେରାଉ

## ବିଧାୟକଙ୍କ କୁଶୋପୁତୁଳା ଦାହ କଲେ ଶତାଧିକ ବିଜେଡି କର୍ମୀ



ଜୟପୁର,୪।୬ (ଆନିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକରେ ଗତ ଦୁଇଦିନ ଧରି ସରପଞ୍ଚ, ସମିତିସଭ୍ୟ, ବିଜେଡି କର୍ମୀ ଓ ପଟ୍ଟାଙ୍ଗି ବିଧାୟକଙ୍କ ମଧ୍ୟରେ ରାଜନୈତିକ ଛକାପଞ୍ଝା ଲାଗିରହିଥିବା ବେଳେ ବୁଧବାର ଜିଲ୍ଲା ବିଜେଡି ପକ୍ଷରୁ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହା ସହ ବିଧାୟକଙ୍କ କୁଶୋପୁତୁଳା ଦାହ କରାଯାଇଥିଲା। ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କଡାମ ଙ୍କ ବ୍ୟବହାର ଓ ପ୍ରଶାସନକୁ ଅବାଟକୁ ନେଇ ବିକାଶମୂଳକ କାର୍ଯ୍ୟ ବନ୍ଦ ରହିଥିବା ଅଭିଯୋଗ ଆଣି ସ୍ଥାନୀୟ ସର୍ବେଶ୍ୱର ମନ୍ଦିର ଠାରୁ ଶତାଧିକ ବିଜେଡି କର୍ମୀ ବିଶାଳ ରାଲିରେ ବାହାରିଥିଲେ। ପରେ ସମାବେଶ କରି ନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ''ପଟ୍ଟାଙ୍ଗି ବିଧାୟକଙ୍କ ଗୁଣ୍ଡାଗିରି ଚାଲିବ ନାହିଁ'' ଏବଂ ''ନନ୍ଦପୁର ବିଡିଓଙ୍କୁ ବଦଳି କର'' ଭଳି ସ୍ଲୋଗାନ ଦେଇଥିଲେ। ଗତ ଶନିବାର ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କ ସାମୂହିକ ଇସ୍ତଫା ଧମକ, ବିଜେଡି ବିଧାୟକଙ୍କୁ ଖୋଲା ଚିଠି ଏବଂ ଜଣେ ସରପଞ୍ଚଙ୍କ ସ୍ୱାମୀଙ୍କୁ ବିଧାୟକଙ୍କ ଧକ୍କା ମାରିବା ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ରବିବାର ବିଧାୟକ ଅଭିଯୋଗ ପତ୍ରରେ ସରପଞ୍ଚ ଓ ସମିତିସଭ୍ୟଙ୍କ ଦସ୍ତଖତ ନକଲି ବୋଲି କହିଥିଲେ।ସୋମବାର ଜିଲ୍ଲା ବିଜେଡି ପକ୍ଷରୁ କୁହାଯାଇଥିଲା ଯେ, ସରପଞ୍ଚଙ୍କ ସ୍ୱାମୀ ତଥା ବିଜେଡି କର୍ମୀଙ୍କୁ ବିଧାୟକଙ୍କ ଦ୍ୱାରା ଧକ୍କା ମାରାଯିବା, ଅଶାଳୀନ ବ୍ୟବହାର ପ୍ରଦର୍ଶନ, ବ୍ଲକ ବିଡିଓଙ୍କୁ ହାତବାରିସି କରି କଂଗ୍ରେସ କର୍ମୀଙ୍କୁ ଠିକାଦାରୀ ଦେବା ଏବଂ ବିକାଶମୂଳକ କାର୍ଯ୍ୟ ନକରିବା ପ୍ରତିବାଦରେ ଏହି ଘେରାଉ କରାଯାଇଥିଲା। ଏହି ସମାବେଶରେ କୋରାପୁଟ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡାଲ, କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲିକା, ପୂର୍ବତନ ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପ୍ରୀତମ ପାଢ଼ି, ନନ୍ଦପୁର ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରୀ, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ଯୁବ ନେତା ସୁନୀଲ କୁମାର ସାହୁ, ସୁନୀଲ ପଣ୍ଡା, ସମାଜସେବୀ ଆକାଶ ଖିଲଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତା ଯୋଗଦେଇଥିଲେ।

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜୁ ସ୍ୱାଭିମାନ ମଞ୍ଚର ରଣନୀତି ଭାକୁରଗୁଡ଼ାରେ ବିଶାଳ ସମାବେଶ



ରାୟଗଡ଼ା,୪।୬(ଆନିସ) ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ସ୍ୱାଭିମାନ ମଞ୍ଚ (ବିଏସଏମ୍) ପକ୍ଷରୁ ସଂଗଠନ ସୁଦୃଢ଼ୀକରଣ ଓ ନିର୍ବାଚନୀ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଛି। ଗାଁ ସ୍ତରରେ ସଂଗଠନକୁ ମଜବୁତ କରିବା ସହ ଜନସମ୍ପର୍କ ବୃଦ୍ଧି ଉପରେ ନେତୃତ୍ୱ ଗୁରୁତ୍ୱ ଦେଉଛି। ବିଜେପି, ବିଜେଡି ଓ କଂଗ୍ରେସ ଭଳି ପ୍ରମୁଖ ରାଜନୈତିକ ଦଳକୁ ଟକ୍କର ଦେବା ଲକ୍ଷ୍ୟରେ ମଞ୍ଚ ନିର୍ବାଚନୀ ଉଷ୍ମତାକୁ ଆହୁରି ତୀବ୍ର କରିଛି।କିଛିଦିନ ପୂର୍ବରୁ କୋଲନରା ବ୍ଲକ ସଦର ମହକୁମାରୁ ହଜାର ହଜାର ସମର୍ଥକଙ୍କ ରାଲି ଅମ୍ଲାଭଟ୍ଟାସ୍ଥିତ ଶ୍ରୀକ୍ଷେତ୍ର ଟାଉନସିପ ପଡ଼ିଆରେ ପହଞ୍ଚିବା ପରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ବୁଧବାର ରାୟଗଡ଼ା ସଦର ବ୍ଲକର ଭାକୁରଗୁଡ଼ାଠାରେ ମଞ୍ଚର ଆବାହକ ତଥା ସଭାପତି ଏନ୍. ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ଆଉ ଏକ ସାଧାରଣ ସଭା ଓ ସମାବେଶ ଆୟୋଜିତ ହୋଇଥିଲା।ଏହି ସଭାରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ବରିଷ୍ଠ ନେତା ଚନ୍ଦ୍ରକାନ୍ତ ସାମଲ, ବାନାଗଡ଼ି ତିରୁପତି, ନିରଞ୍ଜନ ପାତ୍ର, ଦୁଡଲା ଶ୍ରୀନିବାସ ରାଓ, ହରପ୍ରସାଦ ହେପରିକା, ତପନ ପେଦେଣ୍ଟି, ଯୋଗେଶ ପେଦେଣ୍ଟି, ସୁରେଶ କଣ୍ଡାଙ୍କ ସମେତ ବହୁ ଜନପ୍ରତିନିଧି, ନେତା ଓ କର୍ମୀ ଉପସ୍ଥିତ ଥିଲେ।ସଭାରେ ଉଦ୍ବୋଧନ ଦେଇ ଲାଲବିହାରୀ ହିମିରିକା କହିଥିଲେ ଯେ, ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଯୋଗ୍ୟ ଓ ଜନପ୍ରିୟ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇବା ପାଇଁ ଯୋଜନା ରହିଛି। ଅନ୍ୟପକ୍ଷରେ ମଞ୍ଚାସୀନ ନେତୃବୃନ୍ଦ ଭାସ୍କର ରାଓଙ୍କ ନେତୃତ୍ୱ ଓ ସାଙ୍ଗଠନିକ ଦକ୍ଷତାର ପ୍ରଶଂସା କରିଥିଲେ। ସମାବେଶରେ ଯୁବ ଓ ମହିଳା କର୍ମୀଙ୍କ ସମେତ ବହୁ ସଂଖ୍ୟକ ସଦସ୍ୟ ଯୋଗଦେଇ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ଓ ନିର୍ବାଚନରେ ସଫଳତା ହାସଲ କରିବା ପାଇଁ ସଂକଳ୍ପ ନେଇଥିଲେ। ପଞ୍ଚାୟତ ନିର୍ବାଚନକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିବା ବେଳେ ପ୍ରତ୍ୟେକ ଗାଁ ଓ ୱାର୍ଡରେ କର୍ମୀଙ୍କୁ ସକ୍ରିୟ କରି ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେବାକୁ ସଭାପତି ଭାସ୍କର ରାଓ ଆହ୍ୱାନ ଦେଇଥିଲେ।

ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏପରି ରଣନୀତିମୂଳକ ବୈଠକ ସଂଗଠନକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ବୋଲି କର୍ମୀମାନେ ଆଶା ପ୍ରକାଶ କରିଥିବାବେଳେ, ଏହି ସମାବେଶ ଅଞ୍ଚଳର ରାଜନୈତିକ ପରିବେଶକୁ ମଧ୍ୟ ସରଗରମ କରିଥିବା ଦେଖିବାକୁ ମିଳିଛି।

# ବୈପାରିଗୁଡା ପୁଲିସ ପକ୍ଷରୁ ପେଟୁଗୁଡା ଠାରେ ଜନ ସମ୍ପର୍କ ଶିବିର



ବୈପାରୀଗୁଡା,୪।୬ (ଆନିସ): ବୈପାରିଗୁଡା ଥାନା ଅନ୍ତର୍ଗତ ପେଟଗୁଡା ଠାରେ ଆଜି ପୁଲିସ ଜନ ସମ୍ପର୍କ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି ଥାନା ଅଧିକାରୀ ଡମ୍ବରୁଧର ବାତ୍ରିଆଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୩ ଶହରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ପୁଲିସ ଏବଂ ଜନତାଙ୍କ ସୁସମ୍ପର୍କ ରଖିବା ପାଇଁ ଆହ୍ୱାନ ଦେବା ସହ ପୋଲିସ ସହ ହାତ ମିଳାଇ ବିକାଶ ମୂଳକ କାର୍ଯ୍ୟ କରାଇବା, ପୋଲିସକୁ ସହଯୋଗ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥ୍? ଭାବେ ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି କୋରାପୁଟ, କୋ ସର୍ଜନ ଆରଓ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୦୦ରୁ ଅଧିକ ଲୋକ କଙ୍କ ଡାକ୍ତର ପରୀକ୍ଷା କରାଯାଇଛି। ଏହି ଅବସରରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ହେବା ସହ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମଶାରୀ, ଶାଢ଼ୀ ସହ ପିଲାଙ୍କୁ ବହି ଖାତା ଆଦି ବଣ୍ଟନ କରାଯାଇଥିଲା ଏପରି କାର୍ଯ ପାଇଁ ଅଞ୍ଚଳବାସୀ ପୁଲିସ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

# ବେଆଇନ ପାର୍କିଙ୍ଗ ଉପରେ ପୋଲିସର କଡା ନଜର

ଜୟପୁର,।୬ (ଆନିସ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ପ୍ରଶାସନ ପକ୍ଷରୁ କୃତି ଛାତ୍ରୀଛାତ୍ରଙ୍କୁ ଉପଢୌକନ, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ ଆକ୍ସନ ମୁଡ଼ରେ ଜୟପୁର ପୋଲିସ। ରାସ୍ତା କଡ଼ରେ ବେଆଇନ



ଭାବେ ଗାଡି ପାର୍କିଙ୍ଗ କରୁଥିବା ଗାଡି ଚାଳକଙ୍କ ଉପରେ ପୋଲିସ କଡା ନଜର ରଖିଛି। ବେଆଇନ ଭାବେ ରାସ୍ତା କଡ଼ରେ ଗାଡି ପାର୍କିଙ୍ଗ କଲେ କଟୁଛି ମୋଟା ଅଙ୍କର ଚଲାଣ।ବିଶେଷକରି ଜୟପୁର ଗାନ୍ଧୀ ଛକ ଠାରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ବେଆଇନ ଭାବେ ଗାଡି ପାର୍କିଙ୍ଗ ହେଉଥିବାରୁ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏଥିପାଇଁ ସାଧାରଣ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ସହରବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୋଲିସ ପକ୍ଷରୁ ବାରମ୍ବାର ସଚେତନତା କରାଯାଇଥିଲେ ମଧ୍ୟ କିଛି ଅମାନିଆ ଗାଡି ଚାଳକ ନିୟମ ମାନୁନଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଜୟପୁର ପୋଲିସ କଡା ଆଭିମୁଖ୍ୟ ଗ୍ରହଣ କରିଛି। ଆଗାମୀ ଦିନରେ ମଧ ଏଭଳି ଚେକିଂ ଓ ଚଲାଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି ।ଏହି କାର୍ଯ୍ୟକ୍ରମ ରେ ଜୟପୁର ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏବଂ ତାଙ୍କ ଟିମ ଉପସ୍ଥିତ ଥିଲେ ।

# ନାରାୟଣପାଟଣା ବ୍ଲକ ପ୍ରଶାସନ ପକ୍ଷରୁ କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା




ଜୟପୁର,୪।୬ (ଆନିସ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ପ୍ରଶାସନ ପକ୍ଷରୁ କୃତି ଛାତ୍ରୀଛାତ୍ରଙ୍କୁ ଉପଢୌକନ, ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ନାରାୟଣପାଟଣା ବ୍ଲକ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ବିଡିଓ ବିକ୍ରମ କୁମାର ଦୋରା ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।ଚଳିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ସଫଳତା ହାସଲ କରିଥିବା ବାଲିପେଟାର ପୋଷ୍ଟମାଷ୍ଟର ରାଜା ସାହୁଙ୍କ ସମେତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୨୧ ଜଣ ଛାତ୍ରୀଛାତ୍ରଙ୍କୁ ଉତ୍ତରୀୟ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।ଏହି ଅବସରରେ ଅତିଥିମାନେ କୃତି ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଅଧିକ ନିଷ୍ଠା ଓ ପରିଶ୍ରମ ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। କୋରାପୁଟ ଜିଲ୍ଲାର ନାରାୟଣପାଟଣା ଭଳି ଉପାନ୍ତ ଅଞ୍ଚଳରେ ରହି କିପରି ଶିକ୍ଷା ଲାଭ କରି ଓଡ଼ିଶା ପ୍ରଶାସନିକ ସେବାରେ ସଫଳତା ହାସଲ କରିଛନ୍ତି, ସେ ନେଇ ରାଜା ସାହୁ ନିଜର ଅନୁଭୂତି ପ୍ରକାଶ କରିଥିଲେ। ପରିଶ୍ରମ ଓ ସ୍ପଷ୍ଟ ଲକ୍ଷ୍ୟ ଥିଲେ ଜଣେ ନିଶ୍ଚିତ ଭାବେ ଜୀବନରେ ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ ବୋଲି ସେ କହିଥିଲେ। ଚଳିତ ବର୍ଷ ୨୧ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ଆଗାମୀ ଦିନରେ ଏହି ସଂଖ୍ୟାକୁ ୨୧ରୁ ୨୧୦କୁ ବଢ଼ାଇବା ପାଇଁ ବ୍ଲକ ପ୍ରଶାସନ ସବୁବେଳେ ତତ୍ପର ରହିବ ବୋଲି ବିଡିଓ ବିକ୍ରମ କୁମାର ଦୋରା କହିଥିଲେ। ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ବ୍ଲକ ପ୍ରଶାସନ ସଦା ସହଯୋଗର ହାତ ବଢ଼ାଇବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ଗୋପକୁଳ ଗଉଡ ସମାଜର ବାର୍ଷିକ ଜିଲ୍ଲା ସ୍ତରୀୟ ବୈଠକ



ନର୍ଲା,୪।୬ (ଆନିସ): ନର୍ଲା ପଞ୍ଚାୟତର ଜୁର୍କାଭଟ୍ଟା ଗ୍ରାମରେ ଅସ୍ଥାୟୀ ସଭାପତି ଫକିର ଗଉଡଙ୍କ ସଭାପତିତ୍ୱରେ ଗୋପକୁଳ ଗଉଡ ସମାଜର ବାର୍ଷିକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କମିଟି ଗଠନ ସହ ସମାଜର ଉନ୍ନତି ଉପରେ ଆଲୋଚନା, ସମାଜ ନିୟମାବଳୀ ବାବଦରେ ପରିବର୍ତ୍ତନ ଓ ନୂଆ ନିୟମ ପ୍ରଣୟନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ନୂତନ ନିୟମାନୁସାରେ ୩ବର୍ଷ ବଦଳରେ ନବ ନିର୍ବାଚିତ ସଭାପତିଙ୍କ କାର୍ଯ୍ୟକାଳ ୫ ବର୍ଷ ରହିବ ବୋଲି ସ୍ଥିର କରାଯାଇଥିଲା। ପ୍ରଥମେ ସଭାପତି ଚୟନରେ ପୁରୁଣା କମିଟିର ସଭାପତିଙ୍କ କାର୍ଯ୍ୟକାଳପ ଦେଖି ପୁଣିଥରେ ସଭାପତି ଭାବେ ତ୍ରିଲୋଚନ ଗଉଡ଼ଙ୍କୁ ଦାୟିତ୍ୱ ଦିଆଯାଇଥିଲା। ନୂତନ ସଂପାଦକ ଭାବରେ ରମେଶ ବେହେରା,ଉପ ସଭାପତିରେ ସତ୍ୟନାରାୟଣ ଗୌଡିଆ, ସହ ସଂପାଦକ ନାରାୟଣ ଗଉଡ, ସାଙ୍ଗଠନିକ ସଂପାଦକ ଭାବେ ଲାଲମୋହନ ପଣ୍ଡା ,ବୃନ୍ଦାବନ ଗଉଡ ଏବଂ ଉପଦେଷ୍ଟା ଭାବରେ ପୁରୁଣା କମିଟିକୁ ପୁନର୍ବାର ଚୟନ କରାଯାଇ ଥିଲା। ଏଥିରେ ପ୍ରସନ୍ନ ଗଉଡ, ଡମ୍ବରୁଧର ବେହେରା, ଫକିର ଗଉଡ, ଲିଙ୍ଗରାଜ ବେହେରା, କାର୍ଯ୍ୟକାରୀ କମିଟିରେ ପର୍ଶୁରାମ ଗଉଡ,କମଳ ସଦେଇ , ଜଗନ୍ନାଥ ଗଉଡ, କେଦାର ବେହେରା, ନରେଶ ଗୌଡିଆ, କୋଷାଧ୍ୟକ୍ଷ ଭାବରେ ସୁନାଶୀର ଗଉଡ ମନୋନୀତ ହୋଇଥିବା ବେଳେ ଧନ୍ୟବାଦ ଅର୍ପଣ ଡମ୍ବରୁଧର ବେହେରା କରିଥିଲେ।

# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କ୍ୟାମ୍ପ କୋର୍ଟ ଓ ଜନଶୁଣାଣି କାର୍ଯ୍ୟକ୍ରମ



ଜୟପୁର,୪।୬ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତରଫରୁ କ୍ୟାମ୍ପ କୋର୍ଟ ଓ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆୟୋଗର ଅଧ୍ୟକ୍ଷା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଶିଶୁ ଅଧିକାର ସୁରକ୍ଷା, ଶିକ୍ଷା, ଶିଶୁ କଲ୍ୟାଣ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିଷୟକୁ ନେଇ ଶୁଣାଣି କରାଯାଇଥିଲା। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଶିଶୁମାନଙ୍କ ଅଧିକାର ସୁରକ୍ଷା ଓ ସେମାନଙ୍କ ସମ୍ପର୍କିତ ଅଭିଯୋଗର ତଦନ୍ତ ଓ ସମାଧାନ ପାଇଁ କାର୍ଯ୍ୟ କରୁଛି। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ବବିତା ପାତ୍ର,ଅଧ୍ୟକ୍ଷା ଓଏସସିପିସିଆ, ସୁଜାତା ନାୟକ,ସଦସ୍ୟା,କସ୍ତୁରୀ ମିଶ୍ର, ସଦସ୍ୟା, ମନସ୍ମିତା ଖୁଣ୍ଟିଆ, ସଦସ୍ୟା, କୋରାପୁଟ ତପନ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ, ଅବଦୁଲ ରେହେମାନ, ଆଇନ ପରାମର୍ଶଦାତା,ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପ୍ରମୁଖ ମଞ୍ଚାସୀନ ଥିଲେ । କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ। ଅଧିକାଂଶ ଅଭିଯୋଗ ବିଭିନ୍ନ ବିଦ୍ୟାଳୟ ସହ ଜଡିତ ଥିବାବେଳେ, ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି ସୁବିଧା ରାଶନ କାର୍ଡ ନ ମିଳିବା ଏବଂ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆୟୋଗ ଶୁଣାଣି କରିଥିଲେ। ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆୟୋଗ ପକ୍ଷରୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ ଉପଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲ,ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାଏକ, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସ୍ନେହପ୍ରଭା ମାଝୀ, ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତୃପ୍ତି ବୋରେଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଜିଲ୍ଲା ଶିକ୍ଷାଧିକାରୀ କୋରାପୁଟ ପ୍ରଶାନ୍ତ କୁମାର ମହାନ୍ତି,କୋରାପୁଟ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତା ରାଣୀ ପାଣି ,ଚେୟାରପର୍ସନ୍ ଶିଶୁ ମଙ୍ଗଳ ସମିତିର ଡ. ଗାୟତ୍ରୀ ଦେବୀ, ସଦସ୍ୟ ସୁରେନ୍ଦ୍ର କରଣ ଏବଂ ସଦସ୍ୟା ଶିବାନୀ ପାତ୍ର,ଅତିରିକ୍ତ ଆରକ୍ଷୀ ଅଧିକାରୀ ଅମିତ ମହାନ୍ତି,ଡିଏସପି ପୁଷ୍ପାଞ୍ଜଳି ଲିଙ୍ଗି,ଜୟପୁର ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ,କୋରାପୁଟ ଜିଲ୍ଲା ର ବିଭିନ୍ନ ଥାନା ଅଧିକାରୀ ଓ ପୁଲିସ ବିଭାଗର ଅଧିକାରୀବୃନ୍ଦ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜନଶୁଣାଣି ସମୟରେ ଉଠିଥିବା ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଆୟୋଗ ପକ୍ଷରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ସୂଚନା ଅଧିକାର ଆଇନ କୁ ଫୁଁ, ୪ ମାସ ପରେ ବି ମିଳୁନି ତଥ୍ୟ




କୁନ୍ଦୁରା-୦୪/୦୬(ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ପ୍ରଶାସନିକ ସ୍ତରରେ ପଦକ୍ଷେପ ଢ଼ିଲା, ସୂଚନା ଅଧିକାର ଆଇନ କୁ ଫୁ କରି ଉଡାଇ ଦେଉଛନ୍ତି ଦାୟିତ୍ୱରେ ଥିବା ଅଧିକାରୀ ଆବେଦନର ଚାରି ମାସ ପରେ ବି ମିଳୁ ନାହିଁ ତଥ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ସୂଚନା ପ୍ରକାରେ ଆବେଦନ ଗତ ଜାନୁୟାରୀ ମାସ ୨୭ ତାରିଖରେ ମନରେଗା ସମ୍ପର୍କିତ କିଛି ସୂଚନା ପାଇବାକୁ ଆବେଦନ କରାଯାଇଥିଲା । ସେଥିରେ ମନରେଗାରେ ନିୟୋଜିତ ଶ୍ରମିକଙ୍କ ପାଇଁ ଦିଆଯାଇଥିବା ସ୍ୱାସ୍ଥ୍ୟ କିଟ୍ ବଣ୍ଟା ଯାଇଥିବା ସବିଶେଷ ବିବରଣୀ ୨୦୨୪ - ୨୫ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ତାଲିକା ଏବଂ ଏ ସବୁ କାମରେ ନିୟୋଜିତ ଥିବା ମେଟ୍ ତାଲିକା ଆଦି ପାଇବାକୁ ଆବେଦନ କରାଯାଇଛି । ଏ ଭିତରେ ଚାରି ମାସ ବିତି ଗଲାଣି ହେଲେ ମିଳି ପାରୁନାହିଁ ତଥ୍ୟ ଆବେଦନକାରୀ ପ୍ରାୟ ୪-୫ ଥର ଜନ ସୂଚନା ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲିଙ୍କୁ ଭେଟିଛନ୍ତି ବ୍ଲକ ଜନ ସୂଚନା ଅଧିକାରୀଙ୍କ କହିବା ପ୍ରକାରେ - ବର୍ତ୍ତମାନ ମନରେଗା ଦାୟିତ୍ୱରେ ଥିବା ଏ ପି ଓ ଏ ସବୁ ତଥ୍ୟ ଦେଉନଥିବା ରୁ ଆବେଦନକାରୀଙ୍କୁ ଦେଇ ପାରୁ ନାହାନ୍ତି ବୋଲି କହୁଛନ୍ତି ସରକାର ଙ୍କ ତରଫରୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ମନରେଗା ଯଜନା ରେ କାର୍ଯ୍ୟ କରୁଥିବା ଶ୍ରମିକ ଙ୍କ ସ୍ୱାସ୍ଥ୍ୟ କୁ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ କିଟ୍ ଯୋଗାଇ ଥିଲେ ପ୍ରତେକ ଗ୍ରାମାଞ୍ଚଳ ରେ ନିୟୋଜିତ ମେଟ୍ ମାନଙ୍କୁ ଏହି କିଟ୍ ଦିଆଯିବା ସହ ଏହି କିଟ୍ ରେ ରହିଥିବା ଅତ୍ୟାବଶ୍ୟକ ସାମଗ୍ରୀ ମନରେଗା କାର୍ଯ୍ୟ ରେ ନିୟୋଜିତ ଶ୍ରମିକ ଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା । କିନ୍ତୁ ଅବାକ କଲାଭଳି ବିଷୟ ଯେ ଏହି କିଟ୍ କୌଣସି ମେଟ୍ ଙ୍କୁ ଦିଆଯାଇ ନଥିବା ଅଭିଯୋଗ ହୋଇଥିବା ଦେଖିବାକୁ ମିଳିଥିଲା ମନରେଗା ଯଜନା ରେ କାର୍ଯ୍ୟ କରୁଥିବା କିଛି ମେଟ୍ ଏହି କିଟ୍ ମିଳିନଥିବା ବିଷୟ କୁନ୍ଦୁରା ବିଡ଼ିଓ ଙ୍କୁ ସୂଚନା ଦେଇଥିଲେ ବ୍ଲକ ର ଗୋଟିଏ ପରିତ୍ୟକ୍ତ ଗୃହ ରେ ଏହି କିଟ୍ ଗୁଡିକ ଖତ ଖାଉଥିବା ମଧ ଦେଖିବାକୁ ମିଳିଥିଲା ଏହାକୁ ନେଇ ବିଡ଼ିଓ ଙ୍କୁ କହିବା ପରେ ବିଡ଼ିଓ ପି.ମନସ୍ମିତା ଉକ୍ତ ଗୃହ ର ଚାବି ଖୋଲିବା ପାଇଁ କହିଲେ କିନ୍ତୁ କହିବାର ଅଧା ଘଣ୍ଟା ପରେ କିଟ୍ ଥିବା ଗୃହ ର ଚାବି ନାହିଁ ,ହଜି ଯାଇଛି , ଖୋଲି ହେବ ନାହିଁ ବୋଲି ବିଡ଼ିଓ କହି ଟାଳି ଦେଇଥିଲେ କୋଣ ରହିଛି ଏ ମନରେଗା କିଟ୍ ରହସ୍ୟ ! ବିଡ଼ିଓ କାହିଁକି ଚାବି ହଜ ଯାଇଛି ଖୋଲି ହେବ ନାହିଁ ବୋଲି କହିଲେ ? ଏହା ଭିତରେ କି ଗୁମର ରହିଛି କେହି ଜାଣି ନାହାନ୍ତି କି ବୁଝି ନାହାନ୍ତି।? ସରକାରୀ ଟଙ୍କା କିନ୍ତୁ ସାଧାରଣ ଜନତା ଙ୍କ ନିକଟରୁ ଯାଉଥିବା ଟେକ୍ସ ଟଙ୍କା ଲୋକଙ୍କ କାର୍ଯ୍ୟ ରେ ଲାଗିବା ପାଇଁ ଆସିଥିବା ଯଜନାର ବାଟମାରଣାକୁ ଲୋକ ଲୋଚନକୁ ଆଣିବାକୁ ଯାଉଥିବା ସୂଚନା ଦୀର୍ଘ ୪ ମାସ ପରେ ମଧ ଦିଆଯାଉନାହିଁ କାହିଁକି ? ଏ ସବୁ ଲକ୍ଷ୍ୟ କରି ଆବେଦନ କାରି ୪ ମାସ ଅପେକ୍ଷା ପରେ ବର୍ତ୍ତମାନ ଏହି ଘଟଣା କୁ ନେଇ ଉପର ସ୍ତରରେ ଅଭିଯୋଗ କରିବେ ଏବଂ ଏଥିରେ ଅବମାନନା କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିବେ ବୋଲି ଆବେଦନକାରୀ କହିଛନ୍ତି ।

### ବରୁଣେଇ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ବସ୍ତା ପଡ଼ିଛି

# ମିଲର ଗାଡି ପଠାଉନି, ଡହଡହ ଖରାରେ ସିଝୁଛନ୍ତି ଚାଷୀ



## ଝୋଟ ଅଖାରେ ଚାଷୀଙ୍କ ଠାରୁ ଧାନ କିଣିବାକୁ ମିଲରଙ୍କ ଜିଦ୍
## ମଣ୍ଡି ପାଇଁ ଭିତ୍ତି ଭୂମିର ଅଭାବ, ଜମି ପ୍ରଦାନ ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ବିଞ୍ଝାରପୁର୪/୬ (ଆନିସ) ପ୍ରାଥମିକ କୃଷି ସମବାୟ ସମିତିରେ ରବି ଧାନ କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମଣ୍ଡିରେ ଧାନ ବିକ୍ରିକରି ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ ଏସ ପି) ପାଉଛି। ତେବେ ଖରିଫ୍ ଧାନ ବିକ୍ରି ବେଳେ ଚାଷୀଙ୍କୁ ଟୋକନ, ଟାର୍ଗେଟ ଭଳି କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ଏବେ ପୁଣି ଝୋଟ ଅଖାରେ ଧାନ କିଣିବାକୁ ମିଲର ସର୍ତ୍ତ ରଖିଛି। ତେବେ ସ୍ଥାନୀୟ ବଜାରରେ ଝୋଟ ଅଖା ସହଜରେ ଉପଲବ୍ଧ ହେଉନାହିଁ ବୋଲି ବରୁଣେଇ ପ୍ରାଥମିକ କୃଷି ସମବାୟ ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ମାନସ କବି କହିବା ସହ ଅଖା ପ୍ରତି ୨୫ ରୁ ୨୬ ଟଙ୍କା ମୂଲ୍ୟ ଦେଇ ସମିତି ଅଖା କିଣିଛି। ସେହିପରି ମିଲର ସନ୍ତୁକା ୧୦୦୦ ଝୋଟ ଅଖା ସମିତିକୁ ଯୋଗାଇ ଦେଇଛି। ସମିତିର ୧୦୦ ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ଅନ୍ ଲାଇନରେ ନାମ ପଞ୍ଜିକରଣ କରିଥିଲେ ।ସେମାନଙ୍କ ମଧ୍ୟରୁ ୭୫ ଜଣ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ମିଳିଛି। ଚାଷୀ ପ୍ରାୟ ୪ ହଜାର ୫ ଶହ କ୍ୱିଣ୍ଟାଲ ଧାନ ବିକ୍ରି କରିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨ ହଜାର କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଛି। ମହାବଳି, ସନ୍ତୁକା, ଆଶିର୍ବାଦ ଓ କୃପାଳୁ ରାଇସ ମିଲ୍ ଚାଷୀଙ୍କ ଠାରୁ ଧାନ କିଣିବାକୁ ଚୁକ୍ତି ହୋଇଛି। ସମିତି ସମ୍ମୁଖରେ ଚାଷୀ ଧାନ ବସ୍ତା ରଖି ଗାଡି ଆସିବାକୁ ଅପେକ୍ଷା କରିଥିବା ବେଳେ ମିଲର କେବେ ଗାଡି ପଠାଉଛି ତା ଉପରେ ଚାଷୀଙ୍କ ନଜର। ଗତ ୪ ଦିନ ତଳେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସମିତିକୁ ଅଚାନକ ପରିଦର୍ଶନ ରେ ଆସିଥିଲେ। ଧାନ ମଣ୍ଡି ପାଇଁ ଆବଶ୍ୟକ ଭିତ୍ତିଭୂମି ଅଭାବ ଥିବା ଅନୁଭବ କରି ତୁରନ୍ତ ସରକାରୀ ଜମି ପାଇଁ ଆବେଦନ କରିବାକୁ ସମିତିର ସମ୍ପାଦକ ଶ୍ରୀ କବିଙ୍କୁ କହିଥିଲେ । ଭିତ୍ତିଭୂମି ଅଭାବରୁ ଚାଷୀ ସମିତି ସମ୍ମୁଖ ମୁଖ୍ୟ ରାସ୍ତା କଡ଼ରେ ଧାନ ବସ୍ତା ରଖିବାକୁ ବାଧ ହେଉଛନ୍ତି । ତେବେ ମନ୍ତ୍ରୀଙ୍କ ପ୍ରତିଶୃତି କେବେ କାର୍ଯ୍ୟକାରୀ ହେଉଛି ତା ଉପରେ ଚାଷୀଙ୍କ ନଜର। ସମିତିର ଅନୁରୋଧ କ୍ରମେ ମିଲର ସନ୍ତୁକା ୧୦୦୦ ଝୋଟ ଅଖା ବସ୍ତା ପଠାଇଛି ବୋଲି ସହକାରୀ ସମ୍ପାଦକ ଭଗବାନ ବେହେରା, ଡାଟା ଏଣ୍ଟ୍ରି ଅପରେଟର ଶୁଭମ୍ ଦାସଙ୍କ ସୂତ୍ରରୁ ଜଣାପଡ଼ିଛି। ଝୋଟ ଅଖାର ଅଭାବ ଚାଷୀଙ୍କୁ କନ୍ଦାଉଛି। ମାତ୍ର ମିଲର ପ୍ଲାଷ୍ଟିକ ଅଖାରେ ଧାନ ନେବାକୁ ଅମଙ୍ଗ ହେଉଛି। ସମିତି ପକ୍ଷରୁ ଚାଷୀଙ୍କୁ ଝୋଟ ଅଖା ଯୋଗାଇ ଦେବାକୁ ପ୍ରୟାସ ଜାରି ରହିଛି। ଝୋଟ ଅଖାରେ ଧାନ ଦେଲେ ଅଖା ବାବଦରେ ଧାନ କଟନି ହେଉ ନଥିବାରୁ ଚାଷୀ ଲାଭାନ୍ୱିତ ହେଉଛି। ତେବେ ମଣ୍ଡି ପାଇଁ ସରକାରୀ ଜମି ମିଳିବା ପୂର୍ବରୁ ସମିତି ସମ୍ମୁଖରେ ଛାମୁଣ୍ଡିଆ ବ୍ୟବସ୍ଥା କରାଯିବାକୁ ଚାଷୀ ହରେକୃଷ୍ଣ ଦାସ ଓ ଅନ୍ୟ ମାନେ ଦାବି କରିଛନ୍ତି।

### ମହିଳା ଧାବିକା ଦୂତୀ ଚାନ୍ଦଙ୍କ ସହ ଗୌତମ ରାୟ

# କ୍ରୀଡାର ବିକାଶ ପାଇଁ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି



ଯାଜପୁର ୪/୬ (ଆନିସ ) ଯାଜପୁର ଜିଲାର ମହିଳା ଧାବିକା ଦୂତୀ ଚାନ୍ଦ ବିଜେପି ନେତା ଗୌତମ ରାୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। କଠିନ ପରିଶ୍ରମ , ସାହସ ଓ ଦୃଢ଼ ସଂକଳ୍ପ ଦ୍ୱାରା ଦୂତୀ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ଦେଶ, ରାଜ୍ୟ ସର୍ବୋପରି ଆମ ଜିଲାର ଗୌରବ ବଢାଇଛନ୍ତି ବୋଲି ଶ୍ରୀ ରାୟ କହିଥିଲେ। କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାର କେନ୍ଦ୍ର ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହ ଯୋଜନା କରୁଛନ୍ତି । ସାଂସଦ ଖେଳ ମହୋତ୍ସବ ମାଧ୍ୟମରେ କ୍ରୀଡା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ବୋଲି ଶ୍ରୀ ରାୟ କହିବା ସହ ଯୁବ ପିଢ଼ି ଙ୍କ ପାଇଁ ଦୂତୀ ପ୍ରେରଣାର ଉଦାହରଣ ଓ କ୍ରୀଡ଼ା କ୍ଷେତ୍ରକୁ ସେ ନୂଆ ପରିଚୟ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏବେ ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ କ୍ରୀଡା ଓ କ୍ରୀଡାବିତଙ୍କୁ ପ୍ରୋତ୍ସାହିତ ଓ ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେବ ବୋଲି ଦୂତୀ ଚାନ୍ଦ କହିଥିଲେ।

### ମହାଦେବପାଲି ଡାକ୍ତରଖାନାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ଡାକ୍ତର ଜଣେ, ରୋଗୀ ଶତାଧିକ

ବିନିକା,୪।୫(ଆନିସ ): ସୁବର୍ଣପୁର ଜିଲା ବିନିକା ବ୍ଲକ ଅଧୀନ ମହାଦେବପାଲି ଡାକ୍ତରଖାନାରେ ଡାକ୍ତର ଅଭାବ ପରିସ୍ଥିତି ନେଇ ରୋଗୀସେବା କ୍ଷେତ୍ରରେ ବିପର୍ଯ୍ୟସ୍ତ ଅବସ୍ଥା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ମହାଦେବପାଲି ଡାକ୍ତରଖାନାରେ ବିନିକା ଅଞ୍ଚଳର ପ୍ରାୟ ୨୫ ରୁ ଅଧିକ ଗ୍ରାମାଞ୍ଚଳର ଗରିବ ରୋଗୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଏହି ଡାକ୍ତରଖାନା ବିନିକା ବ୍ଲକ ସଦର ମହକୁମା ଠାରୁ ପ୍ରାୟ ୧୨ କିମି ଦୂରରେ ଅବସ୍ଥିତ ଥିବା ବେଳେ ଏହା ବିନିକା-ସୋନପୁର ଜାତୀୟ ରାଜପଥ କଡରୁ ମାତ୍ର ଅଧ କିଲୋମିଟର ଦୂରତାରେ ରହିଛି।ଏପରିସ୍ଥିତିରେ କିନ୍ତୁ ଏଠି ଡାକ୍ତର ଅଭାବ ରହିଥିବା ବେଳେ ଆବଶ୍ୟକ କର୍ମଚାରୀଙ୍କ ସମେତ ଏହି ସରକାରୀ ଡାକ୍ତରଖାନାରେ ନନା ସମସ୍ୟା ରହିଛି।ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭରଷା କରି ଦୈନନ୍ଦିନ ଏଠାକୁ ଅଞ୍ଚଳର ଶତାଧିକ ଗରିବ ରୋଗୀ ଆସି ଚିକିତ୍ସା ହେଉଥିବା ବେଳେ ଏଠାକାର ଜଣେ ଏକା ଥରକେ ଶତାଧିକ ରୋଗୀ ଆସିଲେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।ସେହିପରି ଦୀର୍ଘବର୍ଷ ଧରି ଏଠାରେ ବହୁ ପଦବୀ ଖାଲି ପଡି ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଦେଶ ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ମହାଦେବପାଲି ଡ଼ାକ୍ତରଖାନାକୁ ରାଜ୍ୟ ସରକାର ଦୃଷ୍ଟିଦେଇ ଜେନେରେଟର ଟିଏ ଯୋଗାଇ ଦେଇପାରି ନଥିବା ବେଳେ ଗତ ୪ ଦିନ ହେଲା ଡାକ୍ତରଖାନାର ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ଏବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ କାଳରେ ଗରମ ଗୁଳୁଗୁଳିରେ ଦିନରାତି ରୋଗୀ ଆଉଟୁପାଉଟୁ ହେଉଥିବା ଅଭିଯୋଗ ହେଉଛି।ଅପରପକ୍ଷରେ ବିନିକା-ସୋନପୁର ଜାତୀୟ ରାଜପଥରେ ପ୍ରତ୍ୟହ ହେଉଥିବା ଅନେକ ଗୁଡିଏ ଛୋଟ ବଡ଼ ଦୁର୍ଘଟଣା ଘଟିଲେ ପ୍ରଥମେ ନିକଟ ଓ ଆଖପାଖରେ ମହାଦେବପାଲି ଡ଼ାକ୍ତରଖାନାକୁ ଜରୁରୀ ପରିସ୍ଥିତିରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଗୁରୁତର ଆହାତ ରୋଗୀଙ୍କୁ ମଧ୍ୟ ଏଠାକୁ ଆଣି ଭର୍ତ୍ତି




କଲା ପରେ ତାଙ୍କର ଅବସ୍ଥା ଦେଖି ତାଙ୍କୁ ଏଠାରୁ ବିନିକା କିମ୍ବା ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥାନ୍ତି।କିନ୍ତୁ ଏହା ସତ୍ତ୍ୱେ ମଧ ଆଜିଯାଏ ଏହି ଡ଼ାକ୍ତରଖାନାର ସମସ୍ୟା ସମ୍ପର୍କରେ ଅବଗତ ହୋଇ ସରକାର ଏଠାକୁ ଆମ୍ବୁଲାନ୍ସ ଗାଡି ଟିଏ ଯୋଗାଇ ଦେବା ନେଇ ବିଫଳ ହୋଇଥିବା ଜନ ସାଧାରଣରେ ଅଭିଯୋଗ ହେଉଛି।ତେବେ ରୋଗୀଙ୍କ ଅଭିଯୋଗ ନେଇ ମହାଦେବପାଲି ଡାକ୍ତରଖାନାର ମେଡିକାଲ ଅଫିସର ବର୍ଷବର୍ଷ ଧରି ବିନିକା ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ଜରିଆରେ ଜଣାଇ ଆସୁଥିଲେ ମଧ ଆଦୌ କେହିବି ଚିନ୍ତିତ ନଥିବାରୁ ସାଧାରଣରେ ଆଲୋଚନାର ବିଷୟ ହୋଇଛି।ଭଗବାନ ଭରସାରେ ମହାଦେବପାଲି ସରକାରୀ ଡାକ୍ତରଖାନାରେ ଚାଲୁଥିବା ରୋଗୀସେବାର ବିପର୍ଯ୍ୟସ୍ତ ଅବସ୍ଥା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।ତେଣୁ ସମସ୍ୟା ସମ୍ପର୍କରେ ଜିଲା ମୁଖ୍ୟ ଓ ପରିବାର କଲ୍ୟାଣ ବିଭାଗ ଦୃଷ୍ଟିଦେଇ ବିହିତ ପଦକ୍ଷେପ ଗ୍ରହଣ କରିବା ସହିତ ବର୍ଷବର୍ଷ ଧରି ଖାଲି ପଡିଥିବା ମହାଦେବପାଲି ଡାକ୍ତରଖାନାର ସବୁକିଛି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜନ ସାଧାରଣରେ ଦାବି ହେଉଛି।

# ୮ରୁ ରାଇରଙ୍ଗପୁରରେ ଯୁଗ୍ମ ଜନ ଶୁଣାଣି ଶିବିର




ରାଇରଙ୍ଗପୁର, ୪।୬ (ଆନିସ): ଜିଲ୍ଲା କାର୍ଯ୍ୟାଳୟର ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଜୁନମାସ ଦ୍ୱିତୀୟ ସୋମବାର ୦୮/୬/୨୦୨୬ ତାରିଖ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟସୂଚୀ ଅନୁଯାୟୀ ଉକ୍ତ ଜନ ଶୁଣାଣି ଶିବିର ସକାଳ ୭ ଘଟିକା ସମୟରେ ଆରମ୍ଭ ହୋଇ ଜନସାଧାରଣଙ୍କ ଆପତ୍ତି / ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗର ଅଧିକାରୀ, ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ତହସିଲଦାର, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସମସ୍ତ ସି ଡି ପି ଓ, ଅନ୍ୟାନ୍ୟ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ ରାଇରଙ୍ଗପୁର ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀପ୍ରମୁଖଙ୍କ ଉପସ୍ଥିତିରେ ଆପତ୍ତି ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଏଣୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ୭ଟି ବ୍ଲକ ଓ ରାଇରଙ୍ଗପୁର ସହରାଞ୍ଚଳର ଜନସାଧାରଣବୃନ୍ଦ ନିର୍ଧାରିତ ସ୍ଥାନ,ତାରିଖ ଓ ସମୟରେ ଉପସ୍ଥିତ ହୋଇ ନିଜ ନିଜର ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟା ସମ୍ପର୍କିତ ଆପତ୍ତି ଅଭିଯୋଗ ପତ୍ର ଗୁଡିକ ଦାଖଲ କରିପାରିବେ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚିତ ପୂର୍ବକ ଅନୁରୋଧ କରାଯାଉଛି।

### ଗୌରାଙ୍ଗ ସେଠୀଙ୍କୁ ଆକ୍ରମଣ ଓ ନିଖୋଜ ଘଟଣା

# ଆଶ୍ୱାସନା ଦେଲା କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି



ଆଳି, ୪।୬ (ଆନିସ): ଆଳି ବ୍ଲକ ଅନ୍ତର୍ଗତ ବାଟିପଡା ପଞ୍ଚାୟତ ସ୍ଥିତ ମହାଦେଇପାଟଣା ଗ୍ରାମର ଯୁବକ ଗୌରାଙ୍ଗ ସେଠୀଙ୍କୁ ସଂଘବଦ୍ଧ ଆକ୍ରମଣ ଓ ଏବେ ପର୍ଯ୍ୟନ୍ତ ତା ସନ୍ଧାନ ମିଳୁନଥିବାକୁ କେନ୍ଦ୍ରକରି କେନ୍ଦ୍ରପଡ଼ା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଡ଼ଃ ଦେବସ୍ମିତ ଶର୍ମାଙ୍କ ଦ୍ୱାରା ଗଠିତ ତଥ୍ୟ ଅନୁସନ୍ଧାନ କମିଟି ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଜିଲ୍ଲା ସଙ୍ଗଠନ ଉପସଭାପତି ସତ୍ୟପ୍ରିୟ ସାମଲ, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାଶ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲକ୍ଷ୍ମୀପ୍ରିୟା ନାୟକ, ରାମମୋହନ ସ୍ୱାଇଁ, ଅଜୟ ଜେନା, ପ୍ରଭାକର ସାହୁ, ମାନଗୋବିନ୍ଦ ଦାସ, ଚୈତନ୍ୟ ମଲିକ୍, ସୌଭାଗ୍ୟ ରାଉତ, ସୁରେନ୍ଦ୍ର ପାଣ୍ଡବ, ଦୀପକ କୁମାର ପରିଡା ପ୍ରମୁଖ ଆଳି ବ୍ଲକ ଅନ୍ତର୍ଗତ ବାଟିପଡ଼ା ପଞ୍ଚାୟତର ମହାଦେପାଟଣା ଗ୍ରାମକୁ ଗସ୍ତ କରି ନିଖୋଜ ଗୌରାଙ୍ଗ ସେଠୀଙ୍କ ପରିବାର ଓ ଗ୍ରାମବାସୀ ଙ୍କ ସହିତ ଆଲୋଚନା କରିବା ସହିତ ଆକ୍ରମଣର ଶିକାର ହୋଇଥିବା ଗୌରାଙ୍ଗ ସେଠୀଙ୍କ ପରିବାର ସହ ସାକ୍ଷାତ କରି ସାନ୍ତ୍ୱନା ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଛି ଯେ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଗୌରାଙ୍ଗ ସେଠୀଙ୍କ ଉପରେ ଅତର୍କିତ ଆକ୍ରମଣ ହେବା ପରେ ତାଙ୍କର କୌଣସି ସଠିକ୍ ଖୋଜଖବର ମିଳୁନାହିଁ। ଏହା ଫଳରେ ପରିବାର ଲୋକମାନେ ଗଭୀର ଆତଙ୍କ ଓ ଭୟ ମଧ୍ୟରେ ଦିନ କାଟୁଛନ୍ତି। ଘଟଣାରେ ପୋଲିସର ନିଷ୍କ୍ରିୟତା ଏବଂ ତଦନ୍ତରେ ଅପାରଗତା ପ୍ରତି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।
ଜିଲ୍ଲା କଂଗ୍ରେସ ସଭାପତି ଡ଼ଃ ଦେବସ୍ମିତ ଶର୍ମା କହିଛନ୍ତି ଯେ ପୋଲିସ ପ୍ରଶାସନ ତୁରନ୍ତ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଗୌରାଙ୍ଗ ସେଠୀଙ୍କ ସମ୍ପର୍କରେ ସଠିକ୍ ସୂଚନା ପ୍ରଦାନ କରିବା ସହ ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଜିଲ୍ଲା କଂଗ୍ରେସ କମିଟି ପୀଡ଼ିତ ପରିବାର ସହ ଦୃଢ଼ ଭାବରେ ଛିଡ଼ା ହୋଇ ରହିଛି ଏବଂ ନ୍ୟାୟ ପ୍ରଦାନ ପାଇଁ ସମସ୍ତ ପ୍ରକାର ଗଣତାନ୍ତ୍ରିକ ସଂଗ୍ରାମ ଜାରି ରଖିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡ଼ବଲଙ୍ଗ ପ୍ରିମିୟର ଲିଗ୍ ସିଜନ-୫ ଉଦଯାପିତ

ସୋନପୁର /ବିନିକା ୪/୬(ଆନିସ) : ସୋନପୁର ବ୍ଲକ ଛକୋରମାଲ ପଞ୍ଚାୟତ ଡବଲଙ୍ଗ ଖେଳ ପଡିଆ ଠାରେ ୨୧ ତାରିଖ ଠାରୁ ଚାଲିଥିବା ଡବଲଙ୍ଗ ପ୍ରିମିୟାର ଲିଗ୍ ସେସନ ୫ ବୁଧବାର ଉଦଯାପିତ ହୋଇଯାଇଛି ଏଥିରେ ୫ ଟି ଦଳ ଅଂଶ ଗ୍ରହଣ କରିଥିଲେ ଫାଇନାଲ ଖେଳ ରୁଦ୍ର ଇଲେଭେନ ବନାମ ମାଷ୍ଟର ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ପ୍ରଥମେ ଟସ୍ ଜିତି ରୁଦ୍ର ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୮ୱିକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା ଜବାବ ରେ ମାଷ୍ଟର ଇଲେଭେନ ନିର୍ଦ୍ଧାରିତ ୧୦ ଓଭର ରେ ୬ ୱିକେଟ ହରାଇ ୭୨ ରନ କରି ପରାସ୍ତ ହୋଇଥିଲା ଖେଳ କୁ ମଣ୍ଟୁ ପାଢ଼ୀ, ତରଣି ସେନ ସେଠୀ ପରିଚାଳନା କରିଥିବା ବେଳେ ସଞ୍ଜିବ କୁମାର ମିଶ୍ର ଖେଳ ଧାରାବିବରଣୀ ଓ ଅପ ଲାଇନ ସ୍କୋରର ଭାବେ ଧନେଶ୍ୱର ସାହୁ ଓ ପ୍ରଭାକର ପୁଟେଲ ଓ ଅନଲାଇନ ଗମ୍ଭେର ମହାକୁର ଦାୟିତ୍ୱ ତୁଲାଇଥିଲେ ଆୟୋଜକ କମିଟି ସଭାପତି ସନତ କର୍ମୀ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ସାଂସଦ ଙ୍କ ସୋନପୁର ପ୍ରତିନିଧି ସାନନ୍ଦ ମେହେର,ସମ୍ମାନିତ ଅତିଥି ଭାବେ ଅଶୋକ ଜେନା, ଶିକ୍ଷାବିତ୍ ସଚିପତି କର୍ମୀ, ଲଛିପୁର ମଣ୍ଡଳ ର ପୁର୍ବତନ ସଭାପତି ଅଲେଖ ନାଏକ,ନକୁଳ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଇପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ ମ୍ୟାନ୍ ଅପ ମ୍ୟାଚ୍ ମ୍ୟାଚ୍ ରୁଦ୍ର ଇଲେଭେନ୍ ର ଧରଣୀ ବାଗ, ମ୍ୟାନ୍ ଅଫ ଦି ସିରିଜ୍ ମାଷ୍ଟର ଇଲେଭେନ ର ଗୋବିନ୍ଦା, ବେଷ୍ଟ ବୋଲର ରୁଦ୍ର ଇଲେଭେନ୍ ର ଲିପୁନ୍, ବେଷ୍ଟ ୱିକେଟ କିପର ମାଷ୍ଟର ଇଲେଭେନ୍ ର ପ୍ରହଲ୍ଲାଦ ଙ୍କୁ ପୁରସ୍କୃତ କରାଯାଇଥିଲା ଶେଷରେ ଡବ୍ଲୁ ମହାକୁର ଧନ୍ୟବାଦ ଦେଇଥିଲେ ଏଥିରେ ଚନ୍ଦନ ମହାକୁର, ଶାନ୍ତନୁ ମହାକୁର, ଓମ୍ ପ୍ରକାଶ ମହାକୁର, ଦୟାନନ୍ଦ ମହାକୁର, ଶୁଭମ,, ସଞ୍ଜିବ ମହାକୁର, ପ୍ରଶାନ୍ତ ଝାଙ୍କର, ପାଣ୍ଡବ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# କୁଡୁମୀ ସେନାର ୧୪ତମ ପ୍ରତିଷ୍ଠା ଦିବସ ପାଳିତ



ସାରସକଣା, ୪।୬ (ଆନିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅନ୍ତର୍ଗତ ନେଦାଭାଡି ଗ୍ରାମରେ କୁଡୁମୀ ସେନା ପକ୍ଷରୁ କୁଡୁମୀ ସେନା ର ୧୪ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହେଇଯାଇଛି ପ୍ରକାଶ ଥାଉକି ସାରା ଭାରତରେ ୨ କୋଟି ରୁ ଉର୍ଦ୍ଧ କୁଡୁମୀ ସମ୍ପ୍ରଦାୟର ଲୋକେ ଓଡିଶା,ଝାରଖଣ୍ଡ, ପଶ୍ଚିମବଙ୍ଗ ,ବିହାର ଓ ଆସମ୍ ରେ ବସବାସ କରୁଛନ୍ତି ।ଏହି ଜାତି କୁ ୧୯୫୦ ମସିହା ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା,କିନ୍ତୁ ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତାକୁ ହଟାଇ ଦିଆଗଲ ତେବେ କୁଡ଼ିମୀ ସମ୍ପ୍ରଦାୟର ଲୋକେ ପୁନଃ ଆଦିବାସୀ ମାନ୍ୟତା ପାଇଁ ଦୀର୍ଘ ବର୍ଷ ଧରି ସରକାରଙ୍କ ପାଖରେ ଦାବି ରଖି ଆସୁଛନ୍ତି ଏହି ପରିପେକ୍ଷୀରେ ଓଡିଶାରେ କ୍ରାନ୍ତିକାରୀ ଯୁବ ନେତା ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରି ୨୦୧୨ ଜୁନ ୩ ତାରିଖରେ ବେତନଟି ଠାରେ କୁଡୁମୀ ସେନା ଗଠନ କରି କୁଡୁମୀ ଲୋକଙ୍କର ସାମାଜିକ ,ଅର୍ଥନୈତିକ, ଭାଷା,ସଂସ୍କୃତି ର ସୁରକ୍ଷା ଓ କୁଡୁମୀ ଜାତି କୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ୧୪ ବର୍ଷ ଧରି ଜିଲ୍ଲା,ରାଜ୍ୟ ତଥା ଜାତୀୟ ସ୍ତରରେ ସଂଘର୍ଷ କରି ଆସୁଛନ୍ତି । ଏହି ୧୪ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କ୍ରାନ୍ତିକାରୀ ଯୁବନେତା ଜୈମୁନୀ କୁମାର ମହାନ୍ତ ସଭାପତି ଭାବରେ ଯୋଗଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ କୁଡୁମୀ ସେନାର ବିଶ୍ୱନାଥ ମହାନ୍ତ, ସାଇରାମ୍ ମହାନ୍ତ, କାହ୍ନୁ ଚରଣ ମହାନ୍ତ,ଗୀତାଞ୍ଜଳି ମହାନ୍ତ , ଅହଲ୍ୟା ମହାନ୍ତ ,ପାର୍ବତୀ ମହାନ୍ତ , ଲକ୍ଷ୍ମୀ ମଣି ମହାନ୍ତ, ବେଣୁଧର ମହାନ୍ତ, ନରେନ୍ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ ।

# ଫିନାଇଲ ପିଇ ମହିଳା ଗୁରୁତର



ଓଡ଼ଗାଁ ୦୪/୦୬(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ଗ୍ରାମର କାହ୍ନା ପାତ୍ରଙ୍କ ସ୍ତ୍ରୀ ପ୍ରତିମା ପାତ୍ର ଆତ୍ମହତ୍ୟା କରିବାକୁ ଯାଇ ଫିନାଇଲ ସେବନ କରି ଗୁରୁତର ହୋଇପଡ଼ିଥିବା ବେଳେ ସ୍ୱାମୀ କାହ୍ନା ପାତ୍ର ଓ ପରିବାର ଲୋକେ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ।ତେବେ ଖବର ପାଇ ରଗଡ଼ିମଡ଼ା ପ୍ରତିମା ପାତ୍ରଙ୍କ ବାପଘର ଲୋକେ ଓଡ଼ଗାଁ ଡାକ୍ତରଖାନାରେ ପହଞ୍ଚି ଅଟୋରେ ଥିବା ଝିଅ ପ୍ରତିମାକୁ ଦେଖିବାକୁ ଯାଉଥିବା ବେଳେ କାହ୍ନାପାତ୍ର ମାମୁଁ ଶଶୁରଙ୍କୁ ଗୋଇଠା ମାରିବା ସହିତ ପାଟିତୁଣ୍ଡ କରି ସେମାନଙ୍କୁ ସେଠାରୁ ଭଗେଇ ଦେଇଥିଲେ।ଖବର ପାଇ ଡାକ୍ତରଖାନା ପରିସରରେ ଓଡ଼ଗାଁ ପୋଲିସ ପହଞ୍ଚିଥିବା ବେଳେ ଉତେଜନା କମିବା ପରେ ଓଡ଼ଗାଁ ଡାକ୍ତରଖାନାରେ ପ୍ରତିମାଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା।ସେ ଗୁରୁତର ରହିଥିବାରୁ ତାଙ୍କୁ ନୟାଗଡ଼ ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ବାଣ ବିସ୍ଫୋରଣରେ ଜଳିଗଲା ଘର, ବୃଦ୍ଧା ଆହତ

ମହାକାଳପଡ଼ା,୪।୬ : କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପଞ୍ଚାୟତ ଓସ୍ତର ଗ୍ରାମରେ ଜଣେ ବ୍ୟକ୍ତି ବେଆଇନ ଭାବେ ବାଣ ବ୍ୟବସାୟ କରିଥାନ୍ତି ବୋଲି ଅଭିଯୋଗ ହେଉଛି। ତେବେ ଆଜି ଦିନ ପ୍ରାୟ ୩ଟା ସମୟରେ ତାଙ୍କ ଘର ମଧ୍ୟରେ ହଟାଥ ବିସ୍ଫୋରଣ ଘଟିବାରୁ ୨ ବଖରା ନଡ଼ା ଛପର ଘର ଜଳିଯିବା ସହିତ ଜଣେ ବୃଦ୍ଧା ଗୁରୁତର ଆହତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।
ଘଟଣାରୁ ପ୍ରକାଶ ଓସ୍ତର ଗ୍ରାମର ଆଦିକନ୍ଦ ମଳିକଙ୍କ ପରିବାର ଦୀର୍ଘ ଦିନ ହେବ ଚୋରାରେ ବାଣ ବ୍ୟବସାୟ କରୁଥିବା କୁହାଯାଉଛି। ତେବେ ଆଜି ଦିନ ପ୍ରାୟ ୩ଟା ସମୟରେ କୌଣସି କାରଣରୁ ତାଙ୍କ ଘର ମଧ୍ୟରେ ହଟାତ ବିସ୍ଫୋରଣ ଘଟି ୨ ବଖରା ନଡା ଛପର ଘର ଜଳିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ କେହି ଜଣେ ହେଲେ ଉକ୍ତ ଘର ନିକଟକୁ ଯାଇ ପାରି ନ ଥିଲେ। ତେବେ ଆଦିକନ୍ଦଙ୍କ ଭାଉଜ ବୃଦ୍ଧା ବିଳାସୀ ମଳିକ ଖାଉଥିବା ବେଳେ ଏହି ବିସ୍ଫୋରଣ ଘଟିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ଖବରପାଇ ମାର୍ଶାଘାଇରୁ ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିଥିବା ବେଳେ ମାର୍ଶାଘାଇ ଥାନାଧିକାରୀ ତପନ କୁମାର ନାୟକ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

# କୁମ୍ଭୀର ସହ ଲଢ଼ିଲେ ଜୀବନ ବଞ୍ଚାଇଲେ ଯୁବକ

କେନ୍ଦ୍ରାପଡା,୪।୬: କେନ୍ଦ୍ରାପଡାଜିଲ୍ଲା ରାଜନଗର ବ୍ଲକ ରାଜପୁର ପଂଚାୟତ ବାଲିଚନ୍ଦ୍ରପୁର ଗାଁର କ୍ଷମାନିଧି ଦାସ ଆଜି କୁମ୍ଭୀର ସହ ଲଢ଼ି ଜୀବନ ବଞ୍ଚାଇଛନ୍ତି ବନବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ବାଥିଙ୍ଗ ଘାଟ ଭିତରେ ଗାଧୋଉଥିବାବେଳେ ସେ କୁମ୍ଭୀର ଆକ୍ରମଣର ଶିକାର ହୋଇଥିଲେ ଆକ୍ରମଣରେ କ୍ଷମାନିଧିଙ୍କ ଦୁଇ ଗୋଡ଼ରେ ୪୦ରୁ ୫୦ଟି କ୍ଷତଚିହ୍ନ ରହିଛି ବାଥିଙ୍ଗ ଘାଟରେ ଗାଧୋଉଥିବା ଅନ୍ୟ ଲୋକମାନେ ପାଖରେ ଥିବା ବାଉଁଶ ଆଣି କୁମ୍ଭୀରକୁ ବାଡେଇବାରୁ କ୍ଷମାନିଧିଙ୍କ ଜୀବନ ବଞ୍ଚିଯାଇଛି ଦୀର୍ଘ ୧୫ ମିନିଟ କାଳ କୁମ୍ଭୀର ସହ କ୍ଷମାନିଧି ଓ ଗ୍ରାମବାସୀଙ୍କ ଲଢେଇ ହୋଇଥିଲା ସୂଚନା ମୁତାବକ ପ୍ରାୟ ୨୫ ଫୁଟ ଲମ୍ବର କୁମ୍ଭୀର ଆକ୍ରମଣ କରିଛି

# ଧାନ ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା (ସିଆରଏଫଏମ) କ୍ଷେତ୍ର ଦିବସ ପାଳିତ

ଘୁ.ଉଦୟଗିରି୪।୬ (ଆନିସ): କୃଷି ବିଭାଗ ଘୁ.ଉଦୟଗିରି ଆନୁକୁଲ୍ୟରେ ଏବଂ ଅଗ୍ରଣୀ ସ୍ୱଚ୍ଛାସେବୀ ସଂଗଠନ ସ୍ୱାତୀ କନ୍ଧମାଳଙ୍କ ସହଯୋଗରେ ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ଲିଙ୍ଗାଗଡ ଗ୍ରାମପଞ୍ଚାୟତ ସ୍ଥିତ ବେଟିକଲା ଗ୍ରାମ ଠାରେ ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା (ସି ଆର ଏଫ ଏମ ) ର କ୍ଷେତ୍ର ଦିବସ ,ତାଲିମ ଏବଂ ଧଳା ମଟର ଶଷ୍ୟ କାଟ ଦିବସ ପାଳିତ ହୋଇ ଯାଇଅଛି । ଏହି କାର୍ଯ୍ୟକର୍ମରେ ମୁଖ୍ୟ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତି ସୁଷମା ପ୍ରଧାନ ଘୁ.ଉଦୟଗିରି ଯୋଗ ଦେଇଥିବା ସହିତ ତାଲିମର ପ୍ରଶିକ୍ଷକ ହିସାବରେ ଗୋଷ୍ଠି କୃଷି ଅଧିକାରି ନିରୁନିକୁଞ୍ଜ ବିହାରୀ ନାୟକ ଏବଂ ସହ କୃଷି ଅଧିକାରିଣୀ ପ୍ରିୟଦର୍ଶନୀ ମଲ୍ଲିକଙ୍କ ସହିତ ରବୀନ୍ଦ୍ର ପ୍ରଧାନ କୃଷି ପରିଦର୍ଶକ ଲିଙ୍ଗଗଡଙ୍କ ସହିତ ନାଏବ ସରପଞ୍ଚ ରଶ୍ମିତା ପ୍ରଧାନ ଏବଂ ଗ୍ରାମ ପ୍ରତିନିଧି ଉଦୟନାଥ ମଲ୍ଲିକ ଯୋଗ ଦେଇଥିଲେ । ବିଭିନ୍ନ ଗ୍ରାମରୁ ୧୨୦ ଜଣ ଚାଷୀ ଯୋଗ ଦେଇ କାର୍ଯ୍ୟ କର୍ମକୁ ଆଗେଇ ନେଇଥିଲେ । ଏହି ବୈଠକକୁ କୃଷି ଆଧିକାରି ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିଭଳି ଭାବରେ ମଟର ଚାଷ କରାଯାଇ ପାରିବ ସେଇ ବିଷୟରେ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଯାହା ଫଳରେ କମ୍ ପାଣିରେ ଭଲ ଅମଳ ହୋଇ ପାରିବ ଏବଂ ଏହାକୁ ଏକ ବର୍ଷ ଯାଏ ଘରେ ରଖି ଖାଦ୍ୟ ରେ ବ୍ୟବହାର କରାଯାଇ ପାରିପା ସହିତ ଆବଶ୍ୟକ ସ୍ଥଳେ ଅଧିକ ଦରରେ ବିକ୍ରି କରାଯାଇ ପାରିବ ବୋଲି ମନ୍ତବ୍ୟ ଦେଇ ଥିଲେ ଏଂ ଖରିଫ ଚାଷ ଅପେକ୍ଷା ରବି ଚାଷ ରେ କମ ପୋକ ଯୋକ ଲାଗନ୍ତି ବୋଲି ମତବ୍ୟକ୍ତ କରିଥିଲେ ।ଏହା ପରେ କୃଷି ଅଧିକାରିଣୀ ଧାନ ପରେ ମଟର ଚାଷ ଦ୍ୱାରା ଯବକ୍ଷାରଜାନ ବିବନ୍ଧନ କରି କିପରି ମାଟିକୁ ଉର୍ବର କରିବା ସହିତ ପରବର୍ତ୍ତୀ ଚାଷ ପାଇଁ କମ ସାର ଖର୍ଚ୍ଚ ହୋଇଥାଏ ତତ୍ ସଙ୍ଗେସଙ୍ଗେ ଗୋଟିଏ ଜମିରୁ ଦୁଇ ଟି ଫସଲ ମିଳିପାରିବ ବୋଲି ବୁଝାଇଥିଲେ ଏବଂ ଡାଲି ଜାତୀୟ ଖାଦ୍ୟ ସବୁବେଳେ ଖାଇବା ଦ୍ୱାରା ଦେହକୁ ଭିଟାମିନ ଓ ପୋଷକ ଶକ୍ତିମିଳିଥାଏ ତତ୍ ସଙ୍ଗେ ସଙ୍ଗେ ପରିବାର ପାଇଁ ମଟର ଚାଷ ଏକ ଖାଦ୍ୟ ସୁରକ୍ଷା ହିସାବରେ ପରିବାର ପାଇଁ ସହଯୋଗ କରିଥାଏ । ଏବଂ ପଞ୍ଚାୟତ ସମିତି ଅଧକ୍ଷା ଚାଷୀ ମାନେ କିପରି ଭାବରେ ନିଜ, ନିଜ ଗୋରୁ ଗାଈ କୁ ଆକଟ କରି ବେ , ଏବଂ ଗୋବର ଖତ ପ୍ରଚୁର ପରିମାଣରେ ବ୍ୟବହାର କରି ସେଥିରେ ଡାଲିଜାତୀୟ ମାଣ୍ଡିଆ ଜାତୀୟ ଫସଲ ବିସ୍ତୃତ ଭାବରେ କରିବାପାଇଁ ଅନୁରୋଧ କରି ଥିଲେ ଏହା ପରେ ପଞ୍ଚାୟତ କୃଷି ପରିଦର୍ଶକ ଆସନ୍ତା ବର୍ଷକୁ କିଭଳି ଭାବରେ ଅଧିକ ଚାଷୀ ମଟର ଓ ବିରି ଚାଷ କରିବେ ସେ ଦିଗରେ ଯୋଜନା ପ୍ରସ୍ତୁତି କରାଯାଇଥିଲା ।ସମ୍ପୂର୍ଣ୍ଣ କାର୍ଯ୍ୟ କର୍ମକୁ ସ୍ୱାତୀ ସି. ଆର୍ .ଏଫ୍. ଏମ୍ ଘୁ. ଉଦୟଗିରି ବ୍ଲକ୍ ର ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ କୃଷକ ସାଥୀ ମହାଦେବ ପ୍ରଧାନ ବେଟିକଲା ଏବଂ ସ୍ୱାତୀର ମିନ୍ନୟ ବେହେର କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।



# ମା' ମାହେଶ୍ୱରୀ ସେନାର ସାଥୀରେ ନୂଆ ଆଶା, ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଲେ ଦୁର୍ଦ୍ଦଶାଗ୍ରସ୍ତ ଜୟକୃଷ୍ଣ

ସୁବର୍ଣ୍ଣପୁର,୪।୬ (ଆନିସ): ଆଜି ଆମେ ଆପଣଙ୍କୁ ଏଭଳି ଜଣେ ବ୍ୟକ୍ତିଙ୍କ କାହାଣୀ କହିବୁ, ଯାହାଙ୍କ ଦୁଃଖ ଶୁଣିଲେ ଆପଣଙ୍କ ଆଖିରେ ବି ଲୁହ ଆସିଯିବ । ସେ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ଟିଟିପାଲି ଗାଁର ଜୟକୃଷ୍ଣ କର୍ଣ୍ଣ।

ଦୁଇ ବର୍ଷ ତଳେ ସବୁକିଛି ଠିକ୍ ଥିଲା। ମଜୁରୀ ଖଟି ପରିବାର ଚଳାଉଥିଲେ ଜୟକୃଷ୍ଣ। ହେଲେ ହଠାତ୍ ଗୋଟିଏ ଦୁର୍ଘଟଣା ତାଙ୍କ ଜୀବନର ଗତିପଥ ବଦଳାଇ ଦେଲା। କାମ କରୁଥିବା ବେଳେ କାନ୍ଥ ପଡ଼ିଯିବାରୁ ତାଙ୍କ ଗୋଡ଼ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେଲା। ସୋନପୁରରୁ ଭୁବନେଶ୍ୱରଏକାଧିକ ହସ୍ପିଟାଲ, ଧାରକରଜ କରି ଚିକିତ୍ସା, କିନ୍ତୁ ଶେଷରେ ମିଳିଲା କେବଳ ନିରାଶା। ଆଜି ସେ ଚାଲିବାକୁ ଅକ୍ଷମ, ଅର୍ଥାଭାବ ଯୋଗୁଁ ଅଧାପନ୍ତରିଆ ଚିକିତ୍ସା ତାଙ୍କୁ ବାର ଦୁଆର ଭିକାରୀ କରିଦେଇଛି।

କାମ କଲେ ଯାଇ ପେଟକୁ ଦାନା ମିଳେ। ଯିଏ ନିଜେ ଚାଲିପାରୁନାହାନ୍ତି, ସେ କାମ କରିବେ କେମିତି ମୁଠାଏ ଖାଇବା ପାଇଁ ଦେବ କିଏଏହି ପ୍ରଶ୍ନ ଆଜି ଜୟକୃଷ୍ଣଙ୍କୁ ରାତିର ନିଦ ହଜାଇ ଦେଇଛି। ୮୦ ପ୍ରତିଶତ ବିକଳାଙ୍ଗ ହୋଇ ମଧ ସଠିକ୍ ଭତ୍ତା ଖଣ୍ଡିଏ ପାଇବାରୁ ବଞ୍ଚିତ ହେବା ତାଙ୍କ ସଂଘର୍ଷକୁ ଆହୁରି ଦୁଃସହ କରିଦେଇଛି।

ଏହି ଦୁର୍ଦ୍ଦଶାର ସମୟରେ ଆଶାର କିରଣ ହୋଇ ଆସିଛନ୍ତି ମା' ମାହେଶ୍ୱରୀ ସେନା। ସେବା ଓ ସହଯୋଗର ହାତ ବଢ଼ାଇ ଏହି ସେନା ଆଜି ନିଜ ବାଇକ୍‌ରେ ଜୟକୃଷ୍ଣଙ୍କୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିକଟକୁ ନେଇ ଆସିଛନ୍ତି। ଜିଲ୍ଲାପାଳଙ୍କ ପାଖରେ ତାଙ୍କର ଚିକିତ୍ସା ଓ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି ।

ଜୟକୃଷ୍ଣ ଆଜି ବିଶ୍ୱାସ ରଖିଛନ୍ତି, ମାହେଶ୍ୱରୀ ସେନାର ଏହି ପ୍ରୟାସ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ତାଙ୍କ ଗୋଡ଼ ନିଶ୍ଚୟ ଭଲ ହେବ। କିନ୍ତୁ ପ୍ରଶ୍ନ ଉଠୁଛିଏତେ ଦିନ ଧରି ଏହି ଗରିବ ମଣିଷଟି କାହିଁକି ସରକାରୀ ସୁବିଧାରୁ ବଞ୍ଚିତ ହେଲେ ଆମେ ଆଶା କରିବା, ଜିଲ୍ଲା ପ୍ରଶାସନ ତୁରନ୍ତ ତାଙ୍କର ଚିକିତ୍ସା ଓ ସହାୟତା ପାଇଁ ପଦକ୍ଷେପ ଗ୍ରହଣ କରିବେ ।



# ବିଶ୍ୱ ପରିବେଶ ଦିବସ ଅବସରରେ ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି



କବିସୂର୍ଯ୍ୟନଗର,୪।୬ (ଆନିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ବୁଢ଼ାମ୍ବ ପଂଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ନାୟକ, ତହସିଲଦାର ରବୀନ ଚର୍ଚ୍ଚିଲ ମିଶ୍ର, ଏବିଡ଼ିଓ ନାରାୟଣ ବେହେରା, ବିଇଓ ଅଭିମନ୍ୟୁ ସାହୁ, ବିପିଏମ ରାଜକିଶୋର ସାହୁ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇ ଗ୍ରାମରେ ଏକ ସଚେତନତା ରାଲି କରି ପ୍ଲାଷ୍ଟିକ, ପଲିଥିନ ମୁକ୍ତ ପଞ୍ଚାୟତ କରିବାକୁ ଆହ୍ୱାନ ଦେଇଥିଲେ।ପରେ ପରେ ବସାଷ୍ଟାଣ୍ଡ ଠାରେ ଗୋଷ୍ଠୀ ଶୌଚାଳୟକୁ ବିଡ଼ିଓ ଉଦଘାଟନ କରିଥିଲେ। ପରିବେଶ ଦିବସ ପାଳନ ଅବସରରେ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରାଯାଇଥିବା ଜଣାଯାଇଛି।ଆଜି ହୋଇଥିବା ଲୋକାର୍ପିତ ପ୍ରକଳ୍ପ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟର ଅତିରିକ୍ତ ଗୃହ, ଲୋକଙ୍କ ପାଇଁ ବିଶ୍ରମ ଗୃହ, ୱାଇଫାଇ ଇଣ୍ଟେର୍ନେଟ ସେବା, ଶୀତତାପ ନିୟନ୍ତ୍ରଣ ସଂଯୋଗ, ଉଚ୍ଚ କ୍ଷମତା ବିଶିଷ୍ଟ ବିଦ୍ୟୁତ ସଂଯୋଗ,ଦୋକାନ ଗୃହ ଉଦଘାଟନ, କରାଯିବା ସହ ରାତ୍ରିଜଗୁଆଳ ନିଯୁକ୍ତି, ୮ ଜଣ ଝାଡୁଦାର ନିଯୁକ୍ତି, ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ୪ ଟି ଟ୍ରଲି କାର୍ଯ୍ୟକ୍ଷମ,କରିବା ସଙ୍ଗେ ସଂଗେ ପ୍ରତି ପରିବାର ଙ୍କୁ ଦୁଇଟି ଡଷ୍ଟବିନ ପ୍ରଦାନ, କମରସିଆଲ ଡଷ୍ଟବିନ ଯୋଗାଣ କରାଯାଇଥିବା ଜଣାଯାଇଛି। ଏହି ଅବସରରେ ପଞ୍ଚାୟତ ସଭା ଗୃହ ଠାରେ ସରପଞ୍ଚ ଶ୍ରୀମତୀ ସୁଜିତା ପଣ୍ଡାଙ୍କ ସଭାପତିତ୍ୱରେ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ପରିବେଶ ସ୍ୱଚ୍ଛ ରଖିବାକୁ ସମସ୍ତ ପଞ୍ଚାୟତ ବାସୀଙ୍କୁ ନିବେଦନ କରିବା ସହ ବିଡିଓ ଶପଥ ପାଠ କରାଇଥିଲେ। ଶେଷରେ ୫୭ ଜଣଙ୍କୁ ମଧୁବାବୁ ପେନସନ ବଣ୍ଟନ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ର ଯନ୍ତ୍ରୀ, ପିଇଓ, ଧନଞ୍ଜୟ ପାତ୍ର, ଅଙ୍ଗନବାଡି, ଆଶା କର୍ମୀ, ମିଶନ ଶକ୍ତି କର୍ମକର୍ତା ଙ୍କ ସମେତ ବହୁ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଘୁ.ଉଦୟଗିରି ବନାଞ୍ଚଳରେ ୨୧ ଟିକିଆ ହାତୀପଲ

ଘୁ.ଉଦୟଗିରି,୪।୬ (ଆନିସ): ଘୁ.ଉଦୟଗିରି ବନାଞ୍ଚଳରେ କିଛି ଦିନ ହେବ ଉତ୍ତର ଘୁମୁସର ବନଖଣ୍ଡ ରୁ ଦୁଇଟି ଦନ୍ତା ଘୁ.ଉଦୟଗିରି ବନାଞ୍ଚଳର କଳିଙ୍ଗା , ଘୁ.ଉଦୟଗିରି ଓ ପାବୁରିଆ ସେକ୍ସନର ବିଭିନ୍ନ ଜଙ୍ଗଲରେ ରହି ଆସୁଛନ୍ତି। ଲୋକଙ୍କ ମନରୁ ହାତୀ ଆତଙ୍କ ନ ଲିଭୁଣୁ ମଙ୍ଗଳବାର ବିଳମ୍ବିତ ରାତିରେ ଘୁ.ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ କଳିଙ୍ଗା ସେକ୍ସନର ଦୁଗୁଡିପାରି ଓ କୁର୍ମୁଙ୍ଗିଆ ଜଙ୍ଗଲରେ ଉତ୍ତର ଘୁମୁସର ବନଖଣ୍ଡ ରୁ ୨୧ ଟିକିଆ ହାତୀପଲ ଆମ୍ବ,ପଣସ ବାସ୍ନାରେ ଚାଲି ଆସିଛନ୍ତି।ସେମାନଙ୍କ ମଧରେ ଦନ୍ତା ୩,ମାଇ ୧୦,ଶାବକ ୮ ଟି ଥିବା ବନ ବିଭାଗରୁ ସୂଚନା ମିଳିଛି।ହାତୀପଲ ବିଶ୍ୱନାଥ ପ୍ରଧାନ ଓ ଶଙ୍କର କୁମାର ସାହୁଙ୍କ ବଗିଚାରେ ପଶି ଆମ୍ବ,ଝାଡୁ ଖାଇଥିବା ଜଣା ପଡିଛି ।



# ବିଶ୍ୱଶାନ୍ତି ବାର୍ତ୍ତା ନେଇ୧୦୮ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟ ପ୍ରହରୀ ନାମ ସଙ୍କୀର୍ତ୍ତନ ଉଦଯାପିତ

ରାମନାଗୁଡା,୪।୬ (ଆନିସ):ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ସଙ୍କୀର୍ତ୍ତନ ମହାଆନନ୍ଦ ସହକାରେ ସମାପନ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅଧିବାସ ସହ ପ୍ରାୟ ସହ ସହ ମା ଓ ଭଉଣୀ ମାନଙ୍କୁ ନେଇ କଳସ ଯାତ୍ରା ସ୍ଥାନୀୟ ପୂର୍ତ୍ତିଗୁଡା ଚିର ସ୍ରୋତ ନାଳରୁ କଳସ ଯାତ୍ରା କରି ରମନାଗୁଡ଼ା ବୁଢ଼ୀ ଠାକୁରାଣୀ ନିକଟ ଯଜ୍ଞ ପଡିଆକୁ କଳସ ଶୋଭାଯାତ୍ରା ରେ ଆସିଥିଲେ। ପରେ ପରେ ପୂଜ୍ୟ ଗୁରୁଜୀ ଶ୍ରୀ ଚୈତନ୍ୟ ସ୍ୱାମୀ ଙ୍କ ଦ୍ୱାରା ପ୍ରବୋଚନ କାର୍ଯ୍ୟକ୍ରମ ଓ୨ୟଦିବସରେ ଅଖଣ୍ଡ ହନୁମାନ ଚାଳିଶା ପରେ ୧୦୮କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା ।ତତ୍ ପରେ ସମସ୍ତ ଭକ୍ତ ବୃନ୍ଦ ଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ଆୟୋଜକ କମିଟି ତରଫରୁ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଅଷ୍ଟ ପ୍ରହର ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇ ପରଦିନ ଦିବା ୯ଘଣ୍ଟିକା ୧୫ ମିନିଟ୍ ସମୟ ରେ ସାରି ସଂକୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଥିଲା। ଯଜ୍ଞ ବେଦୀରେଯଜ୍ଞ ସମାପନ ପରେ ଦଧି ହାଣ୍ଡି ଭଙ୍ଗନ କରାଯିବା ସହ ଭକ୍ତ ମାନେ ପ୍ରସାଦ ସେବନ କରିଥିଲେ।ଉକ୍ତ ୧୦୮କୁଣ୍ଡିୟ ଯଜ୍ଞ ରାମନାଗୁଡା ବ୍ଲକ ଅଧକ୍ଷ ରବିଶଙ୍କର ଗମାଙ୍ଗ ମୁଖ୍ୟଆୟୋଜକ, କୀର୍ତ୍ତି ଚନ୍ଦ୍ର ସାହୁ ଯଜ୍ଞ କମିଟିର ମୁଖ୍ୟ ସଂଯୋଜକ, ରାମକୃଷ୍ଣ ପାଣିଗ୍ରାହୀ ସହସଂଯୋଜକ, ପରିଚାଳନା କମିଟି ସଦସ୍ୟ ତଙ୍ଗୁଡ଼ୁ ଶ୍ରୀଧର, ଆପରାଓ ପତିକା,ମାଝୀ ମଣ୍ଡାଙ୍ଗି, ଗଙ୍ଗାଧର ମଣ୍ଡାଙ୍ଗୀ,ଗୁରୁମୂର୍ତି ସ୍ୱାମୀ, ସୁଦର୍ଶନ ପଣ୍ଡା, କୃଷ୍ଣ ଚନ୍ଦ୍ର ସାହୁ, ପେଦିନ ଶ୍ରିନୁ, ପେଦିନା ମୁରଲୀ, ବାଲାଜୀ ଧୋବା,ସୁଧୀର ମିଶାଲ,ରଘୁନାଥ ସାମଲ,ଶକ୍ତି ପ୍ରସାଦ ପାତ୍ର, ଆଶିଷ ବେହେରା, ଜଗଦିଶ ପାତ୍ର, ମୁରଲୀ ଦାସ, ଲମ୍ବୁଦରେ। ଗମାଙ୍ଗ,ଚିନ୍ନା କଣ୍ଡାଗରୀ, ରାକେଶ ବେହେରା, ଶ୍ରୀନିବାସ ପଣ୍ଡା ରାୟଗଡ ଗାୟତ୍ରୀ ଶକ୍ତିପୀଠର ଭଉଣୀମାନେ, ନିକଟସ୍ଥ ସଂକୀର୍ତ୍ତନ ମଣ୍ଡଳୀ, ରାମନାଗୁଡା ସର୍ବେ ଭବନ୍ତୁ ସୁଖିନର କାର୍ଯ୍ୟକର୍ତ୍ତାଙ୍କ ଅଶେଷ ସହଯୋଗରେ ୧୦୮କୁଣ୍ଡିୟ ଯଜ୍ଞ ସମାପନ ହୋଇଥିଲା।



# ମାଲକାନଗିରି ଜିଲ୍ଲାପାଳଙ୍କ ଦ୍ୱାରା ଗ୍ରୀଷ୍ମ ଶିକ୍ଷା ଶିବିର ପରିଦର୍ଶନ, ଦଶମ ପିଲାଙ୍କୁ ଦେଲେ ସଫଳତାର ମନ୍ତ୍ର

ମାଲକାନଗିରି, ୪।୬ (ଆନିସ): ଶିକ୍ଷା କ୍ଷେତ୍ରରେ ବଡ଼ ସଂସ୍କାର ଓ ପିଲାଙ୍କ ମନୋବଳ ବଢ଼ାଇବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଚାଲିଥିବା ୨୦ଦିନିଆ ଦଶମ ଶ୍ରେଣୀ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଅନ୍ତର୍ଗତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ। ଛାତ୍ରଛାତ୍ରୀଙ୍କ ସହ ସେ ସେମାନଙ୍କ ପାଠପଢ଼ା ଓ ଭବିଷ୍ୟତ ଲକ୍ଷ୍ୟ ବିଷୟରେ ସିଧାସଳଖ ଆଲୋଚନା କରିଥିଲେ। ଆଲୋଚନା ବେଳେ ପଢୁଥିବା ବିଷୟକୁ କେବଳ ଘୋଷିବା ପରିବର୍ତ୍ତେ ତାର୍କିକ ରୂପେ ବୁଝିବା ଓ ବର୍ତ୍ତମାନ ସମୟର ସଦୁପଯୋଗ କରିବାକୁ ଜିଲାପାଳ ଉପଦେଶ ଦେଇଥିଲେ। ଏଥିସହ ଦଶମ ଶ୍ରେଣୀ ପାଠକୁ ଟିକେ ଆଗୁଆ ସାରି ପରୀକ୍ଷା ପୂର୍ବରୁ ଅଭ୍ୟାସ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ସେ ସେଠାରେ ଉପସ୍ଥିତ ଶିକ୍ଷକ ଗଣଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ପେଶାଲ ଭିଜିଟ୍ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାହୀରଥି ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରାଙ୍କ ସହ ପ୍ରଧାନ ଶିକ୍ଷକ ଈଶ୍ୱର ରାଓ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜିଲ୍ଲାପାଳଙ୍କ ଏହି ହଠାତ୍ ପରିଦର୍ଶନ ଓ ପ୍ରେରଣାଦାୟୀ ବାର୍ତ୍ତା ପରେ ଶିବିରରେ ଥିବା ପିଲାମାନଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି।




# ଖ୍ରୀଷ୍ଟିଆନ ବାହାଘରେ ହିନ୍ଦୁଙ୍କ ହଙ୍ଗାମା

ଉମରକୋଟ/ରାଇଘର, ୪।୬ (ଆନିସ): ସମ୍ବିଧାନ ସମସ୍ତଙ୍କୁ ସମାନ ଅଧିକାର ଦେଇଛି।ସମ୍ବିଧାନ ଦୃଷ୍ଟିରେ ସବୁ ଜାତି, ସବୁ ଧର୍ମ, ସବୁ ସମ୍ପ୍ରଦାୟ, ସବୁ ଗୋଷ୍ଠୀ ସମାନ। ସମସ୍ତଙ୍କ ପାଇଁ ସ୍ୱତନ୍ତ୍ରତା ରହିଛି।ଯେ କୌଣସି ବ୍ୟକ୍ତି ଚାହିଁଲେ, ନିଜ ପସନ୍ଦର ଧର୍ମ ଗ୍ରହଣ କରିବା ସହିତ ସେ ତାର ପ୍ରଚାର ପ୍ରସାର କରିପାରିବ। କିନ୍ତୁ କିଛି ଅସାଧୁ ବ୍ୟକ୍ତି ଜାତି ଓ ଧର୍ମକୁ ନେଇ ରାଜନୀତି କରିବା ସହିତ ଧର୍ମ ଓ ଜାତି ମଧ୍ୟରେ ଗଣ୍ଡଗୋଳ କରେଇ ମଜା ନେଉଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି। ଆଜିପୁଣି ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ। ରାଇଘର ବ୍ଲକ ଦେବାଗାଁ ପଂଚାୟତ ଅନ୍ତର୍ଗତ ଡୁମୁରିମୁଣ୍ଡା ଗ୍ରାମର ଝିଅ ଓ ହଳଦୀ ଗ୍ରାମର ଜଣେ ପୁଅଙ୍କ ସହିତ ବାହା ହେଉଥିଲା। ଉଭୟ ପରିବାର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ହୋଇଥିବାରୁ ସେମାନେ ତାଙ୍କ ଧର୍ମର ରୀତିନୀତି ଅନୁସାରେ ବିବାହ ସମ୍ପନ୍ନ କରିବାକୁ ସ୍ଥିର କରି ଆଜି ହଳଦୀ ଗ୍ରାମର ବରଯାତ୍ରୀ ଧରି ଡୁମୁରିମୁଣ୍ଡା ଗ୍ରାମରେ ପହଂଚିଥିଲେ। ଏପଟେ କନ୍ୟା ପକ୍ଷ ଲୋକେ ବରଯାତ୍ରୀଙ୍କ ପାଇଁ ରୋଷେଇ ବ୍ୟବସ୍ଥା କରୁଥିବା ବେଳେ ଗ୍ରାମର କିଛି ଅସାଧୁ ବ୍ୟକ୍ତି ବାହାଘର ବେଦି ଭିତରକୁ ପଶି ଆସି ହିନ୍ଦୁ ଗ୍ରାମରେ ଖ୍ରୀଷ୍ଟିଆନ ବାହା କରେଇବାକୁ ଦେବୁନାହିଁ ବୋଲି ଅନେକ ଲୋକଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରିଦେଇଥିଲେ। ହିନ୍ଦୁମାନଙ୍କ ଏଭଳି ଆକ୍ରମଣ ହେବା ଫଳରେ ବାହାଘରେ ବିଭ୍ରାଟ ଦେଖା ଦେଇଥିଲା। ଶେଷରେ କିଛି ଉପାୟ ନପାଇଁ ଉଭୟ ବର ଓ କନ୍ୟା ପାର୍ଟି ପୋଲିସର ସହାୟତା ଲୋଡିଥିଲେ। ଘଟଣା ସ୍ଥଳରେ ରାଇଘର ପୋଲିସ ପହଂଚି ଗଣ୍ଡଗୋଳକୁ ଆୟତ୍ତ କରିବା ସହିତ ସମସ୍ତଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ପୋଲିସର ଉପସ୍ଥିତି ଯୋଗୁଁ ବରପାର୍ଟି ନଖାଇ ନପିଇ କନ୍ୟା ନେବାରେ ସକ୍ଷମ ହୋଇଥିଲେ ହେଁ ଭାରତ ଭଳି ଧର୍ମ ନିରପେକ୍ଷ ରାଷ୍ଟ୍ରରେ ଧର୍ମକୁ ନେଇ ଗଣ୍ଡଗୋଳ ହେବା, ସଂଖ୍ୟାଲଘୁ ମାନଙ୍କ ଉପରେ ଅତ୍ୟାଚାର କରିବା, ଅନ୍ୟ ଧର୍ମ ଅବଲମ୍ବନ କରିଥିବା ଲୋକଙ୍କୁ ବିଭିନ୍ନ ପ୍ରକାଶ କ୍ଲେଶ ଦେବା ନିହାତି ଦୁଃଖଦ ବିଷୟ । ତେଣୁ ପ୍ରଶାସନ ଏଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ସମ୍ବିଧାନର ଆଇନ ବିଷୟରେ ଜନ ସଚେତନ କରିବାର ଅନିବାର୍ଯ୍ୟ ହୋଇପଡ଼ିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ରୋମାଞ୍ଚକର ଫାଇନାଲରେ ଫାଲକନ ଚାମ୍ପିଅନ୍ ୨୦ ହଜାର ଦର୍ଶକଙ୍କ ସମ୍ମୁଖରେ ଜିତିଲା ଟାଇଟଲ୍

ମାଲକାନଗିରି,୪।୬ (ଆନିସ): ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ୧୬ଟି ଦଳକୁ ନେଇ ଗତ ମେ ୧୮ ତାରିଖରୁ ଆରମ୍ଭ ହୋଇଥିବା ଅନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଫାଲକନ ଟିମ୍ ବିଜୟୀ ହୋଇ ଚାମ୍ପିଅନ୍ ଟ୍ରଫି ହାସଲ କରିଛି। ଡ଼. ଆମ୍ବେଦକର ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଗତ ୧୭ ବର୍ଷ ଧରି ନିୟମିତ ଭାବେ ଆୟୋଜିତ ହୋଇଆସୁଛି।

ସମାଜସେବୀ ଉତ୍ତମ ଓଝାଙ୍କ ଜନ୍ମଦିନ ଅବସରରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ମହାକୁମ୍ଭର ଶେଷ ଦିବସରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ମାନ୍ୟବର ବିଧାୟକ ତଥା ଜିଲ୍ଲା ପ୍ଲାନିଂ ବୋର୍ଡର ସଭାପତିଙ୍କ ସମେତ ଭାଜପାର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ଦେଖିବା ପାଇଁ ପ୍ରାୟ ୨୦ ହଜାର ଦର୍ଶକ ଗ୍ୟାଲେରୀ ଓ ପଡ଼ିଆ ଚାରିପାଖରେ ଭିଡ଼ ଜମାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମୁକାବିଲାରେ ସ୍ଲୋ-ପଏଜନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୨୦୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଫାଲକନ ଦଳ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି ୧୫ ଓଭର ୨ ବଲରେ ୨୦୪ ରନ୍ କରି ଲକ୍ଷ୍ୟ ହାସଲ ସହ ବିଜେତା ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳକୁ ୮୧ ହଜାର ଟଙ୍କା ଏବଂ ରନର୍ସ-ଅପ୍ ଦଳକୁ ୬୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଗତ ୧୭ ବର୍ଷ ଧରି ଗ୍ରୀଷ୍ମ ଋତୁରେ ଆୟୋଜିତ ହୋଇଆସୁଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଆଗାମୀ ଦିନରେ ଶୀତ ଋତୁରେ ଆୟୋଜନ କରିବା ପାଇଁ କିଛି କ୍ରୀଡ଼ାପ୍ରେମୀ ଓ ଦର୍ଶକ ମତ ପ୍ରକାଶ କରିଥିଲେ।



# ମାଲକାନଗିରିରେ ମେଗା ଭୋଟର ସଚେତନତା ଅଭିଯାନ ଜିଲ୍ଲାପାଳଙ୍କ ଦ୍ୱାରା 'ସଚେତନତା ରଥ' ର ଶୁଭାରମ୍ଭ, ଗାଁ ଗାଁରେ ବଣ୍ଟାହେବ ଫର୍ମ

ମାଲକାନଗିରି, ୪।୬ (ଆନିସ): ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ପ୍ରସ୍ତୁତ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ସଚେତନତା ରଥ ର ଶୁଭାରମ୍ଭ କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ସ୍ୱିପ୍ କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ ହୋଇଥିବା ଏହି ଅଭିଯାନ ମାଧ୍ୟମରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବ।ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସଚେତନତା ରଥର ପତାକା ଦେଖାଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଏହି ମେଗା ଶୁଭାରମ୍ଭ ସମୟରେ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ୧୪୭-ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବେଦବର ପ୍ରଧାନ ଏବଂ ଉପ-ଜିଲ୍ଲାପାଳ ତଥା ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ଇଆରଓ ଦୁର୍ଯ୍ୟୋଧନ ଭୋଇ ଙ୍କ ସମେତ କଲେକ୍ଟରେଟ୍‌ର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ କହିଛନ୍ତି ଯେ ଗଣତନ୍ତ୍ରରେ ପ୍ରତ୍ୟେକଟି ଭୋଟ୍‌ର ମୂଲ୍ୟ ଅମୂଲ୍ୟ। ଜିଲ୍ଲାର କୌଣସି ବି ଯୋଗ୍ୟ ନାଗରିକ ଯେପରି ନିଜର ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ସଚେତନତା ରଥ ଗାଁ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବ ଏବଂ ବିଏଲଓମାନେ ଘର ଘର ବୁଲି ଫର୍ମ ବଣ୍ଟନ କରିବେ। ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ଯେ, ସମସ୍ତେ ଏହି ଅଭିଯାନରେ ସହଯୋଗ କରି ନିଜର ନାମ ଯାଞ୍ଚ କରନ୍ତୁ ଏବଂ ନୂତନ ନାମ ପଞ୍ଜୀକରଣ କରି ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବାରେ ପ୍ରଶାସନକୁ ସହାୟତା କରନ୍ତୁ।କେବଳ ସହର ନୁହେଁ, ବରଂ ଗ୍ରାମାଞ୍ଚଳର ଭୋଟରଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରଶାସନ ସିଧାସଳଖ ମଇଦାନକୁ ଓହ୍ଲାଇଛି। ରଥ ଶୁଭାରମ୍ଭ ପରେ ପରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏମ୍.ଭି-୭ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ ବଣ୍ଟନ କାର୍ଯ୍ୟର ସେମାନେ ସମୀକ୍ଷା କରିବା ସହ ନିଜେ ଉପସ୍ଥିତ ରହି ଜନସାଧାରଣଙ୍କୁ ଫର୍ମ ବଣ୍ଟନ କରିଥିଲେ। ସ୍ଥାନୀୟ ଲୋକଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ବିଷୟରେ ବୁଝାଇବା ସହ ସମସ୍ତ ଯୋଗ୍ୟ ବ୍ୟକ୍ତି ଯେପରି ଏହି ତାଲିକାରେ ସାମିଲ ହେବେ, ସେଥିପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।ଜିଲ୍ଲା ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ଯେ, ଯେଉଁମାନଙ୍କର ବୟସ ୧୮ ବର୍ଷ ବା ତା'ଠାରୁ ଅଧିକ ହୋଇଛି କିମ୍ବା ଭୋଟର କାର୍ଡରେ କୌଣସି ସଂଶୋଧନ ଯଥା ନାମ, ବୟସ, କିମ୍ବା ଠିକଣା ଭୁଲ ରହିଛି, ସେମାନେ ତୁରନ୍ତ ନିଜ ଅଞ୍ଚଳର ବିଏଲଓ ଙ୍କ ସହ ଯୋଗାଯୋଗ କରି ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ଅଭିଯାନର ଲାଭ ଉଠାନ୍ତୁ।



# ସରକାରଙ୍କ ଦୃଷ୍ଟି ଆଢୁଆଳରେ ଥୁଆମୁଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନର ପର୍ଯ୍ୟଟନ ସ୍ଥଳୀ

ଥୁଆମୂଳ ରାମପୁର,୪।୬ (ଆନିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି। ହେଲେ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏଦିଗରେ ଅଧିକ ଗୁରୁତ୍ୱ ଦେଇ ଏହାର ପାରିପାର୍ଶ୍ୱିକ ବିକାଶ କରିବା ଦିଗରେ ଅଣଦେଖା କରାଯାଉଛି। ଥୁଆମୁଳ ରାମପୁର ବ୍ଲକ ପ୍ରାକୃତିକ ସମ୍ପଦ ଭରପୁର ରହିଛି ଯାହାକି ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କଲା ବିଭିନ୍ନ ସ୍ଥାନରେ ପର୍ଯ୍ୟଟନ ସ୍ଥଳୀ ଦେଖିବାକୁ ମିଳିଥାଏ। କିନ୍ତୁ ଏହାର ପାରିପାର୍ଶ୍ୱିକ ବିକାଶ କ୍ଷେତ୍ରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୁରୁତ୍ୱ ଦେବା ବଦଳରେ ଅଣଦେଖା କରାଯାଉଛି। ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଯିଏ ଥରେ ଦେଖିଛନ୍ତି ସେ କେବେ ବି ଭୁଲି ଯାଇପାରିବେ ନାହିଁ। ଯିଏ ଥରେ ଦେଖିଛି ସେ ପୁଣିଥରେ ଅଞ୍ଚଳକୁ ଆସିବା ପାଇଁ ବାଧ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦୂରଦୂରାନ୍ତ ଅଞ୍ଚଳରୁ ବର୍ଷ ତମାମ୍? ଶତାଧିକ ପର୍ଯ୍ୟଟକଙ୍କ ଭିଡ ଏଠାରେ ଦେଖାଦେଇଥାଏ। ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଛୋଟବଡ ଝରଣାର ଶୀତଳ ଜଳର ଧାରା କୁଳୁକୁଳୁ ଶବ୍ଦରେ ଅଙ୍କାବଙ୍କା ଧାରରେ ଆଗକୁ ମାଡିଚାଲି ଦୃଶ୍ୟ ଅତି ହୃଦୟସ୍ପର୍ଶୀ ହୋଇଥିବାରୁ କର୍ମକ୍ଳାନ୍ତ ମଣିଷ ଏହି ଦୃଶ୍ୟ ମନଭରି ଉପଭୋଗ କରି ମନରେ ଶାନ୍ତି ଅନୁଭବଶକରିବା ଏକ ମାଧ୍ୟମ ପାଲଟିଛି। ଦିନ ତମାମ ଅନେକ ପରିଶ୍ରମ କରି କର୍ମକ୍ଳାନ୍ତ ଜୀବନରେ ମନୁଷ୍ୟ କିଛକ ସମୟ ମିଳିଲେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ପରିବେଶ ସହିତ ଜଳପ୍ରପାତ ବୁଲି ଦେଖି ବିଭୋର ହେଉଥିବା ମଧ ଦେଖାଯାଏ। ଏହି ଅଞ୍ଚଳରେ ଅନେକ ଛୋଟବଡ ଜଳପ୍ରପାତ ରହିଛି କିନ୍ତୁ ଏହାପ୍ରତି ଅଣଦେଖା କରାଯାଉଛି କାହିଁକି ବୋଲି ଆଲୋଚନା ହେଉଅଛି। ଏହାଛଡା ପର୍ଯ୍ୟଟନ ସ୍ଥଳୀର ପାରିପାର୍ଶ୍ୱିକ ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଣଦେଖା କରୁଥିବା କିନ୍ତୁ ଅଞ୍ଚଳର ପର୍ଯ୍ୟଟନ ସ୍ଥଳୀର ପାରିପାର୍ଶ୍ୱିକ ବିକାଶ ପ୍ରତି ଯଦି ବିଭାଗ ପକ୍ଷରୁ ଜୋର ଦିଅନ୍ତେ ତେବେ ଥୁଆମୂଳ ରାମପୁର ବ୍ଲକ ସାମାଜିକ କ୍ଷେତ୍ରରେ ଆହୁରି ଆଗକୁ ଯିବା ସମ୍ଭାବନା ରହିବ ବୋଲି ଆଶା କରାଯାଉଛି। କାହିଁକି ନା ପର୍ଯ୍ୟଟନ ସ୍ଥଳୀର ବିକାଶ ପ୍ରତି ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦେବେ ତେବେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକ ଯୁବତୀ ଆତ୍ମନିର୍ଭରଶୀଳ ହୋଇ ନିଜ ଭବିଷ୍ୟତ ନିଜେ ଗଠନ କରିପାରିବେ ବୋଲି ଆଶା କରିବା ସହିତ ସରକାରଙ୍କ ରାଜକୋଷ ଅଧିକ ଅଭିବୃଦ୍ଧିରେ ମଧ ସହାୟକ ହୋଇପାରିବ। ଥୁଆମୂଳ ରାମପୁର ବ୍ଲକରେ ବଡଛୋଟ ୧୮ ରୁ ଉର୍ଦ୍ଧ୍ୱ ଜଳପ୍ରପାତ ସହିତ ଛୋଟ ବଡ ଝରଣା ୩୫୦ ରୁ ଅଧିକ ରହିଥିବା ଅନୁମାନ ହେଉଛି। ଏହାର ପାରିପାର୍ଶ୍ୱିକ ବିକାଶ ହେଲେ ଅଞ୍ଚଳର ବିକାଶ ହେବା ଘଟଣାରେ କୌଣସି ବ୍ୟକ୍ତି ଅସ୍ୱୀକାର କରିପାରିବେ ନାହିଁ। ଅପରପକ୍ଷରେ ପର୍ଯ୍ୟଟନ ସ୍ଥଳୀର ପାରିପାର୍ଶ୍ୱିକ ବିକାଶ ଦିଗରେ ସ୍ଥାନୀୟ ଜନପତିନିଧି ଓ ପ୍ରଶାସନର ଆନ୍ତରିକତା ନିହାତି ରହିବା ଆବଶ୍ୟକତା ରହିଛି। ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀର ପାରିପାର୍ଶ୍ୱିକ ବିକାଶ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବି ହେଉଛି।



## କୁରୁମବାଙ୍କତରାରେ ନବବଧୂଙ୍କୁ ହତ୍ୟା ଅଭିଯୋଗ

# ବିବାହର ତିନି ମାସରେ ଅକାଳରେ ଝଡ଼ିଗଲେ ଶୁଭଶ୍ରୀ



### କାଳ ସାଜିଲା କି ସ୍ୱାମୀଙ୍କ ସନ୍ଦେହ ଆଚରଣ
### ଓଡ଼ଗାଁ ପୋଲିସର ପଚରା ଉଚରା ଜାରି
### ଶବ ବ୍ୟବଚ୍ଛେଦ ପରେ ଫିଟିବ ଗୁମର

ଓଡ଼ଗାଁ ୦୪/୦୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରୁମ ବାଙ୍କତରା ଦୀପକ କୁମାର ମହାପାତ୍ରଙ୍କ ସ୍ତ୍ରୀ ଶୁଭଶ୍ରୀ ମହାପାତ୍ର (୨୨) ବିବାହର ୩ମାସ ନପୁରୁଣୁ,ସଂସାର ବିଷୟରେ ଜାଣିବା ପୂର୍ବରୁ ସବୁ ଖେଳ ସରିଗଲା। ସ୍ୱାମୀ ଶାଶୁ ଓ ଶଶୁର ମିଶି ୩ ତାରିଖ ବିଳମ୍ବିତ ରାତିରେ ଶୁଭଶ୍ରୀଙ୍କୁ ହତ୍ୟା କରିଥିବା ନେଇ ୪ ତାରିଖ ସକାଳେ ମୃତକ ଶୁଭଶ୍ରୀଙ୍କ ବାପା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ବଡ଼ପଡ଼ା ଗ୍ରାମର ପଦ୍ମ ରଣା ଓଡ଼ଗାଁ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ଓଡ଼ଗାଁ ପୋଲିସ ୧୫୫/୨୦୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ସତ୍ୟନାରାୟଣ ବାରିକ, ସବଇନ୍ସପେକ୍ଟର ଚକ୍ରଧର ସିଂ ଘଟଣାସ୍ଥଳରେ ପହଞ୍ଚି ମୃତକ ଶୁଭଶ୍ରୀର ଶବକୁ ଜବତ କରିବା ସହିତ ସରଜମିନ ତଦନ୍ତ ଆରମ୍ଭ କରିଛନ୍ତି। ଓଡ଼ଗାଁରେ ଡାକ୍ତର ନଥିବାରୁ ଏକାଧିକ ଡାକ୍ତରଙ୍କ ଦ୍ୱାରା ବ୍ୟବଛେଦ ପାଇଁ ଶୁଭଶ୍ରୀଙ୍କ ଶବକୁ ନୟାଗଡ଼ ପଠାଯାଇଛି। ଅନ୍ୟପକ୍ଷରେ ସ୍ୱାମୀ ଦୀପକ କୁମାର ମହାପାତ୍ରଙ୍କୁ ଓଡ଼ଗାଁ ପୋଲିସ ପଚରାଉଚରା ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ ପୋଲିସ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।ଘଟଣାରୁ ପ୍ରକାଶ କୁରୁମବାଙ୍କତର ପ୍ରମୋଦ ମହାପାତ୍ରଙ୍କ ପୁଅ ଦୀପକ ମହାପାତ୍ର ଗତ ମାର୍ଚ୍ଚ ୯ ତାରିଖରେ ହିନ୍ଦୁ ରିତି ଅନୁଯାୟୀ ବିବାହ କରିଥିଲେ। ଦାବି ଅନୁସାରେ ଯୌତୁକ ବାବଦରେ ୫୦ ହଜାର ଟଙ୍କା, ଜ୍ୱାଇଁଙ୍କୁ ସୁନା ଚେନ ମୁଦି ଏବଂ ଝିଅକୁ ସୁନାର ହାର ସହିତ ସମସ୍ତ ଅଳଙ୍କାର ଦେଇଥିଲେ।ବିବାହର ୩ ମାସ ପୁରିବା ପୂର୍ବରୁ ଶୁଭଶ୍ରୀର ହାତର ମେହେନ୍ଦି, ଗୋଡ଼ର ଅଳତାର ରଙ୍ଗ ମଉଳିବା ପୂର୍ବରୁ ଶୁଭଶ୍ରୀର ଜୀବନ ମରଣ ଆଡ଼କୁ ଟାଣି ହୋଇଗଲା। ଶଶୁର ଏବଂ ଦିଅରଙ୍କ ସହ ସମ୍ପର୍କକୁ ନେଇ ଦୀପକ ସବୁବେଳେ ଶୁଭଶ୍ରୀଙ୍କୁ ସନ୍ଦେହ କରେ। ଏଥିରେ ମର୍ମାହତ ହୋଇ ଶୁଭଶ୍ରୀର ଶଶୁର ତଥା ଦୀପକର ବାପା ପ୍ରମୋଦ ମହାପାତ୍ର ଯାଇ ଝିଅଘରେ ରହିଲେ। ଅନ୍ୟପକ୍ଷରେ ଦିଅର ସହିତ ଶୁଭଶ୍ରୀଙ୍କ ଅନୈତିକ ସମ୍ପର୍କ ରହିଥିବା ନେଇ ସନ୍ଦେହ ହେବାରୁ ସ୍ୱାମୀ ଦୀପକ ଘରେ ସିସିଟିଭି ଲଗାଇଲେ। ନିଜର ବାପା ଏବଂ ଭାଇଙ୍କ ଉପରୁ ବିଶ୍ୱାସ ହରାଇଥିବା ଦୀପକ ସ୍ତ୍ରୀ ଶୁଭଶ୍ରୀଙ୍କୁ ସବୁବେଳେ ସନ୍ଦେହ କଲେ। ତେବେ ଦୀପକଙ୍କ ସନ୍ଦେହରେ ଆଦୌ ସତ୍ୟତା ନଥିଲା ବୋଲି ଦୀପକର ବାପା ପ୍ରମୋଦ କହନ୍ତି। ବୁଧବାର ସନ୍ଧ୍ୟାରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ାଝାଟି ହୋଇଥିଲା। ରାତିରେ ଉଭୟ ଗୋଟିଏ ରୁମରେ ଶୋଇଲେ।ସକାଳ ପାଇବା ପୂର୍ବରୁ ଶୁଭଶ୍ରୀଙ୍କ ଶବ ଫ୍ୟାନରେ ଝୁଲୁଥିବା ଦେଖି ଦୀପକ ତଳକୁ ଓହ୍ଲେଇ ଥିଲେ। ଶୁଭଶ୍ରୀର ଦିଅରଠାରୁ ଖବର ପାଇ ବାପା ପଦ୍ମ ରଣା ଗୁରବାର ସକାଳେ କୁରୁମ ବାଙ୍କତରା ଗ୍ରାମରେ ପହଞ୍ଚିଥିଲେ।ସେଠାରୁ ଆସି ଅଧିକ ଯୌତୁକ ଦାବିରେ ଶୁଭଶ୍ରୀର ଶାଶୁ, ଶଶୁର ଏବଂ ସ୍ୱାମୀ ମିଶି ଶୁଭଶ୍ରୀଙ୍କୁ ମାରି ଫ୍ୟାନରେ ଟିଙ୍ଗେଇ ଦେଇଥିବା ନେଇ ଅଭିଯୋଗ କରିଥିଲେ।

# ବିଇଓଙ୍କ ବଦଳି ବାତିଲ ପାଇଁ ଦାବି

ନୟାଗଡ଼, ୪/୬ (ଆନିସ):ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ନିକଟରେ କାର୍ଯ୍ୟରତ ୬୭ ଜଣ ପ୍ରଧାନ ଶିକ୍ଷକ ଓ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କର ବଦଳି କରାଯାଇଛି। ଏହି ପ୍ରକ୍ରିୟାରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କୁ ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ମାତ୍ର ଜଣେ ଦକ୍ଷ ଓ ସ୍ୱଚ୍ଛ ଭାବମୂର୍ତ୍ତିସମ୍ପନ୍ନ ଅଧିକାରୀଙ୍କର ଏଭଳି ଆକସ୍ମିକ ବଦଳିକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀ କରଙ୍କ ବଦଳି ଆଦେଶକୁ ତୁରନ୍ତ ବାତିଲ କରିବା ପାଇଁ ସ୍ଥାନୀୟ ଅଭିଭାବକ, ବୁଦ୍ଧିଜୀବୀ, ଶିକ୍ଷକ ସଂଘ ଏବଂ ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦୃଢ଼ ଦାବି ହୋଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଖଣ୍ଡପଡ଼ା ବ୍ଲକରେ ଶିକ୍ଷା ବ୍ୟବସ୍ଥା ବେଶ୍ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଶ୍ରୀ କର ବିଇଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏଥିରେ ବ୍ୟାପକ ସଂସ୍କାର ଆଣିବା ସହ ଅନେକ ସକାରାତ୍ମକ ପଦକ୍ଷେପ ନେଇଥିଲେ। ବିଶେଷ କରି ନିୟମିତ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାଦାନର ସମୀକ୍ଷା କରୁଥିଲେ। ଶିକ୍ଷକମାନେ ଯେପରି ନିୟମିତ ଓ ଠିକ୍ ସମୟରେ ବିଦ୍ୟାଳୟକୁ ଆସିବେ, ତାହା ସେ ସୁନିଶ୍ଚିତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ମିଳୁଥିବା ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିବାରେ ସେ ସଦାସର୍ବଦା ତତ୍ପର ଥିଲେ। ସେହିପରି ବିଇଓ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ଦୁର୍ନୀତି, ରାଜନୀତି ଓ ଦଲାଲରାଜକୁ ସେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାରେ ସଫଳ ହୋଇଥିଲେ। ଜଣେ ସଚ୍ଚୋଟ, ନିର୍ଭୀକ ଏବଂ କର୍ତ୍ତବ୍ୟ ପରାୟଣ ଅଧିକାରୀ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରିୟପାତ୍ର ହୋଇପାରିଥିଲେ। ଅନ୍ୟପକ୍ଷରେ ଶ୍ରୀ କରଙ୍କ ଚାକିରି କାଳ ଆଉ ମାତ୍ର ୭ ମାସ ବାକି ଅଛି।

ଏଭଳି ଅବସର ସମୟରେ ତାଙ୍କୁ ବଦଳି କରାଯିବା ଫଳରେ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ପୁଣି ଥରେ ବିପର୍ଯ୍ୟସ୍ତ ହେବାର ଆଶଙ୍କା ଦେଖାଦେଇଛି। ତେଣୁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ଲୋକପ୍ରିୟ ଶିକ୍ଷାଧିକାରୀଙ୍କ ବଦଳି ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସର୍ବସାଧାରଣରେ ଶିକ୍ଷା ବିଭାଗ ନିକଟରେ ଦାବି କରାଯାଇଛି।

# ଅମରୀ ଗଛରେ ପୋତି ହେଲାଣି ପୋଖରୀ

### ଶୁଣୁନାହାନ୍ତି ବ୍ଲକ ପ୍ରଶାସନ

ଖପ୍ରାଖୋଲ ୦୪।୦୬ (ଆନିସ) : ଗ୍ରୀଷ୍ମ ପ୍ରବାହ ଯୋଗୁଁ ପୋଖରୀ ମାନଙ୍କରେ ଜଳର ସମସ୍ୟା ଦେଖା ଦେଉଛି । ଏପରି



ସ୍ଥିତିରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗାଁର ପୋଖରୀ ରେ ଅମରୀ ଗଛ ପୋତି ହୋଇଛି ଫଳରେ ପାଣି ଅପରିଷ୍କାର ରହୁଛି । ଯାହାକୁ ନେଇ ଏବେ ଚିନ୍ତାରେ ଗ୍ରାମବାସୀ । ନଦୀ, ନାଳ ର ପାଣି ସୁଖୀ ଯିବା ଫଳରେ ଏହି ସମସ୍ତ ଗ୍ରାମବାସୀ ନିର୍ଭର କରୁଛନ୍ତି । ପୋଖରୀ ପାଣି ଅପରିଷ୍କାର ରହୁଥିବା ଯୋଗୁଁ ବାଧ୍ୟ ହୋଇ ଗ୍ରାମବାସୀ ଏହି ଜଳ ଗାଧୁଛନ୍ତି । ଏହି ବିଷୟରେ ଦୀର୍ଘ ୨ବର୍ଷ ହେଲା ଅବଗତ କରାଇଥିଲେ ମଧ୍ୟ ଖପ୍ରାଖୋଲ ବ୍ଲକ ପ୍ରଶାସନ କିଛି ଶୁଣୁନାହାନ୍ତି । ଦେଖାଯାଉ, ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ କେଉଁ ପ୍ରକାର ଓ କେତେ ଶୀଘ୍ର ପଦକ୍ଷେପ ନେଉଛନ୍ତି ନାଁ ନିରବଦ୍ରଷ୍ଟା ସାଜୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

### ମହିଳାଙ୍କ ମୃତଦେହ ଉଦ୍ଧାର

# ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ

ନୟାଗଡ, ୪/୬ (ଆନିସ): ନୟାଗଡ ଜିଲ୍ଲା ଦଶପଲ୍ଲା ଥାନା ଅଧିନ ଘୋଳାହାଣ୍ଡି ପଞ୍ଚାୟତ ନିକଟରୁ ମହିଳାଙ୍କ ମୃତଦେହ ଉଦ୍ଧାର ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ, ଅଭିଯୋଗ ଦଶପଲ୍ଲା ଥାନା ଅନ୍ତର୍ଗତ ଘୋଳାହାଣ୍ଡି ପଞ୍ଚାୟତ ନିକଟରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ମହିଳା ଜଣକ ହେଲେ ନିରୁପମା ସ୍ୱାଇଁ ୩୫ ଏବଂ ତାଙ୍କ ମାତାଙ୍କ ନାମ ଚାଇନା ସ୍ୱାଇଁ ବୋଲି ଜଣାପଡ଼ିଛି। ମୃତଦେହଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବାରୁ, କେହି ଜଣେ ତାଙ୍କୁ ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ସ୍ଥାନୀୟ ଲୋକେ ପ୍ରାଥମିକ ଭାବେ ଅନୁମାନ କରାଯାଉଛି ଖବର ପାଇ ଘଟଣା ସ୍ଥଳରେ ଦଶପଲ୍ଲା ପୋଲିସ ପହଂଚି ତଦନ୍ତ ଜାରି ରହିଥିବା ଏସ ଡି ପି ଓ ସୃଷ୍ଟି ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି

# ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନୟାଗଡ, ୪/୬ (ଆନିସ): ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ଶିକ୍ଷକ ମାନଙ୍କୁ ବରିଷ୍ଠତା ଭିତିରେ ପଦୋନ୍ନତି ଦିଆଯାଇଥିବା ବେଳେ ନାରାୟଣ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କୁ ରାବରା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ ପଦୋନ୍ନତି ମିଳିଛି ଗୁରୁବାର ଶ୍ରୀ ମିଶ୍ର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁଙ୍କୁ ନିଜର ଦାୟିତ୍ୱ ପ୍ରଦାନ କରିଛନ୍ତି ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା ଶ୍ରୀ ମିଶ୍ର ଗୋଦାବରୀଶ ବିଦ୍ୟାପୀଠ ବାଣପୁରରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିବା ପରେ ୨୦୦୬ ମସିହାରେ ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳରେ ଯୋଗ ଦେଇଥିଲେ ଏଠାରେ ଦୀର୍ଘ ୨୦ ବର୍ଷ ରହଣି ମଧ୍ୟରେ ବିଦ୍ୟାଳୟର ଶୃଙ୍ଖଳା ଓ ମେଧାବୀ ଛାତ୍ରଛାତ୍ରୀ ଗଠନରେ ନିଜକୁ ନିୟୋଜିତ କରି ସଫଳ ହୋଇପାରିଛନ୍ତି ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁ, ସସ୍ମିତା ସାହୁ, ପ୍ରତିଭା ମଞ୍ଜରୀ ସ୍ୱାଇଁ, ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ଚନ୍ଦନ ମଲିକ, ବିକାଶ କୁମାର ନାୟକ, ଦାମୋଦର ସାହୁ, ରଞ୍ଜନ କୁମାର ପୃଷ୍ଟି, ଗୌରାଙ୍ଗ ସାହୁ, ସୁକାନ୍ତି ସାହୁ, ଅନୁଭା ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ

# ପରମ୍ପରା ପାଳନ ନାମରେ ୭୦୬ ତିମି-ଡଲଫିନ୍ ହତ୍ୟା

କୋପେନହେଗେନ୍: ଭାଇକିଂ ଯୁଗର ଏକ ହଜାର ବର୍ଷ ପୁରୁଣା ପରମ୍ପରା ନାମରେ ୭୦୬ ରୁ ଅଧିକ ତିମି ଏବଂ ଡଲଫିନ୍‌ଙ୍କୁ ଯନ୍ତ୍ରଣାଦାୟକ ମୃତ୍ୟୁ ଦିଆଯାଇଛି। ଏହି ଘଟଣାଟି ଡେନମାର୍କର ଏକ ସ୍ୱ-ଶାସିତ ଅଞ୍ଚଳ ଫାରୋ ଦ୍ୱୀପପୁଞ୍ଜରେ ଘଟିଛି। ସମୁଦ୍ର ରକ୍ତ ରଞ୍ଜିତ ହୋଇଛି। ଗ୍ରୀଣ୍ଡାଡ୍ରାପ୍ ବା ଗ୍ରାଇଣ୍ଡ ନାମକ ଏକ ବାର୍ଷିକ ପରମ୍ପରା ସମୟରେ ଏଭଳି ଅମାନବୀୟ ଘଟଣା ଘଟିଛି। ଫାରୋ ଦ୍ୱୀପପୁଞ୍ଜ ତିମି ଏବଂ ଡଲଫିନ୍‌ଙ୍କୁ ହତ୍ୟା କରିବା ଆରମ୍ଭ କରିବାର ମାତ୍ର ଗୋଟିଏ ଦିନ ପୂର୍ବରୁ ସେମାନଙ୍କର ଆଇନ ପରିବର୍ତ୍ତନ କରିଥିଲା। ଏହି ପରମ୍ପରାରେ, ସ୍ଥାନୀୟ ଲୋକମାନେ ଆଟଲାଣ୍ଟିକ୍ ହ୍ୱାଇଟ୍-ସାଇଡେଡ୍ ଡଲଫିନ୍ ଏବଂ ଲଙ୍ଗ୍-ଫିନ୍ ପାଇଲଟ୍ ତିମିକୁ ଧରିବା ପାଇଁ ହୁକ୍ ଏବଂ ଛୁରୀ ବ୍ୟବହାର କରିଥାନ୍ତି। ସେମାନଙ୍କୁ ଗଭୀର ପାଣିକୁ ଟାଣି ଆଣନ୍ତି। ତା'ପରେ ସେମାନଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥାଏ। ଏସବୁ ଘଟୁଥିବା ସମୟରେ, କୂଳରେ ଠିଆ ହୋଇଥିବା ଲୋକମାନେ, ଏପରିକି ପିଲାମାନେ ମଧ୍ୟ ଦେଖୁଥିଲେ। ଏହି ଜଳଚର ପ୍ରାଣୀଙ୍କ ମୃତଦେହକୁ କଟାଯାଇଥିଲା। ଏହାକୁ ଖାଇବା ପାଇଁ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ପରିବେଶ ସଂଗଠନ ସି ସେଫର୍ଡ ଅନୁଯାୟୀ , ତିମି ଏବଂ ଡଲଫିନ୍‌ଙ୍କର ଏହି ହତ୍ୟା ଘଟଣା ମେ' ୨୭ ତାରିଖରେ ସ୍କଟଲ୍ୟାଣ୍ଡରୁ ପ୍ରାୟ ୨୦୦ ମାଇଲ ଉତ୍ତରରେ ତିନୋଟି ପୃଥକ ସ୍ଥାନରେ ଘଟିଥିଲା। ଟୋର୍ଶାଭନରେ ୪୦୨ ପାଇଲଟ୍ ତିମି ଏବଂ ୪ଟି ବଟଲନୋଜ୍ ଡଲଫିନ୍‌ଙ୍କୁ ହତ୍ୟା କରାଯାଇଥିଲା। ସ୍କାଲାବୋଟନୁରରେ ୧୬୮ଟି ହ୍ୱାଇଟ୍-ସାଇଡେଡ୍ ଡଲଫିନ୍‌ଙ୍କର ଶିକାର କରାଯାଇଥିଲା। ହ୍ୱାଲଭିକରେ ୧୩୨ଟି ହ୍ୱାଇଟ୍-ସାଇଡେଡ୍ ଡଲଫିନ୍‌ଙ୍କୁ ହତ୍ୟା କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଶିକାରୀମାନେ ଏହି ପ୍ରାଣୀଙ୍କୁ ମାରିବା ପାଇଁ ବହୁତ ସମୟ ନେଇଥିଲେ, ଯାହା ଫଳରେ ଏହି ଜଳଚର ପ୍ରାଣୀମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯନ୍ତ୍ରଣାରେ ଛଟପଟ ହୋଇଥିଲେ।ପ୍ରାଣୀ ଅଧିକାର କର୍ମୀମାନେ ଭାଇକିଂ ଯୁଗର ୧,୦୦୦ ବର୍ଷ ଏହି ପୁରୁଣା ପରମ୍ପରାକୁ ଏକ ନିଷ୍ଠୁର କାର୍ଯ୍ୟ ବୋଲି ବିବେଚନା କରିଥାନ୍ତି ଯାହା ଆଜିର ସମୟରେ ଆବଶ୍ୟକ ନୁହେଁ। ଫାରୋ ଦ୍ୱୀପପୁଞ୍ଜର ଲୋକେ ଏହି ପରମ୍ପରାକୁ ପାଳନ କରି ସେମାନଙ୍କ ସଂସ୍କୃତିକୁ ଜୀବିତ ରଖିବା ସହିତ ତାଙ୍କ ସମ୍ପ୍ରଦାୟ ପାଇଁ ଖାଦ୍ୟ ଯୋଗାଡ଼ କରିଥାନ୍ତି।ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବିଶାଳ ଶିକାରର ଠିକ୍ ଗୋଟିଏ ଦିନ ପୂର୍ବରୁ, ମେ' ୨୬ ତାରିଖରେ, ଫାରୋ ଦ୍ୱୀପପୁଞ୍ଜ ସଂସଦ ପ୍ରାଣୀ କଲ୍ୟାଣ ଆଇନରେ ସଂଶୋଧନ ଆଣିଥିଲା। ସେମାନେ ଡଲଫିନ୍‌ଙ୍କୁ ସୁରକ୍ଷା ଦେବାର ଧାରା ଆଇନରୁ ବାହାର କରିଦେଇଥିଲେ।

# ସାଇବର ସଚେତନତା, ଡିଜିଟାଲ ନୈତିକତା ଓ ଯୁବଶକ୍ତିର ଭବିଷ୍ୟତ : ସୁରକ୍ଷିତ ଡିଜିଟାଲ ଭାରତ ଗଠନର ଆହ୍ୱାନ

ଭୁବନେଶ୍ୱର, ୪।୬ (ଆନିସ): ଆଜିର ସମୟକୁ ଯଦି ''ଡିଜିଟାଲ ଯୁଗ'' ବୋଲି କୁହାଯାଏ, ତେବେ ସେଥିରେ କୌଣସି ଅତିଶୟୋକ୍ତି ନାହିଁ । ମାନବ ସଭ୍ୟତାର ଇତିହାସରେ ପ୍ରଯୁକ୍ତି ବିପ୍ଳବ ଯେପରି ଗତି ଆଣିଛି, ସେପରି ଏହା ଆମର ଜୀବନ ଶୈଳୀ, ଚିନ୍ତାଧାରା, ଶିକ୍ଷା, ବ୍ୟବସାୟ, ସାମାଜିକ ସମ୍ପର୍କ, ପ୍ରଶାସନ ଓ ଅର୍ଥନୀତିକୁ ସମୂଳ ପରିବର୍ତ୍ତନ କରିଦେଇଛି । ଆଜି ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ମାନବ ଜୀବନର ଅଖଣ୍ଡ ଅଂଶ ହୋଇଯାଇଛି । ଘରେ ବସି ବ୍ୟାଙ୍କିଂ, ଅନଲାଇନ କ୍ଲାସ୍, ଡିଜିଟାଲ ପେମେଣ୍ଟ, ଟେଲିମେଡିସିନ୍, ଇ-ଗଭର୍ନାନ୍ସ, ଇ-କମର୍ସ ଓ ସୋସିଆଲ ମିଡିଆ ବ୍ୟବହାର ଆଜି ଦୈନିକ ଜୀବନର ସାଧାରଣ ଅଂଶ ହୋଇପଡ଼ିଛି । କିନ୍ତୁ ଏହି ଡିଜିଟାଲ ଉନ୍ନତି ସହିତ ଏକ ଭୟଙ୍କର ଚ୍ୟାଲେଞ୍ଜ ମଧ୍ୟ ବଢ଼ୁଛି ସାଇବର ଅପରାଧ ।ଅନଲାଇନ ଠକେଇ, ଫ୍ରଡ୍, ଫିଶିଂ, ଫେକ୍ କଷ୍ଟମର କେୟାର କଲ୍, ସୋସିଆଲ ମିଡିଆ ହ୍ୟାକିଂ, ଡାଟା ଚୋରି, ଡିଜିଟାଲ ପରିଚୟର ଦୁର୍ବ୍ୟବହାର, ଡିପ୍‌ଫେକ୍ ଟେକ୍ନୋଲୋଜି, ମୋର୍ଫିଂ, ଅନଲାଇନ ବ୍ଲାକମେଲ୍, ସାଇବର ବୁଲିଂ ଓ ଡିଜିଟାଲ ଆର୍ଥିକ ଅପରାଧ ଆଜି ସମାଜ ପାଇଁ ଗଭୀର ଚିନ୍ତାର ବିଷୟ ହୋଇଉଠିଛି । ପ୍ରତିଦିନ ହଜାର ହଜାର ଲୋକ ସାଇବର ଅପରାଧର ଶିକାର ହେଉଛନ୍ତି । ଅନେକ ଲୋକ ଅଜାଣତେ ନିଜର ବ୍ୟକ୍ତିଗତ ତଥ୍ୟ, ବ୍ୟାଙ୍କ ବିବରଣୀ ଓ ସେୟାର କରି ଜୀବନର ସଞ୍ଚିତ ଧନ ହରାଇଦେଉଛନ୍ତି ।ଏହି ପରିସ୍ଥିତିରେ ସାଇବର ସଚେତନତା ଆଜି ଏକ ସାମାଜିକ ଆନ୍ଦୋଳନର ରୂପ ନେବା ଆବଶ୍ୟକ ।ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ରେ ପକ୍ଷରୁ ଆୟୋଜିତ ସଂସ୍ଥାର ଭବ୍ୟ ଉଦ୍‌ଘାଟନ ଅନୁଷ୍ଠାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା । କାର୍ଯ୍ୟକ୍ରମଟି ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏଥିରେ ଶିକ୍ଷାବିଦ୍, ସାଇବର ବିଶେଷଜ୍ଞ, ଆଇନଜୀବୀ, ପ୍ରଯୁକ୍ତିବିଦ୍, ଗବେଷକ, ଛାତ୍ରଛାତ୍ରୀ ଓ ଯୁବ ପ୍ରଫେସନାଲମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ମୋତେ ଏହି ଅବସରରେ




ଯୋଗଦେବା ଓ ସାଇବର ଆଇନ, ଡିଜିଟାଲ ପ୍ରାଇଭେସି, , ଡାଟା ସୁରକ୍ଷା ଓ ସାମାଜିକ ଦାୟିତ୍ୱ ବିଷୟରେ ମତାମତ ରଖିବାର ସୁଯୋଗ ମିଳିଥିଲା । ଆଲୋଚନା ସମୟରେ ଏହା ଉପସ୍ଥାପିତ ହୋଇଥିଲା ଯେ ଆଜିର ଯୁବପିଢ଼ୀ କେବଳ ଡିଗ୍ରୀ ଅର୍ଜନ କରିଲେ ହେବ ନାହିଁ ସେମାନଙ୍କୁ ଟେକ୍ନୋଲୋଜି, ଆଇନ, ନୈତିକତା ଓ ଡିଜିଟାଲ ଦାୟିତ୍ୱ ବିଷୟରେ ମଧ୍ୟ ସଚେତନ ହେବାକୁ ପଡ଼ିବ । ଆଇନଗୁଡ଼ିକ ଡିଜିଟାଲ ଅପରାଧ ନିୟନ୍ତ୍ରଣ ଓ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ପାଇଁ ଏକ ଆଇନଗତ ଭିତ୍ତି ପ୍ରଦାନ କରୁଛି । କିନ୍ତୁ କେବଳ ଆଇନ ଥିଲେ ହେବ ନାହିଁ ଲୋକମାନଙ୍କ ମଧ୍ୟରେ ସାଇବର ସଚେତନତା ଓ ପ୍ରାୟୋଗିକ ଜ୍ଞାନ ନଥିଲେ ଅପରାଧ ପ୍ରତିରୋଧ ସମ୍ଭବ ନୁହେଁ ।

ବିଶେଷକରି ଆଜିର ସମୟରେର ବ୍ୟାପକ ବ୍ୟବହାର ନୂତନ ସୁଯୋଗ ସହ ନୂତନ ଜଟିଳତା ମଧ୍ୟ ଆଣୁଛି । ଦ୍ୱାରା ଅପରାଧ ବଢ଼ୁଛି । ସେହିପରି ର ସକାରାତ୍ମକ ବ୍ୟବହାର ମଧ୍ୟ ଅଛି ଇତ୍ୟାଦିରେ ବହୁତ ଉପକାରୀ ହେଉଛି । ତେଣୁ କୁ ଭୟ କରିବା ନୁହେଁ, ବରଂ ଏହାକୁ ନୈତିକ ଓ ଦାୟିତ୍ୱବାନ୍ ଭାବରେ ବ୍ୟବହାର କରିବା ଶିଖିବା ଆବଶ୍ୟକ ।ଏହି କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଯୁବ ନିଯୁକ୍ତି ଓ ଦକ୍ଷତା ବିକାଶ ଉପରେ ବିଶେଷ ଗୁରୁତ୍ୱ । ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀଙ୍କ ଯାଞ୍ଚ କରାଯାଇଥିଲା ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଓ ଅନ୍ୟାନ୍ୟ ଟେକ୍ନୋଲୋଜି ଭିତ୍ତିକ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଦେବାକୁ ଆଶ୍ୱାସନ ଦିଆଯାଇଥିଲା । ଆଜିର ବେକାରତ୍ୱ ପରିସ୍ଥିତିରେ ଏହିପରି - ଉଦ୍ୟମ ଯୁବମାନଙ୍କ ପାଇଁ ଆଶାର ଆଲୋକ ନେଇଆସୁଛି । ସମାଜରେ ଏକ ବଡ଼ ସମସ୍ୟା ହେଉଛି ଅନେକ ଛାତ୍ରଛାତ୍ରୀ କେବଳ ପାରମ୍ପରିକ ଡିଗ୍ରୀରେ ସୀମିତ ରହିଯାଉଛନ୍ତି । କିନ୍ତୁ ବର୍ତ୍ତମାନର ଚାକିରି ବଜାର ଟେକ୍ନୋଲୋଜି ଭିତ୍ତିକ ଦକ୍ଷତାକୁ ଅଧିକ ଗୁରୁତ୍ୱ ଦେଉଛି । ସେହିପାଇଁ , ପରି ଅନଲାଇନ ଶିକ୍ଷା ପ୍ଲାଟଫର୍ମରେ ପରି କୋର୍ସଗୁଡ଼ିକ ଅଧ୍ୟୟନ କରି ଯୁବମାନେ ନିଜକୁ ଦକ୍ଷ କରିପାରିବେ । ଓ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟମାନଙ୍କ ଏହିପରି କୋର୍ସ ଆଜି ଘରେ ବସି ଅଧ୍ୟୟନ କରିବାର ସୁଯୋଗ ଦେଉଛି ।ସାଇବର ସୁରକ୍ଷା କେବଳ ଟେକ୍ନୋଲୋଜିର ବିଷୟ ନୁହେଁ ଏହା ଆଇନ, ନୈତିକତା, ଶିକ୍ଷା, ମାନବିକତା ଓ ସାମାଜିକ ସଚେତନତା ସହ ଗଭୀର ଭାବରେ ଜଡିତ । ପରିବାର, ଶିକ୍ଷାନୁଷ୍ଠାନ, ସରକାର, ଆଇନ ବ୍ୟବସ୍ଥା ଓ ସାମାଜିକ ସଂଗଠନମାନେ ମିଳିତ ଭାବରେ ସାଇବର ସଚେତନତା ଗଢ଼ି ତୋଳିବା ଆବଶ୍ୟକ ।ଆଜିର ଯୁବପିଢ଼ୀ ହେଉଛି ଆସନ୍ତାକାଲିର ଡିଜିଟାଲ ଭାରତର ନିର୍ମାତା । ସେମାନଙ୍କୁ ଯଦି ସଠିକ୍ ଦିଗନିର୍ଦ୍ଦେଶ, ଟେକ୍ନୋଲୋଜିକାଲ୍ ଶିକ୍ଷା, ନୈତିକ ମୂଲ୍ୟବୋଧ ଓ ଆଇନଗତ ସଚେତନତା ଦିଆଯାଏ, ତେବେ ଭାରତ ନିଶ୍ଚୟ ଏକ ସୁରକ୍ଷିତ, ସଶକ୍ତ ଓ ଦାୟିତ୍ୱବାନ୍ ଡିଜିଟାଲ ରାଷ୍ଟ୍ରରେ ପରିଣତ ହେବ ।.

ପକ୍ଷରୁ ଆୟୋଜିତ ଏହିପରି କାର୍ଯ୍ୟକ୍ରମ ସାଇବର ସଚେତନତା, ଦକ୍ଷତା ବିକାଶ, ଯୁବ ନିଯୁକ୍ତି ଓ ସାମାଜିକ ଶିକ୍ଷାରେ ନିଶ୍ଚୟ ଏକ ମହତ୍ୱପୂର୍ଣ୍ଣ ଅବଦାନ ରଖିବ ।

ସଚେତନତା ହିଁ ସୁରକ୍ଷା । ଶିକ୍ଷା ହିଁ ଡିଜିଟାଲ ଶକ୍ତି । ଏବଂ ଦାୟିତ୍ୱବାନ୍ ନାଗରିକତା ହିଁ ସୁରକ୍ଷିତ ଡିଜିଟାଲ ଭବିଷ୍ୟତର ମୂଳ ଭିତ୍ତି ।

# ଗଞ୍ଜାମ କଳା ପରିଷଦରେ ପାର୍କିଂ ସମସ୍ୟା, ରାସ୍ତାରେ ଜମୁଛି ଭିଡ, ପ୍ରଶାସନ ଦୃଷ୍ଟି ଦେବା ଜରୁରୀ




ବ୍ରହ୍ମପୁର୍ ୪।୬(ଆନିସ): ଗଞ୍ଜାମ କଳା ପରିଷଦ ରେ ଚାଲିଛି ନାଟକ,କିନ୍ତୁ ପାର୍କିଂ ସମସ୍ୟା ଯୋଗୁଁ ରାସ୍ତାରେ ଦର୍ଶକ ଗାଡ଼ି ମୋଟର ରଖୁଛନ୍ତି ।ଟ୍ରାଫିକ ଭିଡ ସବୁବେଳେ ଲାଗି ରହୁଛି ,ସେପଟେ ଉତ୍କଳ ଆଶ୍ରମ ଭିତରକୁ କାହାରିକୁ ଛଡା ଯାଉନାହିଁ,ତେଣୁ ସମସ୍ୟା ବେଶୀ,ସେଠାରେ ପାର୍କିଂ କଲେ ଲାଗିବ ଅଧିକ ୫୦୦୦ ।ଏପରି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହୁଛି,ଲୋକେ ଅସୁବିଧା ହେଉଛନ୍ତି,ବ୍ରହ୍ମପୁର୍ ରେ ମଣ୍ଡପ ଅଭାବ, ଟାଉନ ହଲ ଆଉ ସଂସ୍କୃତି ଭବନ ସଂପୂର୍ଣ୍ଣ ବନ୍ଦ୍ ରହିଛି, ଯେଉଁମାନେ ଗଞ୍ଜାମ କଳା ପରିଷଦ ରେ ଉତ୍ସବ କି ସଭା କି ନାଟକ କରୁଛନ୍ତି ଦେବାକୁ ପଡୁଛି ୧୫୦୦୦ ରୁ ଅଧିକ ଟଙ୍କା, ତାପରେ ଆଉ ଗୋଟିଏ ଛୋଟ ମଞ୍ଚ ମଧ ଗଞ୍ଜାମ କଳା ପରିଷଦ ଭଡ଼ାରେ ଦଉଛି,ଗୋଟିଏ ସ୍ଥାନରେ ଦୁଇ ଦୁଇ ଟି କାଯ୍ୟକ୍ରମ ପ୍ରବଳ ଭିଡ ସହ ଟ୍ରାଫିକ ଜାମ୍ ।ଏହାକୁ ନେଇ କଳାକାର ଆଉ ଦର୍ଶକ ଙ୍କ ସହ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି ।ବୁଝିବାକୁ କେହି ନାହିଁ,ସମସ୍ତେ ନିରୁପାୟ ।ତେଣୁ ଜିଲ୍ଲାପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda